# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୨/୨୦୨୫ (୧୪ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, November 2/2025 | Page 14 | ₹ 7.00

୫୧ଶ ଭାଗ ୩୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 336 | ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୨/୨୦୨୫ | Bhubaneswar, Sunday, November 2/2025 | ପୃଷ୍ଠା-୧




**ବଢୁଛି ରଶ୍ମିକାଙ୍କ କ୍ରେଜ୍**
ବକ୍ସ ଅଫିସ୍‌ରେ 'ଥାମା'ର କଲେକ୍ସନକୁ ଦେଖିଲେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କ୍ରେଜ୍ ବଢୁଥିବା ସ୍ପଷ୍ଟ ହେଉଛି।

୦୯

୧୨

**ଟେନିସ୍‌ରୁ ବୋପାନ୍ନାଙ୍କ ଅବସର**
ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭାରତର ରୋହନ ବୋପାନ୍ନା ପ୍ରଫେସନାଲ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି।



# ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ

ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ଦେଶରେ ୪ଟି ନୂଆ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହି କ୍ରମେ ଜଟଣୀର ଇନ୍‌ଫୋଭ୍ୟାଲିରେ ଶନିବାର ରାଜ୍ୟର ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ ପଡ଼ିଛି। ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫାସିଲିଟିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଉତ୍ପାଦନ ୟୁନିଟ୍‌ର ଭୂମିପୂଜନ କରି କହିଛନ୍ତି, ଏହି ସଫଳତା ଓଡ଼ିଶାର ବିକାଶମୂଳକ ନୀତି ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ପରିବେଶକୁ ଦର୍ଶାଉଛି। ଓଡ଼ିଶାର ଶିଳ୍ପ ଓ କାରିଗରି ବିକାଶରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସିକ୍‌ସେମ୍ ଏଥିରେ ୨,୦୬୭ କୋଟି ଟଙ୍କାର ନିବେଶ କରିବ, ଯହିଁରୁ ପ୍ରାୟ ୫,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସରକାର ଆଶା କରିଛନ୍ତି।



ଜଟଣୀସ୍ଥିତ ଇନ୍‌ଫୋଭ୍ୟାଲିରେ ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର ୟୁନିଟ୍‌ର ଭୂମିପୂଜନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସିକ୍‌ସେମ୍ ଏମ୍‌ଡି ଗୁରୁ ଥାଲ୍ଲାପାନେନୀ।

**ଭୁବନେଶ୍ୱର,୧।୧୧ (ଅନୁରାଧା ମହାରଣା/ସୁନିତ୍ ମିଶ୍ର )**

- **ପ୍ରଥମ ୟୁନିଟ୍ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**
- **ଓଡ଼ିଶା ହେବ ପୂର୍ବୋଦୟର ପ୍ରବେଶପଥ: ଅଶ୍ୱିନୀ**
- **୨,୦୬୭ କୋଟିର ନିବେଶ, ସୃଷ୍ଟିହେବ ୫,୦୦୦ ନିଯୁକ୍ତି ସୁଯୋଗ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ଭୁବନେଶ୍ୱର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଭୂମିପୂଜନ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। ସମୁଦାୟ ୨,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଟରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧,୦୦୦ ପ୍ରଫେସନାଲଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜଭୁତ ହେଉଛି। ଏହି ମୁହୂର୍ତ୍ତ କେବଳ ଇଟା ଏବଂ ସିମେଣ୍ଟ ବିଷୟରେ ନୁହେଁ, ଏହା ଆକାଂକ୍ଷା, ସ୍ଥିରତା, ସହଯୋଗ ଏବଂ ଆତ୍ମନିର୍ଭରଶୀଳତାର ଉଦାହରଣ। ଏଥିରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ ତାହା ମିଶାଇଲ, ଇଲେକ୍ଟ୍ରୋନିକ୍ ଗାଡ଼ି, ପ୍ରତିରକ୍ଷା ଉପକରଣ, ରେଲୱେ ଓ ସୌରଶକ୍ତି ଭଳି କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକ୍‌ସେମ୍ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଚ୍ଚ ଆଣ୍ଡ ଇନୋଭେଶନ ସେଣ୍ଟର ସ୍ଥାପନ କରିଛି। ରେଳମନ୍ତ୍ରୀ ☞ପୃଷ୍ଠା-୨

# ଆନ୍ଧ୍ର ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା: ଓଡ଼ିଆ ଯୁବତୀଙ୍କ ସମେତ ୯ ମୃତ

**କାସିବୁଗା,(ପି.ଟି.)/ ପାତ୍ରପୁର, (ଉମାଚରଣ ନେପାକ) ୧।୧୧**

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କାସିବୁଗା ସହରରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ଦଳାଚକଟା ଘଟି ଜଣେ ଓଡ଼ିଆ ଯୁବତୀଙ୍କ ସମେତ ୯ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୮ ମହିଳା ଓ ଜଣେ ୧୨ ବର୍ଷର ବାଳକ ରହିଛନ୍ତି। ଅନ୍ୟ ଜଣେ ଗୁରୁତର ଥିବା କାସିବୁଗା ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି।

ମିନି ତିରୁପତି ମନ୍ଦିର ନାମରେ ପରିଚିତ ନବନିର୍ମିତ ଭେଙ୍କଟେଶ୍ୱର ମନ୍ଦିର ମାତ୍ର ୪ ମାସ ହେଲା ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଥିଲା। ଏଥିରେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିଛି। ଶନିବାର ଏକାଦଶୀ ଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ପାହାଚ ପାଖରେ ଏକ ଲୁହା ଗ୍ରିଲ୍ ଭୁଶୁଡ଼ି ପଡ଼ିବାରୁ କିଛି ଗୋଟାଏ ଖସିପଡ଼ିବ ଭାବି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଓ କେତେଜଣ ଲୋକ ୬ ଫୁଟ୍ ତଳକୁ ଖସିପଡ଼ିଥିଲେ। ଜଣକ ଉପରେ ଅନ୍ୟ ଜଣେ ପଡ଼ିଯିବାରୁ ଦଳାଚକଟା ଘଟିଥିଲା ବୋଲି ପୋଲିସ ସୂଚନା ଦେଇଛି। ମନ୍ଦିର ମାଲିକ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ଡାକି ନ ଥିଲେ ଓ ସେମାନଙ୍କୁ ପ୍ରବେଶ ଅନୁମତି ନ ଥିଲା ବୋଲି ଡିଏସ୍‌ପି କହିଛନ୍ତି। ମୃତକଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ରହିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜରଡା ଥାନା ଅନ୍ତର୍ଗତ ଗୁଡ଼ିପଦର ଗ୍ରାମର ରାଙ୍ଗଲା ରୂପା(୧୯)। ତାଙ୍କ ସହ ଯାଇଥିବା ବି. ରୋହିଣୀ ଆହତ ହୋଇଛନ୍ତି। ☞ପୃଷ୍ଠା-୨


ରାଙ୍ଗଲା ରୂପା

## ଜିଏସ୍‌ଟି ସଂଗ୍ରହ ୧.୯୬ ଲକ୍ଷ କୋଟି

**ନୂଆଦିଲ୍ଲୀ,୧।୧୧(ପି.ଟି.)**

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ହ୍ରାସ କରିବା ସତ୍ତ୍ୱେ ଅକ୍ଟୋବରରେ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ଗତବର୍ଷ ଅକ୍ଟୋବର ତୁଳନାରେ ଏହା ୪.୬ ପ୍ରତିଶତ ଅଧିକ। ତେବେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଏହା ସର୍ବନିମ୍ନ ବୃଦ୍ଧି। ସେପ୍ଟେମ୍ବର ୨୨ ନବରାତ୍ରିର ପ୍ରଥମ ଦିନରେ କେନ୍ଦ୍ର ସରକାର ରୋଷେଇ ସାମଗ୍ରୀଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଓ ଗାଡ଼ି ପର୍ଯ୍ୟନ୍ତ ୩୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିଥିଲେ। ଶନିବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧.୮୭ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଚଳିତ ବର୍ଷ ଅକ୍ଟୋବରରେ ତାହା ୪.୬% ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସ୍ଥାନୀୟ ବିକ୍ରିରୁ ରାଜସ୍ୱ ସଂଗ୍ରହ ୨ ପ୍ରତିଶତ ବଢ଼ି ୧.୪୫ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଆମଦାନୀରୁ ସଂଗୃହୀତ ଟିକସ ୧୩ ପ୍ରତଶତ ବଢ଼ି ୫୦,୮୮୪ କୋଟି ଟଙ୍କା ହୋଇଛି। ତେବେ ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବୃଦ୍ଧି ହାର ହାରାହାରି ୯ ପ୍ରତିଶତ ଥିବାବେଳେ ଅକ୍ଟୋବରରେ ତାହା ୪.୬ ପ୍ରତିଶତକୁ ଖସିଆସିଛି। ଗତ ଅଗଷ୍ଟରେ ଜିଏସ୍‌ଟି ସଂଗ୍ରହ ୬.୫% ବଢ଼ି ୧.୮୬ ଲକ୍ଷ କୋଟି ହୋଇଥିବାବେଳେ ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ୯.୧% ବୃଦ୍ଧି ପାଇ ୧.୮୯ ଲକ୍ଷ କୋଟି ଟଙ୍କା ହୋଇଥିଲା। ଅକ୍ଟୋବରରେ ପାର୍ବଣ ଋତୁ ଯୋଗୁ ଚାହିଦା ବୃଦ୍ଧି ସହ ଅଧିକ ସଂଖ୍ୟାରେ ଜିଏସ୍‌ଟି ସଂଗୃହୀତ ହୋଇଥିବା ଜଣାପଡ଼ିଛି।






# ଖୋଲିଲା ସୁଭଦ୍ରା ପୋର୍ଟାଲ

**ମାସେ ପର୍ଯ୍ୟନ୍ତ ଆବେଦନ**

**ଭୁବନେଶ୍ୱର, ୧।୧୧ (ସୁଚିସ୍ମିତା ସାହୁ)**

ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପାଇଁ ଶନିବାରଠାରୁ 'ସୁଭଦ୍ରା' ପୋର୍ଟାଲ ଖୋଲିଛି। ଯେଉଁମାନଙ୍କୁ ଏପ୍ରିଲ ୧ରୁ ୨୧ ବର୍ଷ ହୋଇଥିବ ସେମାନେ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ପାଇଁ ଆବେଦନ କରିପାରିବେ। ଏଥିସହ ପୂର୍ବରୁ ଯେଉଁମାନେ ଆବେଦନ କରି ନ ଥିବେ, ସେମାନେ ମଧ୍ୟ ସୁଯୋଗ ପାଇବେ। ଯୋଗ୍ୟ ଆବେଦନକାରୀଙ୍କୁ ମାର୍ଚ୍ଚ ୮ରେ ଏକକାଳୀନ ଦୁଇଟି କିସ୍ତି ଅର୍ଥାତ ୧୦ହଜାର ଟଙ୍କା ମିଳିବ। ମାସେ ପର୍ଯ୍ୟନ୍ତ ମହିଳାମାନେ ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ ଓ ଆବଶ୍ୟକ ପଡ଼ିଲେ ଏହାକୁ ଆହୁରି ବୃଦ୍ଧି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ହିତାଧିକାରୀଙ୍କ ସହ ଯେଉଁମାନେ କୌଣସି କାରଣ ବଶତଃ ଆବେଦନ କରି କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ବିଦେଶରେ ରହୁଥିଲେ ଏବେ ଆସିଛନ୍ତି, ସେମାନେ ମଧ୍ୟ ଆବେଦନ କରିପାରିବେ। କିନ୍ତୁ ଯେଉଁମାନେ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ମଧ୍ୟ ସେମାନଙ୍କ ଆବେଦନକୁ ରିଜେକ୍ଟ କରାଯାଇଛି, ସେମାନେ ଆବେଦନ କରନ୍ତୁ ନାହିଁ। ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରିପାରିବେ। କୌଣସି ସ୍ଥାନରେ ଭିଡ଼ ନ କରି ନିଜ ମୋବାଇଲ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

**ଆଜିର ସମ୍ପାଦକୀୟ** ସ୍ମାର୍ଟ ସିଟିର ବାସ୍ତବତା

## ଉପକୂଳରେ ୬ ମାସିଆ ସାମୁଦ୍ରିକ କଇଁଛ କଟକଣା

**ପାରାଦୀପ,୧।୧୧ (ଶରତ ରାଉତ)**

ଓଡ଼ିଶାର ୪୮୨ କିମି ସାମୁଦ୍ରିକ ଉପକୂଳରେ ଶନିବାରଠାରୁ ସରକାରୀ ଭାବେ କଇଁଛ କଟକଣା ଜାରି କରାଯାଇଛି। ଏହି କଟକଣା ଆସନ୍ତା ମେ' ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିଶେଷକରି ଋଷିକୁଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। କାରଣ ଏହି ସମୟରେ ବିଲୁପ୍ତପ୍ରାୟ ସାମୁଦ୍ରିକ ଅଲିଭ ରିଡ୍‌ଲେ କଇଁଛ ଆଗମନ କରିବା ସହ ମିଳନ ଓ ଅଣ୍ଡାଦାନ ଆଦି କରିବେ। ଏଥିଯୋଗୁ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ଆଇନ ୧୯୮୧ ଅନୁସାରେ ☞ପୃଷ୍ଠା-୨

# ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ

**ଏସ୍‌ଆଇ ପରୀକ୍ଷା ଜାଲିଆତି**

**ଭୁବନେଶ୍ୱର,୧।୧୧ (ସତ୍ୟଜିତ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ନେପାଳ ସୀମା ଉତ୍ତରାଖଣ୍ଡରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଶଙ୍କରଙ୍କୁ କାବୁ କରିଥିବା ଜଣାପଡ଼ିଛି। ତାଙ୍କୁ ଓଡ଼ିଶା ଆଣିବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ କୋର୍ଟରେ ଶଙ୍କରଙ୍କୁ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି। ଶଙ୍କର ବହୁଦିନ ଧରି କ୍ରାଇମବ୍ରାଞ୍ଚକୁ ଚକ୍‌ମା ଦେଇ ଫେରାର ଥିବା ବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର ଜାରି ହୋଇଥିଲା। କ୍ରାଇମବ୍ରାଞ୍ଚର ବିଭିନ୍ନ ଟିମ ବିଭିନ୍ନ ରାଜ୍ୟରେ ଶଙ୍କରଙ୍କୁ ଧରିବାକୁ ଅପରେଶନ୍ ଚଳାଇଥିଲା। ଶଙ୍କରଙ୍କ ସହ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ ସାହୁଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିବା ସୂଚନା ମିଳିଛି। ଉଭୟଙ୍କ ଗିରଫ ପରେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୨୫ରେ ପହଞ୍ଚିଛି। ଗତ ଅକ୍ଟୋବର ୧୬ରେ ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନା ମହାନ୍ତିଙ୍କ ସମେତ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଅଭିଯୁକ୍ତ ମୁନା ଓ ଶ୍ରୀକାନ୍ତ ସେମାନଙ୍କ ସହଯୋଗୀ ଅଭିମନ୍ୟୁଙ୍କ ଦଶପଲ୍ଲାସ୍ଥିତ ଫାର୍ମ ହାଉସ୍‌ରେ ଲୁଚିଥିବା ବେଳେ କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଧରିଥିଲା।

ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍‌କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ଶଙ୍କରଙ୍କ ମାଲିକାନାରେ ଥିବା ପଞ୍ଚସଫ୍ଟକୁ ଦେଇଥିଲା। କିଛି ଅଧିକାରୀଙ୍କ ସହ ମିଶି ଶଙ୍କର ଜାଲିଆତି ଯୋଜନା କରିଥିଲେ ବୋଲି ଅଭିଯୋଗ ରହିଛି। ଶଙ୍କରଙ୍କ ନିର୍ଦ୍ଦେଶରେ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ ଏଜେନ୍ସିରୁ ୩ଟି ବସ୍ ଠିକ୍ କରିଥିଲେ। ସେଥିପାଇଁ ମୁନା ୨.୩୦ ଲକ୍ଷ ଟଙ୍କା ମଧ୍ୟ ନିଜ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଇଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀଙ୍କ ସାଙ୍ଗ ପ୍ରିୟଦର୍ଶିନୀ ସାମଲଙ୍କୁ ମଧ୍ୟ ସାମିଲ କରିଥିଲେ। ହେଲେ ଏ ର୍‌ୟାକେଟ ଧରାପଡ଼ିବା ପରେ ପ୍ରିୟଦର୍ଶିନୀଙ୍କ ମାଧ୍ୟମରେ ☞ପୃଷ୍ଠା-୨



# ଆଜି ଭାରତ-ଦ. ଆଫ୍ରିକା ଫାଇନାଲ



ନଭିମୁମ୍ବାଇରେ ଶନିବାର ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ସହ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର ଓ ଦକ୍ଷିଣ ଆଫ୍ରିକାର ଲୌରା ୱାଲଭାର୍ଡଟ୍।

**ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍**

**ନଭି ମୁମ୍ବାଇ,୧।୧୧(ପି.ଟି.)**

ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ରବିବାର ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍‌ଟେଜ ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ☞ପୃଷ୍ଠା-୨

# କପି ଧରାପଡ଼ିଲେ 'ଶୂନ' | ୟୁଏଇରେ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ

**ଦୁବାଇ,୧।୧୧**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପରୀକ୍ଷା ଋତୁର ଆଗମନ ସହ ସେଠାକାର ସରକାର ପରୀକ୍ଷାର୍ଥୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାଇଁ କଡ଼ା ନିୟମ କରିଛନ୍ତି। ତଦନୁସାରେ କୌଣସି ଛାତ୍ରୀଛାତ୍ର ପରୀକ୍ଷା ବେଳେ କପି କରି ଧରାପଡ଼ିଲେ ତାଙ୍କୁ ଶୂନ ମାର୍କ ମିଳିବ। ଏପରି କି ପରୀକ୍ଷା ପରିଚାଳନା ଓ ନିରୀକ୍ଷଣକାରୀ ଷ୍ଟାଫ୍‌ଙ୍କୁ ମଧ୍ୟ ୨ ଲକ୍ଷ ଧିରାମ (ପ୍ରାୟ ୪୮ ଲକ୍ଷ ଟଙ୍କା) ଜରିମାନା ଦେବାକୁ ପଡ଼ିବ।

ୟୁଏଇରେ ନଭେମ୍ବର ୨୦ରେ ପ୍ରଥମ ଅବଧି କେନ୍ଦ୍ରୀୟ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ଦେଶର ଶିକ୍ଷା ମନ୍ତ୍ରଣାଳୟ ଅସାଧୁ ଉପାୟ ଅବଲମ୍ବନ କରୁଥିବା ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ କଟକଣା ଜାରି କରିଛି। ପରୀକ୍ଷା ହଲ୍‌ରେ ମୋବାଇଲ ଫୋନ୍ ସମେତ ଅନ୍ୟ ସମସ୍ତ ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର ଉପରେ କଟକଣା ଲଗାଯାଇଛି। ସେହିପରି ସୋସିଆଲ ମିଡିଆ କିମ୍ବା ଅନ୍ୟ କୌଣସି ଡିଜିଟାଲ ପ୍ଲାଟ୍‌ଫର୍ମରେ ପ୍ରଶ୍ନପତ୍ର ପୋଷ୍ଟ କରିବା, ଅନ୍ୟ ପରୀକ୍ଷାର୍ଥୀଙ୍କ ସହ କଥା ହେବା ଏବଂ ଇନ୍‌ଭିଜିଲେଟରଙ୍କୁ ପ୍ରଭାବିତ ଉଦ୍ୟମ କରିବା ଭଳି କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ। ପିଲାମାନେ ପରୀକ୍ଷା ହଲ୍‌ରେ କପି କରିପାରିବେ ନାହିଁ। ଯଦି କେହି କପି ଉତାରୁଥିବା ଧରାପଡ଼ନ୍ତି, ତେବେ ତାଙ୍କୁ ଜିରୋ ଗ୍ରେଡ୍ ମିଳିବ। ଏହାସହ ୧୨-ପଏଣ୍ଟ କଣ୍ଡକ୍ଟ ପେନାଲ୍ଟି ମଧ୍ୟ ଜାରି କରାଯିବ, ଯାହାକି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଆଚରଣ ରେକର୍ଡ କ୍ଷେତ୍ରରେ ପ୍ରଯୁଜ୍ୟ ହେବ। ତାଙ୍କୁ ଆଚରଣରେ ସଂସ୍କାର ପାଇଁ ସ୍ୱତନ୍ତ୍ର କାଉନ୍‌ସେଲିଂ କରାଯିବ। ପିଲା କପି କରୁଥିବା ଦେଖି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା କର୍ମଚାରୀ ଜରିମାନା ବାବଦକୁ ୪୮ ଲକ୍ଷ ଟଙ୍କା ଦେବେ। ଏହି ନୂଆ ନିୟମ ସାରା ଦେଶର ସରକାରୀ ଓ ଘରୋଇ ସ୍କୁଲଗୁଡ଼ିକ କ୍ଷେତ୍ରରେ ଲାଗୁ ହେବ। ଅର୍ଥାତ୍ ପରୀକ୍ଷାରେ କୌଣସି ପ୍ରକାର ଅସାଧୁ ଉପାୟକୁ ଆଦୌ ବରଦାସ୍ତ କରାଯାଇପାରିବ ନାହିଁ ବୋଲି 'ଗାଇଡ୍ ଟୁ କମ୍ବାଟିଂ ଚିଟିଂ ଆଣ୍ଡ୍ ଏକ୍‌ଜାମ ମିସ୍‌କଣ୍ଡକ୍ଟ'ରେ ଶିକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ ସନ୍ଦେଶ ଦେଇଛି। ୟୁଏଇର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖି ଜାତୀୟ ମୂଲ୍ୟାଙ୍କନରେ ସୁଧାର ଆଣିବା ପାଇଁ ଏଥିରେ ଆଣ୍ଟି-ଚିଟିଂ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହାଦ୍ୱାରା ସମସ୍ତ ପରୀକ୍ଷାର୍ଥୀ ସମାନ ସୁଯୋଗ ଲାଭ କରିପାରିବେ ବୋଲି ମନ୍ତ୍ରଣାଳୟ କହିଛି।



ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୨/୨୦୨୫ | Bhubaneswar, Sunday, November 2/2025 | ପୃଷ୍ଠା-୧



**ବଢୁଛି ରଶ୍ମିକାଙ୍କ କ୍ରେଜ୍**
ବକ୍ସ ଅଫିସ୍‌ରେ 'ଥାମା'ର କଲେକ୍ସନକୁ ଦେଖିଲେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କ୍ରେଜ୍ ବଢୁଥିବା ସ୍ପଷ୍ଟ ହେଉଛି। ୦୯

୧୨ **ଟେନିସ୍‌ରୁ ବୋପାନ୍ନାଙ୍କ ଅବସର**
ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭାରତର ରୋହନ ବୋପାନ୍ନା ପ୍ରଫେସନାଲ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି।



# ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ

ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ଦେଶରେ ୪ଟି ନୂଆ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହି କ୍ରମେ ଜଟଣୀର ଇନ୍‌ଫୋଭ୍ୟାଲିରେ ଶନିବାର ରାଜ୍ୟର ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ ପଡ଼ିଛି। ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫାସିଲିଟିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଉତ୍ପାଦନ ୟୁନିଟ୍‌ର ଭୂମିପୂଜନ କରି କହିଛନ୍ତି, ଏହି ସଫଳତା ଓଡ଼ିଶାର ବିକାଶମୂଳକ ନୀତି ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ପରିବେଶକୁ ଦର୍ଶାଉଛି। ଓଡ଼ିଶାର ଶିଳ୍ପ ଓ କାରିଗରି ବିକାଶରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସିକ୍‌ସେମ୍ ଏଥିରେ ୨,୦୬୭ କୋଟି ଟଙ୍କାର ନିବେଶ କରିବ, ଯହିଁରୁ ପ୍ରାୟ ୫,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସରକାର ଆଶା କରିଛନ୍ତି।



ଜଟଣୀସ୍ଥିତ ଇନ୍‌ଫୋଭ୍ୟାଲିରେ ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର ୟୁନିଟ୍‌ର ଭୂମିପୂଜନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସିକ୍‌ସେମ୍ ଏମ୍‌ଡି ଗୁରୁ ଥାଲ୍ଲାପାନେନୀ।

**ଭୁବନେଶ୍ୱର,୧।୧୧ (ଅନୁରାଧା ମହାରଣା/ସୁନିତ୍ ମିଶ୍ର)**

- **ପ୍ରଥମ ୟୁନିଟ୍ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**
- **ଓଡ଼ିଶା ହେବ ପୂର୍ବୋଦୟର ପ୍ରବେଶପଥ: ଅଶ୍ୱିନୀ**
- **୨,୦୬୭ କୋଟିର ନିବେଶ, ସୃଷ୍ଟିହେବ ୫,୦୦୦ ନିଯୁକ୍ତି ସୁଯୋଗ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ଭୁବନେଶ୍ୱର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଭୂମିପୂଜନ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। ସମୁଦାୟ ୨,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧,୦୦୦ ପ୍ରଫେସନାଲଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜଭୁତ ହେଉଛି। ଏହି ମୁହୂର୍ତ୍ତ କେବଳ ଇଟା ଏବଂ ସିମେଣ୍ଟ ବିଷୟରେ ନୁହେଁ, ଏହା ଆକାଂକ୍ଷା, ସ୍ଥିରତା, ସହଯୋଗ ଏବଂ ଆତ୍ମନିର୍ଭରଶୀଳତାର ଉଦାହରଣ। ଏଥିରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ ତାହା ମିଶାଇଲ, ଇଲେକ୍ଟ୍ରୋନିକ୍ ଗାଡ଼ି, ପ୍ରତିରକ୍ଷା ଉପକରଣ, ରେଲୱେ ଓ ସୌରଶକ୍ତି ଭଳି କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକ୍‌ସେମ୍ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଚ୍ଚ ଆଣ୍ଡ ଇନୋଭେଶନ ସେଣ୍ଟର ସ୍ଥାପନ କରିଛି। ରେଳମନ୍ତ୍ରୀ ☞ପୃଷ୍ଠା-୨

## ଆନ୍ଧ୍ର ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା: ଓଡ଼ିଆ ଯୁବତୀଙ୍କ ସମେତ ୯ ମୃତ

**କାସିବୁଗା,(ପି.ଟି.)/ ପାତ୍ରପୁର, (ଉମାଚରଣ ନେପାକ) ୧।୧୧**

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କାସିବୁଗା ସହରରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ଦଳାଚକଟା ଘଟି ଜଣେ ଓଡ଼ିଆ ଯୁବତୀଙ୍କ ସମେତ ୯ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୮ ମହିଳା ଓ ଜଣେ ୧୨ ବର୍ଷର ବାଳକ ରହିଛନ୍ତି। ଅନ୍ୟ ଜଣେ ଗୁରୁତର ଥିବା କାସିବୁଗା ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି।

ମିନି ତିରୁପତି ମନ୍ଦିର ନାମରେ ପରିଚିତ ନବନିର୍ମିତ ଭେଙ୍କଟେଶ୍ୱର ମନ୍ଦିର ମାତ୍ର ୪ ମାସ ହେଲା ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଥିଲା। ଏଥିରେ ପ୍ରବେଶ


ରାଙ୍ଗଲା ରୂପା

ଓ ପ୍ରସ୍ଥାନ ପଥ ଗୋଟିଏ ରହିଛି। ଶନିବାର ଏକାଦଶୀ ଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ପାହାଚ ପାଖରେ ଏକ ଲୁହା ଗ୍ରିଲ୍ ଭୁଶୁଡ଼ି ପଡ଼ିବାରୁ କିଛି ଗୋଟାଏ ଖସିପଡ଼ିବ ଭାବି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଓ କେତେଜଣ ଲୋକ ୬ ଫୁଟ୍ ତଳକୁ ଖସିପଡ଼ିଥିଲେ। ଜଣକ ଉପରେ ଅନ୍ୟ ଜଣେ ପଡ଼ିଯିବାରୁ ଦଳାଚକଟା ଘଟିଥିଲା ବୋଲି ପୋଲିସ ସୂଚନା ଦେଇଛି। ମନ୍ଦିର ମାଲିକ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ଡାକି ନ ଥିଲେ ଓ ସେମାନଙ୍କୁ ପ୍ରବେଶ ଅନୁମତି ନ ଥିଲା ବୋଲି ଡିଏସ୍‌ପି କହିଛନ୍ତି। ମୃତକଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ରହିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜରଡା ଥାନା ଅନ୍ତର୍ଗତ ଗୁଡ଼ିପଦର ଗ୍ରାମର ରାଙ୍ଗଲା ରୂପା(୧୯)। ତାଙ୍କ ସହ ଯାଇଥିବା ବି. ରୋହିଣୀ ଆହତ ହୋଇଛନ୍ତି। ☞ପୃଷ୍ଠା-୨

## ଜିଏସ୍‌ଟି ସଂଗ୍ରହ ୧.୯୬ ଲକ୍ଷ କୋଟି

**ନୂଆଦିଲ୍ଲୀ,୧।୧୧(ପି.ଟି.)**

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ହ୍ରାସ କରିବା ସତ୍ତ୍ୱେ ଅକ୍ଟୋବରରେ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ଗତବର୍ଷ ଅକ୍ଟୋବର ତୁଳନାରେ ଏହା ୪.୬ ପ୍ରତିଶତ ଅଧିକ। ତେବେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଏହା ସର୍ବନିମ୍ନ ବୃଦ୍ଧି। ସେପ୍ଟେମ୍ବର ୨୨ ନବରାତ୍ରିର ପ୍ରଥମ ଦିନରେ କେନ୍ଦ୍ର ସରକାର ରୋଷେଇ ସାମଗ୍ରୀଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଓ ଗାଡ଼ି ପର୍ଯ୍ୟନ୍ତ ୩୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିଥିଲେ। ଶନିବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧.୮୭ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଚଳିତ ବର୍ଷ ଅକ୍ଟୋବରରେ ତାହା ୪.୬% ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସ୍ଥାନୀୟ ବିକ୍ରିରୁ ରାଜସ୍ୱ ସଂଗ୍ରହ ୨ ପ୍ରତିଶତ ବଢ଼ି ୧.୪୫ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଆମଦାନୀରୁ ସଂଗୃହୀତ ଟିକସ ୧୩ ପ୍ରତଶତ ବଢ଼ି ୫୦,୮୮୪ କୋଟି ଟଙ୍କା ହୋଇଛି। ତେବେ ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବୃଦ୍ଧି ହାର ହାରାହାରି ୯ ପ୍ରତିଶତ ଥିବାବେଳେ ଅକ୍ଟୋବରରେ ତାହା ୪.୬ ପ୍ରତିଶତକୁ ଖସିଆସିଛି। ଗତ ଅଗଷ୍ଟରେ ଜିଏସ୍‌ଟି ସଂଗ୍ରହ ୬.୫% ବଢ଼ି ୧.୮୬ ଲକ୍ଷ କୋଟି ହୋଇଥିବାବେଳେ ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ୯.୧% ବୃଦ୍ଧି ପାଇ ୧.୮୯ ଲକ୍ଷ କୋଟି ଟଙ୍କା ହୋଇଥିଲା। ଅକ୍ଟୋବରରେ ପାର୍ବଣ ଋତୁ ଯୋଗୁ ଚାହିଦା ବୃଦ୍ଧି ସହ ଅଧିକ ସଂଖ୍ୟାରେ ଜିଏସ୍‌ଟି ସଂଗୃହୀତ ହୋଇଥିବା ଜଣାପଡ଼ିଛି।




## ଖୋଲିଲା ସୁଭଦ୍ରା ପୋର୍ଟାଲ

**ମାସେ ପର୍ଯ୍ୟନ୍ତ ଆବେଦନ**

**ଭୁବନେଶ୍ୱର, ୧।୧୧ (ସୁଚିସ୍ମିତା ସାହୁ)**

ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପାଇଁ ଶନିବାରଠାରୁ 'ସୁଭଦ୍ରା' ପୋର୍ଟାଲ ଖୋଲିଛି। ଯେଉଁମାନଙ୍କୁ ଏପ୍ରିଲ ୧ରୁ ୨୧ ବର୍ଷ ହୋଇଥିବ ସେମାନେ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ପାଇଁ ଆବେଦନ କରିପାରିବେ। ଏଥିସହ ପୂର୍ବରୁ ଯେଉଁମାନେ ଆବେଦନ କରି ନ ଥିବେ, ସେମାନେ ମଧ୍ୟ ସୁଯୋଗ ପାଇବେ। ଯୋଗ୍ୟ ଆବେଦନକାରୀଙ୍କୁ ମାର୍ଚ୍ଚ ୮ରେ ଏକକାଳୀନ ଦୁଇଟି କିସ୍ତି ଅର୍ଥାତ ୧୦ହଜାର ଟଙ୍କା ମିଳିବ। ମାସେ ପର୍ଯ୍ୟନ୍ତ ମହିଳାମାନେ ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ ଓ ଆବଶ୍ୟକ ପଡ଼ିଲେ ଏହାକୁ ଆହୁରି ବୃଦ୍ଧି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ହିତାଧିକାରୀଙ୍କ ସହ ଯେଉଁମାନେ କୌଣସି କାରଣ ବଶତଃ ଆବେଦନ କରି କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ବିଦେଶରେ ରହୁଥିଲେ ଏବେ ଆସିଛନ୍ତି, ସେମାନେ ମଧ୍ୟ ଆବେଦନ କରିପାରିବେ। କିନ୍ତୁ ଯେଉଁମାନେ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ମଧ୍ୟ ସେମାନଙ୍କ ଆବେଦନକୁ ରିଜେକ୍ଟ କରାଯାଇଛି, ସେମାନେ ଆବେଦନ କରନ୍ତୁ ନାହିଁ। ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରିପାରିବେ। କୌଣସି ସ୍ଥାନରେ ଭିଡ଼ ନ କରି ନିଜ ମୋବାଇଲ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

**ଆଜିର ସମ୍ପାଦକୀୟ** ସ୍ମାର୍ଟ ସିଟିର ବାସ୍ତବତା

## ଉପକୂଳରେ ୬ ମାସିଆ ସାମୁଦ୍ରିକ କଇଁଛ କଟକଣା

**ପାରାଦୀପ,୧।୧୧ (ଶରତ ରାଉତ)**

ଓଡ଼ିଶାର ୪୮୨ କିମି ସାମୁଦ୍ରିକ ଉପକୂଳରେ ଶନିବାରଠାରୁ ସରକାରୀ ଭାବେ କଇଁଛ କଟକଣା ଜାରି କରାଯାଇଛି। ଏହି କଟକଣା ଆସନ୍ତା ମେ' ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିଶେଷକରି ଋଷିକୁଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। କାରଣ ଏହି ସମୟରେ ବିଲୁପ୍ତପ୍ରାୟ ସାମୁଦ୍ରିକ ଅଲିଭ ରିଡ୍‌ଲେ କଇଁଛ ଆଗମନ କରିବା ସହ ମିଳନ ଓ ଅଣ୍ଡାଦାନ ଆଦି କରିବେ। ଏଥିଯୋଗୁ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ଆଇନ ୧୯୮୧ ଅନୁସାରେ ☞ପୃଷ୍ଠା-୨

## ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ

**ଏସ୍‌ଆଇ ପରୀକ୍ଷା ଜାଲିଆତି**

**ଭୁବନେଶ୍ୱର,୧।୧୧ (ସତ୍ୟଜିତ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ନେପାଳ ସୀମା ଉତ୍ତରାଖଣ୍ଡରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଶଙ୍କରଙ୍କୁ କାବୁ କରିଥିବା ଜଣାପଡ଼ିଛି। ତାଙ୍କୁ ଓଡ଼ିଶା ଆଣିବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ କୋର୍ଟରେ ଶଙ୍କରଙ୍କୁ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି। ଶଙ୍କର ବହୁଦିନ ଧରି କ୍ରାଇମବ୍ରାଞ୍ଚକୁ ଚକ୍‌ମା ଦେଇ ଫେରାର ଥିବା ବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର ଜାରି ହୋଇଥିଲା। କ୍ରାଇମବ୍ରାଞ୍ଚର ବିଭିନ୍ନ ଟିମ ବିଭିନ୍ନ



ରାଜ୍ୟରେ ଶଙ୍କରଙ୍କୁ ଧରିବାକୁ ଅପରେଶନ୍ ଚଳାଇଥିଲା। ଶଙ୍କରଙ୍କ ସହ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ ସାହୁଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିବା ସୂଚନା ମିଳିଛି। ଉଭୟଙ୍କ ଗିରଫ ପରେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୨୫ରେ ପହଞ୍ଚିଛି। ଗତ ଅକ୍ଟୋବର ୧୬ରେ ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନା ମହାନ୍ତିଙ୍କ ସମେତ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଅଭିଯୁକ୍ତ ମୁନା ଓ ଶ୍ରୀକାନ୍ତ ସେମାନଙ୍କ ସହଯୋଗୀ ଅଭିମନ୍ୟୁଙ୍କ ଦଶପଲ୍ଲାସ୍ଥିତ ଫାର୍ମ ହାଉସ୍‌ରେ ଲୁଚିଥିବା ବେଳେ କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଧରିଥିଲା।

ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ଶଙ୍କରଙ୍କ ମାଲିକାନାରେ ଥିବା ପଞ୍ଚସଫ୍ଟକୁ ଦେଇଥିଲା। କିଛି ଅଧିକାରୀଙ୍କ ସହ ମିଶି ଶଙ୍କର ଜାଲିଆତି ଯୋଜନା କରିଥିଲେ ବୋଲି ଅଭିଯୋଗ ରହିଛି। ଶଙ୍କରଙ୍କ ନିର୍ଦ୍ଦେଶରେ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ ଏଜେନ୍ସିରୁ ୩ଟି ବସ୍ ଠିକ୍ କରିଥିଲେ। ସେଥିପାଇଁ ମୁନା ୨.୩୦ ଲକ୍ଷ ଟଙ୍କା ମଧ୍ୟ ନିଜ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଇଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀଙ୍କ ସାଙ୍ଗ ପ୍ରିୟଦର୍ଶିନୀ ସାମଲଙ୍କୁ ମଧ୍ୟ ସାମିଲ କରିଥିଲେ। ହେଲେ ଏ ର୍‍ୟାକେଟ ଧରାପଡ଼ିବା ପରେ ପ୍ରିୟଦର୍ଶିନୀଙ୍କ ମାଧ୍ୟମରେ ☞ପୃଷ୍ଠା-୨

## ଆଜି ଭାରତ-ଦ. ଆଫ୍ରିକା ଫାଇନାଲ



ନବିମୁମ୍ବାଇରେ ଶନିବାର ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ସହ ଭାରତୀୟ ଦଳର ଅଧିନାୟିକା ହର୍‌ମନପ୍ରୀତ କୌର ଓ ଦକ୍ଷିଣ ଆଫ୍ରିକାର ଲୌରା ୱାଲଭାର୍ଡ୍‌ଟ୍।

**ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍**

**ନଭି ମୁମ୍ବାଇ,୧।୧୧(ପି.ଟି.)**

ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ରବିବାର ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍‌ଟେଜ ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ☞ପୃଷ୍ଠା-୨

## କପି ଧରାପଡ଼ିଲେ 'ଶୂନ' | ୟୁଏଇରେ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ

**ଦୁବାଇ,୧।୧୧**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପରୀକ୍ଷା ଋତୁର ଆଗମନ ସହ ସେଠାକାର ସରକାର ପରୀକ୍ଷାର୍ଥୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାଇଁ କଡ଼ା ନିୟମ କରିଛନ୍ତି। ତଦନୁସାରେ କୌଣସି ଛାତ୍ରୀଛାତ୍ର ପରୀକ୍ଷା ବେଳେ କପି କରି ଧରାପଡ଼ିଲେ ତାଙ୍କୁ ଶୂନ ମାର୍କ ମିଳିବ। ଏପରି କି ପରୀକ୍ଷା ପରିଚାଳନା ଓ ନିରୀକ୍ଷଣକାରୀ ଷ୍ଟାଫ୍‌ଙ୍କୁ ମଧ୍ୟ ୨ ଲକ୍ଷ ଧିରାମ (ପ୍ରାୟ ୪୮ ଲକ୍ଷ ଟଙ୍କା) ଜରିମାନା ଦେବାକୁ ପଡ଼ିବ।

ୟୁଏଇରେ ନଭେମ୍ବର ୨୦ରେ ପ୍ରଥମ ଅବଧି କେନ୍ଦ୍ରୀୟ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ଦେଶର ଶିକ୍ଷା ମନ୍ତ୍ରଣାଳୟ ଅସାଧୁ ଉପାୟ ଅବଲମ୍ବନ କରୁଥିବା ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ କଟକଣା ଜାରି କରିଛି। ପରୀକ୍ଷା ହଲ୍‌ରେ ମୋବାଇଲ ଫୋନ୍ ସମେତ ଅନ୍ୟ ସମସ୍ତ ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର ଉପରେ କଟକଣା ଲଗାଯାଇଛି। ସେହିପରି ସୋସିଆଲ ମିଡିଆ କିମ୍ବା ଅନ୍ୟ କୌଣସି ଡିଜିଟାଲ ପ୍ଲାଟ୍‌ଫର୍ମରେ ପ୍ରଶ୍ନପତ୍ର ପୋଷ୍ଟ କରିବା, ଅନ୍ୟ ପରୀକ୍ଷାର୍ଥୀଙ୍କ ସହ କଥା ହେବା ଏବଂ ଇନ୍‌ଭିଜିଲେଟରଙ୍କୁ ପ୍ରଭାବିତ ଉଦ୍ୟମ କରିବା ଭଳି କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ। ପିଲାମାନେ ପରୀକ୍ଷା ହଲ୍‌ରେ କପି କରିପାରିବେ ନାହିଁ। ଯଦି କେହି କପି ଉତାରୁଥିବା



ଧରାପଡ଼ନ୍ତି, ତେବେ ତାଙ୍କୁ ଜିରୋ ଗ୍ରେଡ୍ ମିଳିବ। ଏହାସହ ୧୨-ପଏଣ୍ଟ କଣ୍ଡକ୍ଟ ପେନାଲ୍ଟି ମଧ୍ୟ ଜାରି କରାଯିବ, ଯାହାକି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଆଚରଣ ରେକର୍ଡ କ୍ଷେତ୍ରରେ ପ୍ରଯୁଜ୍ୟ ହେବ। ତାଙ୍କୁ ଆଚରଣରେ ସଂସ୍କାର ପାଇଁ ସ୍ୱତନ୍ତ୍ର କାଉନ୍‌ସେଲିଂ କରାଯିବ। ପିଲା କପି କରୁଥିବା ଦେଖି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା କର୍ମଚାରୀ ଜରିମାନା ବାବଦକୁ ୪୮ ଲକ୍ଷ ଟଙ୍କା ଦେବେ। ଏହି ନୂଆ ନିୟମ ସାରା ଦେଶର ସରକାରୀ ଓ ଘରୋଇ ସ୍କୁଲଗୁଡ଼ିକ କ୍ଷେତ୍ରରେ ଲାଗୁ ହେବ। ଅର୍ଥାତ୍ ପରୀକ୍ଷାରେ କୌଣସି ପ୍ରକାର ଅସାଧୁ ଉପାୟକୁ ଆଦୌ ବରଦାସ୍ତ କରାଯାଇପାରିବ ନାହିଁ ବୋଲି 'ଗାଇଡ୍ ଟୁ କମ୍ବାଟିଂ ଚିଟିଂ ଆଣ୍ଡ ଏକ୍‌ଜାମ ମିସ୍‌କଣ୍ଡକ୍ଟ'ରେ ଶିକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ ସନ୍ଦେଶ ଦେଇଛି। ୟୁଏଇର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖି ଜାତୀୟ ମୂଲ୍ୟାଙ୍କନରେ ସୁଧାର ଆଣିବା ପାଇଁ ଏଥିରେ ଆଣ୍ଟି-ଚିଟିଂ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହାଦ୍ୱାରା ସମସ୍ତ ପରୀକ୍ଷାର୍ଥୀ ସମାନ ସୁଯୋଗ ଲାଭ କରିପାରିବେ ବୋଲି ମନ୍ତ୍ରଣାଳୟ କହିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳନ, ସ୍ଥାନ: ସାଇ ଜନନୀ , ୟୁନିଟ୍ ୩, ସମୟ: ପ୍ରାତଃ ୫ଟା ୩୦ ।
- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀର ଉଦ୍‌ଘାଟନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଅଙ୍କୁର ଫାଉଣ୍ଡେଶନ୍ ପକ୍ଷରୁ ଶିଶୁ ସାହିତ୍ୟ ଉତ୍ସବ ୨୦୨୫, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ।
- ରାଉତ୍‌ରାୟ ଇଣ୍ଟର୍‌ନ୍ୟାଶନାଲ୍ ଡିସ୍ତ୍ରିକ୍ଟ-୩୨୬୨ ପକ୍ଷରୁ ଜିଲା ପୁରସ୍କାର ବିତରଣ 'ଅର୍ଜୁନ' କାର୍ଯ୍ୟକ୍ରମ, ସ୍ଥାନ: ରେଲ୍ ଅଡିଟୋରିଅମ୍, ସମୟ: ପୂର୍ବାହ୍ନ ୧୧ଟା ।
- ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ଲେଖିକା ସାଗରିକା ଦାସଙ୍କ ସୃଜନ ସନ୍ଧ୍ୟା, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୫ଟା ।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକୀ ସମାବର୍ତ୍ତନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦ ।
- ୟୁଥ୍ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଭିକାରୀ ବଳ ସମ୍ମାନ ୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ', ସ୍ଥାନ, ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫ ।

## କଟକ

- କମିଶନରେଟ୍ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ହର୍ଷ ଗେଟ୍ ସମ୍ମୁଖ, ବାରବାଟୀ ଷ୍ଟାଡିୟମ୍, ସମୟ: ସକାଳ ୮ଟା ୩୦ ।
- ତୃତୀୟ ବୈଭବୀ କଳା ମହୋତ୍ସବର ଉଦ୍‌ଘାଟନ ସମାରୋହ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର, ବାରପଥର, ସମୟ: ସନ୍ଧ୍ୟା ୫ଟା ୩୦ ।

## ପୁରୀ

- ନୀଳାଚଳ ତତ୍ତ୍ୱସନ୍ଧାନ ପକ୍ଷରୁ ମାସିକ ଆଲୋଚନାଚକ୍ର, ସ୍ଥାନ: ଶ୍ରୀଜଗନ୍ନାଥବଲ୍ଲଭ ମଠ, ସମୟ: ପୂର୍ବାହ୍ନ ୧୧ଟା ।
- ପଞ୍ଚକ ମହୋତ୍ସବ, ସ୍ଥାନ: ମା' ମାଉସୀମା ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା ।

## ବାଲେଶ୍ୱର

- ବିଜୟା ବନ୍ଧୁମିଳନ ସମାରୋହ, ସ୍ଥାନ: ଡାକବଙ୍ଗଳା, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା ।
- ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଏସ୍‌କେଜି ଟ୍ରଷ୍ଟ ସମ୍ମିଳନୀ କକ୍ଷ, ବାଲିଆପାଳ, ସମୟ: ଅପରାହ୍ନ ୩ଟା ।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତ୍ରୟୋଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଯୋଗ ଶିବିର ଓ କାର୍ଯ୍ୟକାରୀ ବୈଠକ, ସ୍ଥାନ: ନାଗରିକ ପରିଷଦ ସଭାଗୃହ, ଧାମନଗର, ସମୟ: ସକାଳ ୮ଟା ।
- ମିଲେଟ୍ ଦିବସ ପାଳନ, ସ୍ଥାନ: ହୋଟେଲ ହାର୍ଦ୍ଦିକ, ନଳାଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବ୍ଲକରୋଡ୍ ପଲାଇ କଲୋନୀ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା ।

## କେନ୍ଦୁଝର

- ଆରଏସ୍‌ଏସ୍ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ସ୍ଥାନୀୟ ଅଡିଟୋରିମ, କେନ୍ଦୁଝର, ସମୟ: ସକାଳ ୮ଟା ।
- ରାଧାକୃଷ୍ଣଙ୍କ ପୂଜା ଏବଂ ରାସ ଉତ୍ସବ ଉପଲକ୍ଷେ ଭଜନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବଡ଼ରମ୍ପାସ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା ।

## ମୟୂରଭଞ୍ଜ

- ଜଗଦ୍ଧାତ୍ରୀ ପୂଜା, ସ୍ଥାନ: ଭପୁର, ବାରିପଦା, ସମୟ: ସକାଳ ୮ଟା ।
- ଥିଏଟର କର୍ମଶାଳା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ମାଇନିଂ କଲୋନୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା ।
- ମା' ଭୈରବୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଶୀର୍ଷାପାଳ ଛକ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର

- ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା, ସ୍ଥାନ: ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା ୩୦ ।
- ମହାନ ସଂଘର ବାର୍ଷିକ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ସନ୍ଧ୍ୟା ୬ଟା ।।

## କନ୍ଧମାଳ

- ଅଷ୍ଟପ୍ରହର ନମଯଜ୍ଞ, ସ୍ଥାନ: ପୁରୁଣା ନୂଆଗାଁ କନ୍ଧମାଳ, ସମୟ: ସକାଳ ୮ ଟା ।
- ମା' ମହାମାୟୀ ମନ୍ଦିରର ୧୬ ତମ ବାର୍ଷିକୋତ୍ସବ ଉପଲକ୍ଷେ ଅଷ୍ଟ ପ୍ରହରୀ ନାମ ଯଜ୍ଞର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ : ମା'ମହାମାୟୀ ମନ୍ଦିର, ଭଗାମୁଣ୍ଡା, ବାଲିଗୁଡ଼ା, ସମୟ: ସକାଳ ୯ ଟା ।
- ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ : ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାଲିଗୁଡ଼ା, ସମୟ : ସକାଳ ୯ ଟା ।

## ଢେଙ୍କାନାଳ

- ସାମାଜିକ କର୍ମୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ।
- ଅଭିନୟ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ।

## ଅନୁଗୋଳ

- ରାସଯାତ୍ରାର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର ସମ୍ମୁଖ ରାସମଣ୍ଡପ, ସମୟ: ସକାଳ ୮ଟା ।
- ପୋଲିସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ଅନୁଗୋଳ ଇନଡୋର ହଲ୍, ସମୟ: ସକାଳ ୯ଟା ।
- ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ଦୋଳମଣ୍ଡପ ସାହି ରାସ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା ।

## ଜଗତ୍‌ସିଂହପୁର

- କାର୍ତ୍ତିକେଶ୍ୱର ମସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱର ଯଜ୍ଞ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ବାଲିଫ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୬ଟା ।
- ପାରାଦୀପ ଲକ୍ ଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଥାନା ପରିସର, ପାରାଦୀପଗଡ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା

- ଯୁବା ସମ୍ମିଳନୀ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାର୍ଶାଘାଇ, ସମୟ:ସକାଳ ୮ଟା ।
- ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆନ୍ତଃରାଜ୍ୟ ମହିଳା ଚେସ୍ ଚାମ୍ପିୟନସିପ୍, ସ୍ତାନ:ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।

## ଯାଜପୁର

- ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭା, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ରାଷ୍ଟ୍ରଦୀପ ପାଠକ ସମିତି ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ଅପରାହ୍ନ ୪ଟା ।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଓ ରୁକ୍ମିଣୀ ବିବାହ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତି୧୦ଟା ୩୦ ।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମାରେ ଅଁଳା ନବମୀର କଳସ ଯାତ୍ରା, ଯଜ୍ଞ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୀମରା ପାହାଡ, ସମୟ:ସକାଳ ୭ଟା ।
- ଶରତ ରାସ ଯାତ୍ରା ମହୋତ୍ସବର ୨ୟ ଦିବସରେ ବୃନ୍ଦାହରଣ, ସ୍ଥାନ: ଦଶପଲ୍ଲା ସହର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା ।

## ରାୟଗଡ଼ା

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମହାବିଦ୍ୟାଳୟ ପଡିଆ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ।
- ସାଇବର ସୁରକ୍ଷା ସଚେତନତା ଅବସରରେ ରୋଡ୍‌ରନ୍, ସ୍ଥାନ: ଜିସିଡ଼ି ପଡ଼ିଆ, ରାୟଗଡ଼ା, ସମୟ: ସନ୍ଧ୍ୟା ୫ଟା ୧୫ ।

## ନବରଙ୍ଗପୁର

- ଭତରା ସମାଜର ଶପଥ ପାଠ ଉତ୍ସବ, ନୂଆଁଖାଇ ଜୁହାର ଭେଟ୍‌ଘାଟ, ସ୍ଥାନ: ଧୋଡ୍ରା ଧାମନାଗୁଡ଼ା ମାଁ ଦନ୍ତେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୨ଟା ।

## କୋରାପୁଟ

- ପଞ୍ଚୁକ ବ୍ରତ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ମଝିବେଢ଼ା, କୋରାପୁଟ, ସମୟ: ସକାଳ ୬ଟା ।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ଟା ।

## ସମ୍ବଲପୁର

- ସମ୍ବଲପୁରୀ ବହିକୁ ନେଇ ଆଲୋଚନା ଓ ସାହିତ୍ୟ ଆସର, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା ।

## ରାଉରକେଲା

- ଯୁବ ନେତୃତ୍ୱ ଦକ୍ଷତା ଶିବିରର ତୃତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ।
- ନୌବାଣିଜ୍ୟରୁ ମହତାବ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ : ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବରଗଡ଼

- ସାଇବର ସୁରକ୍ଷା ପଦଯାତ୍ରା, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ସକାଳ ୭ଟା ।
- ରାମଜୀ, ନୃସିଂହ ମନ୍ଦିର କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ରାମଜୀ ମନ୍ଦିର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଶୁଣ୍ଢୀ ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୪ଟା ।

## କଳାହାଣ୍ଡି

- ଜିଲା ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗୀତା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ

- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ଶ୍ରୀ ସିଦ୍ଧଗୁରୁ ବାବା ମଠ, ଡମ୍ବରୁଗଡ, କଙ୍କଲା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା ।

## ଦେବଗଡ଼

- ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଭିତିରିଆସାହି ପକ୍ଷରୁ ରାହାସ ଯାତ୍ରା ଅଧିବାସ ପାଇଁ ଆକର୍ଷଣୀୟ ଶୋଭାଯାତ୍ରା, ନଗର ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ଅପରାହ୍ନ ୫ଟା ।

## ସୁବର୍ଣ୍ଣପୁର

- ବ୍ଲକ ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଡୁଙ୍ଗୁରିପାଲି ଆର୍‌ଏମ୍‌ସି ପରିସର, ସମୟ: ମଧ୍ୟାହ୍ନ ୧୨ଟା ।
- ତରଭା ବ୍ଲକର ପୁଆ ଓ ଲକ୍ଷ୍ମୀମୁଣ୍ଡାରେ କଳାସୀ ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କଳାସୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା

- ରାହାସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡ଼ିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୭ଟା ଓ ରାତି ୮ଟା ।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡ଼ିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା ।

# ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗ

## ସମ୍ପର୍କୀୟଙ୍କ ସମେତ ୨ ଅଟକ, ଜଣେ ଫେରାର

ସୋନପୁର/ବୀରମହାରାଜପୁର,୧।୧୧ (ମୃତ୍ୟୁଞ୍ଜୟ ଶତପଥୀ/ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ହିକୁଡିଠାରେ ଜଣେ ୨୦ବର୍ଷିୟା କର୍ମଜୀବୀ ଯୁବତୀଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଶୁକ୍ରବାର ବିଳମ୍ବିତ ରାତିରେ ବୀରମହାରାଜପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଶନିବାର ଥାନାରେ ଏନେଇ ଏକ ମାମଲା(ନଂ.୨୨୯/୨୫) ରୁଜୁ ହୋଇଛି। ପୋଲିସ ପୀଡିତାଙ୍କ ଡାକ୍ତରୀମାଇନା କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଏହି ଘଟଣାରେ ପୀଡ଼ିତାଙ୍କ ଜଣେ ଦୂର ସମ୍ପର୍କୀୟଙ୍କ ସମେତ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟ ଜଣେ ଫେରାର ଅଛନ୍ତି। ତେବେ ତଦନ୍ତ ସମୟରେ ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। ରବିବାର ପୋଲିସ ଏହାର ପର୍ଦ୍ଦାଫାଶ କରିବ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ଯୁବତୀ ଜଣକ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ଘରକୁ ଫେରୁଥିବାବେଳେ ଉଲୁଣ୍ଡା ବ୍ଲକ ହିକୁଡିସ୍ଥିତ ସରକାରୀ ଆଇଟିଆଇ ନିକଟସ୍ଥ ବନ୍ଧ ପାଖରେ ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ଅଟକାଇଥିଲେ। ଯୁବତୀ ଜଣକ ସେଠାରେ ନ ଅଟକିବାରୁ ଅଭିଯୁକ୍ତମାନେ ତାଙ୍କ ମୁହଁକୁ କୌଣସି ଏକ ତରଳ ପଦାର୍ଥ ସ୍ପ୍ରେ କରିଦେଇଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଏକ ନିଛାଟିଆ ବିଲପାର୍ଶ୍ୱକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚେତା ଫେରିବା ପରେ ତାଙ୍କୁ ବଳାତ୍କାର କରାଯାଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଇନ୍ସପେକ୍ଟର ଅବିନାଶ ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି। ଏସ୍‌ପି ନାରାୟଣ ନାୟକ ଘଟଣାସ୍ଥଳ ଓ ପୀଡ଼ିତାଙ୍କ କର୍ମକ୍ଷେତ୍ରକୁ ଯାଇ ଅନୁଧ୍ୟାନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନେ ଖାଇଛି ଦହି,**
**ଗାଁ ଯାକ ଗଲି କହି ।**

କେଉଁଠି କେମିତି ଭଲ ସୁସ୍ୱାଦୁ ଖାଇବା ଟିକକ ମିଳିଗଲେ ତାହା ଅନେକ ଦିନ ଧରି ମନରେ ସ୍ମୃତି ହୋଇ ରହିଯାଇଥାଏ। କଦବା କ୍ୱଚିତ୍ ଦୁର୍ଲଭ ପଦାର୍ଥ ଖାଇବାକୁ ପାଇଲେ ବହୁ ଲୋକ ଫୁଲାଫାଙ୍କିଆ ହୋଇ ଚାରିଆଡେ କହିବୁଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲା ପଣ୍ଡୁ, ମଲେ ମଶା,**
**ଫାଟୁଆ ଦେଲେ ମୁରୁକି ହସା ।**

ପଣ୍ଡୁ ପୂର୍ଣ୍ଣିମା ପରେ ଶୀତ ବଢ଼ିଥାଏ। ମଶା ଥଣ୍ଡା ସହି ପାରନ୍ତି ନାହିଁ। ଥଣ୍ଡା ପଡିଲେ ମଶା ମରିଯାନ୍ତି। ସେମାନଙ୍କ ଉପଦ୍ରବ କମିଯାଏ। ସେହିପରି ଶୀତ ହେତୁ ଲୋକଙ୍କର ଗୋଡ଼ ତଳିପା ଫାଟେ,ଚାଲିଲା ବେଳେ ଗୋଡ଼କୁ କାଟେ। ଏପରିସ୍ଥଳେ ଗୋଡ଼କୁ କାଟୁଛି ପଚାରିଲେ ଉକ୍ତ ବ୍ୟକ୍ତି ଲାଜରେ କିଛି ନ କହିପାରି କେବଳ ମୁରୁକି ହସିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଆଜି ଭାରତ-ଦ. ଆଫ୍ରିକା ...

ଉଭୟ ଦଳ କଦାପି ବିଶ୍ୱକପ୍ ଜିତି ନ ଥିବାରୁ ଏଥର ବିଶ୍ୱକୁ ନୂଆ ମହିଳା ଚାମ୍ପିୟନ ମିଳିବ। ଭାରତ ଏହି ଫାଇନାଲ ଜିତିବାକୁ ସକ୍ଷମ ହେଲେ ହରମନପ୍ରୀତ୍ କୌର ପ୍ରଥମ ଭାରତୀୟ ଅଧିନାୟିକା ଭାବେ ବିଶ୍ୱକପ୍ ଟ୍ରଫି ଉଠାଇବେ। ତୃତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ ୨୦୦୫ ଓ ୨୦୧୭ ସଂସ୍କରଣରେ ରନରଅପ୍ ହୋଇଥିଲା। ୭ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ଦଳ ଖୁବ୍ ଆତ୍ମବିଶ୍ୱାସ ସହ ପଡ଼ିଆକୁ ଓହ୍ଲାଇବ। ବ୍ୟାଟିଂ ଫ୍ରେଣ୍ଡଲି ପିଚ୍ ଓ ସନ୍ଧ୍ୟାରେ କାକରର ସମ୍ଭାବନା ରହିଥିବାରୁ ଏହା ଏକ ହାଇ ସ୍କୋରିଂ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ସମାନ ଭେନ୍ୟୁରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ସେମିଫାଇନାଲରେ ୩୩୯ ରନର ବିଶାଳ ଟାର୍ଗେଟର ପିଛା କରି ଭାରତୀୟ ମହିଳା ଦଳ ଐତିହାସିକ ବିଜୟ ହାସଲ କରିଥିଲା।

### ଉପକୂଳରେ ୬ ମାସିଆ ...

କଟକଣା ଲାଗୁ କରାଯାଇଛି ବୋଲି ପାରାଦୀପ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ତପନ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ସବୁ ମାଛଧରା ବନ୍ଦରଗୁଡିକୁ ନୋଟିସ ଦିଆଯାଇଛି ଏବଂ ଡାକବାଜି ଜରିଆରେ ସୂଚନା ମଧ୍ୟ ଦିଆଯାଇଛି। ସମୁଦ୍ର କୂଳଠାରୁ ୨୦ କିମି ସୀମା ମଧ୍ୟରେ କୌଣସି ମାଛଧରା ବୋଟ୍ ମାଛ ଧରିପାରିବେ ନାହିଁ। ୨୦ କିମି ସମୁଦ୍ର ପରେ ସେମାନେ ମାଛ ଧରିପାରିବେ। ଏହିପରି କଟକଣା ସବୁ ବର୍ଷ ହୋଇଥାଏ।

### ମାଷ୍ଟରମାଇଣ୍ଡ ଶଙ୍କର ...

ପ୍ରାର୍ଥୀମାନଙ୍କ ଅଭିଭାବକଙ୍କୁ ସାର୍ଟିଫିକେଟ ଫେରାଇ ପ୍ରମାଣ ନଷ୍ଟ କରିବାର ପ୍ରୟାସ କରିଥିଲେ। ପ୍ରିୟଦର୍ଶିନୀ ମଧ୍ୟ ପ୍ରାର୍ଥୀମାନଙ୍କଠାରୁ ଅର୍ଥ ଆଦାୟ କରିବାରେ ସକ୍ରିୟ ଭୂମିକା ନେଇଥିଲେ। ଅପରପକ୍ଷରେ ଏହି ମାମଲାରେ ଗିରଫ ହୋଇ ଜେଲରେ ଥିବା ୧୧୪ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୩ ଦିନ ତଳେ ଜାମିନ ପ୍ରଦାନ କରିଥିଲେ। ଗୁରୁବାର ସେମାନଙ୍କ ମଧ୍ୟରୁ ୯୪ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଥିଲେ। ଶୁକ୍ରବାର ଅନ୍ୟ ୨୦ ଜଣ ଜେଲ୍‌ରୁ ବାହାରିଥିଲେ।

### ଆନ୍ଧ୍ର ଭେଙ୍କଟେଶ୍ୱର ...

କାଶୀବୁଗାର ଏକ ନର୍ସିଂ କଲେଜରେ ରୂପା ପାଠ ପଢୁଥିଲେ। ଶନିବାର ରୂପା ଗୁଡିପଦର ଗ୍ରାମରେ ବିବାହ କରିଥିବା ମଞ୍ଜୁଷାର ବି. ରୋହିଣୀଙ୍କ ସହ ମନ୍ଦିରକୁ ଯାଇଥିଲେ। ରୂପା ଗୁଡିପଦର ଗ୍ରାମର ଆର୍. ଡିଲେଶ୍ୱଙ୍କ ଏକମାତ୍ର ଝିଅ। ସନ୍ଧ୍ୟାରେ ରୂପାଙ୍କ ମୃତଦେହ ଗ୍ରାମକୁ ଅଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳାଚକଟା ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଘଟଣା ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଆନ୍ଧ୍ରରେ ୩ଟି ବଡ଼ ମନ୍ଦିର ଦୁର୍ଘଟଣା ଘଟି ୨୨ ଜଣଙ୍କ ମୃତ୍ୟୁ ହେବା ସହ ପ୍ରାୟ ୧୦୦ ଜଣ ଆହତ ହେଲେଣି। ଗତ ଏପ୍ରିଲରେ ସୀମାଚଳମ୍‌ର ଶ୍ରୀବରାହ ଲକ୍ଷ୍ମୀନରସିଂହ ସ୍ୱାମୀ ମନ୍ଦିରରେ ପାଚେରି ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଜାନୁଆରୀରେ ତିରୁପତିର ବୈରାଗୀ ପଟ୍ଟେଡ଼ାଠାରେ ଦଳାଚକଟାରେ ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୪୦ ଜଣ ଆହତ ହୋଇଥିଲେ।

### ଓଡ଼ିଶାରେ ସେମିକଣ୍ଡକ୍ଟର ...

ଅଶ୍ୱିନୀ ବୈଷ୍ଣବ ତାଙ୍କ ଏମ୍‌ପି ଫଣ୍ଡରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାହା ପୂର୍ବରୁ ବର୍ଷ ବର୍ଷ ସମୟ ଲାଗି ଯାଉଥିଲା ତାହା ଏବେ ମାସକରେ ସମ୍ପୂର୍ଣ୍ଣ ହେଉଛି। ଏହା ହେଉଛି ନୂତନ ଭାରତର ଗତି ଏବଂ ଶକ୍ତି। ବେଙ୍ଗାଲୁରୁ ପରେ ବର୍ତ୍ତମାନ ଓଡ଼ିଶା ଭାରତର ନୂତନ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଜଧାନୀ ଭାବେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଭାରତ ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢ଼ୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳତାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ମିଶନ୍‌ର ସଫଳତାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଦିଲ୍ଲୀରେ ମଧ୍ୟ ୨ଟି କମ୍ପାନୀ ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ଏମ୍‌ଓୟୁ କରିଥିଲେ। ଆଗାମୀ ଦିନରେ ଏହି ୨ କମ୍ପାନୀ ଓଡ଼ିଶାରେ ପ୍ରାୟ ୩,୦୦୦ କୋଟି ଟଙ୍କା ନିବେଶ କରିବେ। ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଗଦେଇ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ୍-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ବର୍ତ୍ତମାନ ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବରେଟୋରି' ସ୍ଥାପନ କରାଯିବ ବୋଲି ସେ ଘୋଷଣା କରିଥିଲେ। ବର୍ତ୍ତମାନ ଯୁବ ପିଢ଼ି ପାଇଁ ଏ କ୍ଷେତ୍ରରେ ଅଧିକ ଜ୍ଞାନ ଆହରଣ ଓ ଗବେଷଣା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆଇଟି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସେମିକଣ୍ଡକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି। ଓଡ଼ିଶା ଏହି ଗୁରୁଦାୟିତ୍ୱକୁ ବହନ କରି ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତର ସ୍ୱପ୍ନକୁ ସାକାର କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇ.ଆଇ.ଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କର୍ମଲ୍କର୍, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରିଜ୍ ମ୍ୟାନେଜିଂ ଡାଇରେକ୍ଟର ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଗୁରୁ ଥାଲ୍ଲାପାନେନି, କ୍ଲାସ୍-ସିକ୍ ୱାଫର୍ ଫ୍ୟାବ୍ ଲିମିଟେଡର ଚିଫ୍ ଏକ୍ଜିକ୍ୟୁଟିଭ୍ ଅଫିସର ମିସ୍ ଜେନିଫର୍ ୱାଲସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଅଶ୍ୱିନୀ ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ବି କିଛି କରିପାରିବେ ନାହିଁ। ପ୍ରଶାସନ, ଅଧ୍ୟୟନ ଓ ଅଧ୍ୟାପନା ଏବଂ ସାହିତ୍ୟ, ଗବେଷଣା, ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** - କୃତ୍ତିକା ନକ୍ଷତ୍ରର ଅଧିକାଂଶ ସମୟ ମାନସିକ ଅସ୍ଥିରତା ସାଙ୍ଗକୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବ। ଭୁଲ୍ ବୁଝାମଣାରୁ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ, ଏଜେନ୍‌ଶିପ୍ ଓ ପରିବହନରୁ ଲାଭବାନ୍ ହେବେ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ।

**ମିଥୁନ** - ମୃଗଶିରା ନକ୍ଷତ୍ର ପାଇଁ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ। ଯାହାକୁ କିଛି ସହାନୁଭୂତି ଆଶାରେ କହିବାକୁ ଯିବେ, ସେ ଓଲଟା କଥା କହିପାରନ୍ତି। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ** - ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ ସମସ୍ୟାକୁ ସାମ୍ନା କରିବାର ଦୁଃସାହସ କରିପାରିବେ ନାହିଁ। ଅତୀତ କଥାକୁ ସ୍ମରଣ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ ଧାରଣା ସମସ୍ୟା ସୃଷ୍ଟି କରିବ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ନୂତନ ପରିବେଶରେ ବନ୍ଧୁଙ୍କୁ ଆପ୍ୟାୟିତ କରି ଖୁସି ହୋଇ ପାରନ୍ତି।

**ସିଂହ** - ପାରିବାରିକ କ୍ଷେତ୍ରରେ ନୀରବ ରହିବା ଭଲ ହେବ। ମଘା ନକ୍ଷତ୍ର ସକାଶେ ଆଜି ଯାତ୍ରାରେ ସଫଳତା ମିଳିବ, ତଥାପି କାମର ଚାପ ବହୁତ ବଢ଼ିଯାଇପାରେ। ଉନ୍ନତିମୂଳକ କାମ ସକାଶେ ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବ ଦେଇ ବନ୍ଧୁଗହଣରେ ପ୍ରଶଂସିତ ହେବେ। ଆଜି ଦିନଟିରେ କଳା, ସାହିତ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ଭଲ।

**କନ୍ୟା** - କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ହସ୍ତା ସଫଳ ହୋଇପାରିବେନି। ପିଲାଙ୍କ ସକାଶେ ଅନ୍ୟ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ ଅବସାଦ ଦେଖାଦେବ। ପରିବାରର ଆବଶ୍ୟକତାକୁ ଅନୁଭବ କରି ଗୃହୋପକରଣ କିମ୍ବା ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା** - ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରିନେବେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ଅନେକ କାମ ହାତକୁ ନେଇ ବ୍ୟଥିତ ହେବେ।

**ବିଛା** - ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିରୁ ବିଚଳିତବୋଧ କରିପାରନ୍ତି। ଅନୁରାଧା ନକ୍ଷତ୍ର ଏଜେନ୍‌ଶିପ୍, ସାମ୍ବାଦିକତା, ରାଜନୀତି, ସାହିତ୍ୟ, ଏଜେନ୍‌ଶିପ୍ ପ୍ରଭୃତିରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ଆତ୍ମୀୟତା ବୃଦ୍ଧି ଯୋଗୁ ନିଜ ଲୋକ ଈର୍ଷା କରିବେ। ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ, କର୍ମାରମ୍ଭ, ବ୍ୟବସାୟ ଓ ନିର୍ମାଣମୂଳକ କାମରେ ଶୁଭଫଳ ପାଇବେ।

**ଧନୁ** - ପ୍ରତ୍ୟେକ କ୍ଷେତ୍ରରେ ରୋକ୍‌ଠୋକ୍ କଥା ବନ୍ଧୁଙ୍କ ମନରେ ଆଘାତ ସୃଷ୍ଟି କରିବ। ଯାତ୍ରା ସମୟରେ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ, ଭାଇ ଭଉଣୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ମୂଳା ନକ୍ଷତ୍ର ଅନ୍ୟମାନଙ୍କଠାରୁ ଅର୍ଥ ସାଙ୍ଗକୁ କାମ ଆଦାୟରେ ସଫଳ ହେବେ।

**ମକର** - ଖର୍ଚ୍ଚାନ୍ତ ହୋଇ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଜଣେ ବାନ୍ଧବୀଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ଆଜି ଶିଳ୍ପ, ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ପଡ଼ୋଶୀ କଅଁଳିଆ କଥା କହି କାର୍ଯ୍ୟ ହାସଲର ଅପଚେଷ୍ଟା କରିବା ସୂଚନା ରହିଛି।

**କୁମ୍ଭ** - ପ୍ରତିବନ୍ଧକ ଲାଗି ରହିବା କାରଣରୁ ଚେଷ୍ଟା କରୁଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇ ନ ପାରେ। ପାରିବାରିକ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଶତଭିଷା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ** - ଆନୁଷ୍ଠାନିକ କାମରୁ ଅଥବା ଆଲୋଚନାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। ରେବତୀ ନକ୍ଷତ୍ର ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି।

ଆଜି ନଭେମ୍ବର ୨ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ା ବେଶ, କାର୍ତ୍ତିକ ଶୁକ୍ଳ ଏକାଦଶୀଯୁକ୍ତ ଦ୍ୱାଦଶୀ ରବିବାର, ରବି ନାରାୟଣ ବ୍ରତ, ଗରୁଡ଼ ଉଦ୍ଯାପନ, ତୁଳସୀ ବିବାହ, ବକପଞ୍ଚକ, ଶରତ୍‌ରାସ ଆରମ୍ଭ, ଚାତୁର୍ମାସ୍ୟା ବ୍ରତ ସମାପନ, ସ୍ମାର୍ତ୍ତସମ୍ମତ ଦେବୋତ୍ଥାପନୀ ବଡ଼ ଏକାଦଶୀ, ବୈଷ୍ଣବ ସମ୍ମତ ତ୍ରିସ୍ପୃଶା ଏକାଦଶୀ ଉପବାସ, ଭକ୍ତ ଦାସିଆ ଜୟନ୍ତୀ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ଦିବା ଘ.୧୧।୨୫ମି. ଗତେ ମୀନଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୭ ଗତେ ଘ.୦୮।୫୨ ମଧ୍ୟେ, ଘ.୧୨।୫୪ମି. ଗତେ ଘ.୦୨।୫୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୩ ଗତେ ଘ.୦୫।୦୮ ମଧ୍ୟେ ରାହୁକାଳ।

# ଦେବୀନଦୀ ମୁହାଣରେ ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି



ଭୁବନେଶ୍ୱର,୧।୧୧(ବନ୍ଦନା ସେଠୀ)

■ ନିଷିଦ୍ଧାଞ୍ଚଳରେ ବୁଲୁଛି ମାଲମାଲ ମାଛଧରା ଟ୍ରଲର
■ ବିଭାଗୀୟ ପଦକ୍ଷେପ ନେଇ ଚିନ୍ତାପ୍ରକଟ କଲେ ସୌମ୍ୟରଞ୍ଜନ

ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଋତୁ ଆରମ୍ଭ ହୋଇଛି। ଅନେକ ହଜାର ମାଇଲ ଅତିକ୍ରମ କରି କଇଁଛମାନେ ଓଡ଼ିଶା ଉପକୂଳକୁ ଆସୁଛନ୍ତି। ରାଜ୍ୟରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସାମୂହିକ ଅଣ୍ଡାଦାନ ସ୍ଥାନ ମଧ୍ୟରୁ ଦେବୀ ନଦୀ ମୁହାଣ ଅନ୍ୟତମ। ମାତ୍ର ଦେବୀ ମୁହାଣର ସ୍ଥିତି କଇଁଛଙ୍କ ଅଣ୍ଡାଦାନ ପାଇଁ ଏବେ ଆଦୌ ଅନୁକୂଳ ନ ଥିବା ଦେଖିବାକୁ ମିଳିଛି। କଇଁଛଙ୍କ ଅଣ୍ଡାଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଲଗାଯାଇଛି। ହେଲେ ପ୍ରଥମ ଦିନରେ ଦେବୀ ନଦୀ ମୁହାଣ ନିଷିଦ୍ଧ ଅଞ୍ଚଳରେ ୩୨ଟି ମାଛଧରା ଟ୍ରଲରକୁ ନେଇ ପରିବେଶ କର୍ମୀ ଚିନ୍ତା ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ପାଟ୍ରୋଲିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇବା ସହିତ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ (ଓପ୍‌ସା)ର ପରିଚାଳନା ଟ୍ରଷ୍ଟି ସୌମ୍ୟରଞ୍ଜନ ବିଶ୍ୱାଳ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ନଦୀ ମୁହାଣର ସମସ୍ୟା ସମ୍ପର୍କରେ ଅବଗତ କରାଇ ନିଶ୍ଚିହ୍ନ ହେବାକୁ ବସିଥିବା କଇଁଛଙ୍କ ଅନ୍ତୁଡ଼ିଶାଳ ଦେବୀ ମୁହାଣକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବାକୁ ନିବେଦନ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଅନେକ ଆଇନ ପ୍ରଣୟନ ହୋଇଛି। ଏହି ଆଧାରରେ ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ଯାଏ ଉପକୂଳର ୨୦ କି.ମି.କୁ ନିଷିଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷିତ ମିଳନ, ପ୍ରଜନନ, ଅଣ୍ଡାଦାନ ସହିତ ଛୁଆ ଜନ୍ମ ହୋଇ ସମୁଦ୍ରକୁ ଫେରିବାର ପୂରା ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ। ଅଲିଭ ରିଡ୍‌ଲେ କଇଁଛ ଶ୍ରୀଲଙ୍କା ଉପକୂଳରୁ ଆସି ସିଧାସଳଖ ଭାବେ ଅଣ୍ଡା ଦେଇ ନ ଥାଆନ୍ତି। ସେମାନେ ଭାସମାନ ଅବସ୍ଥାରେ ପାଖାପାଖି ୪୫ରୁ ୬୦ଦିନ ଯାଏ ପ୍ରଜନନ ପ୍ରକ୍ରିୟା ପରେ ଅଣ୍ଡାଦାନ ପାଇଁ ସକ୍ଷମ ହୁଅନ୍ତି। ଏହିସମୟରେ ସମୁଦ୍ର ଏବଂ ତଟୀୟ ଅଞ୍ଚଳର ସୁରକ୍ଷା ସବୁଠୁ ଜରୁରୀ। ତେଣୁ ନିୟମିତ ଟ୍ରଲର ଚଳାଚଳ ଓ ମାଛଧରା ଫଳରେ ପ୍ରତିବର୍ଷ ଅନେକ ହଜାର କଇଁଛ ମରୁଛନ୍ତି ଏବଂ ଅନେକ ଭୟରେ ଅଣ୍ଡାଦାନ ବନ୍ଦ କରିଦେଉଛନ୍ତି। ଗହୀରମଥା ଓ ଋଷିକୁଲ୍ୟା ମୁହାଣରେ ସଫଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପରିଚାଳନା ହେଉଥିବାବେଳେ ସମସ୍ତ ଆଇନ ଓ ସଂରକ୍ଷଣ ବ୍ୟବସ୍ଥା ଥାଇ ମଧ୍ୟ ୧୯୯୭ ପରଠାରୁ ଦେବୀ ନଦୀ ମୁହାଣ କଇଁଛଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏ କ୍ଷେତ୍ରରେ ବିଭାଗୀୟ ଭୂମିକାକୁ ନେଇ ସୌମ୍ୟ ପ୍ରଶ୍ନ କରିବା ସହିତ ଦେବୀ ନଦୀ ମୁହାଣ ଅଞ୍ଚଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି।

## ଆନ୍ଧ୍ର ଶ୍ରୀକାକୁଲମ୍‌ରେ ଦଳାଚକଟା




# ଲୋକଙ୍କ ଜୀବନ ସହ ଖେଳୁଛି ବେଦାନ୍ତ ଆଲୁମିନା

ଭବାନୀପାଟଣା,୧।୧୧
(ଉତ୍ତମ କୁମାର ଦାଶ)



ବକ୍ସାଇଟ ଗୁଣ୍ଡ ଯୋଗୁ ରାସ୍ତା ଲାଲ ରଙ୍ଗ ହୋଇଯାଇଛି।



ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନା କମ୍ପାନୀ ପ୍ରତିଷ୍ଠା ସମୟରେ ସ୍ଥାନୀୟ ଲୋକଙ୍କୁ ବହୁତ ଆଶା ଦେଖାଇଥିଲା। ଏପରି କି ପ୍ରଦୂଷଣମୁକ୍ତ ଅଞ୍ଚଳ ଗଢ଼ିତୋଳିବାର ପ୍ରତିଶ୍ରୁତି ଦେଇଥିଲା। ଫଳରେ ସ୍ଥାନୀୟ ଲୋକମାନେ କାମଧନ୍ଦା ପାଇଁ ବେଦାନ୍ତ ଏକ ସୁଯୋଗ ବୋଲି ଧରି ନେଇଥିଲେ। ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା, ପାରିପାର୍ଶ୍ୱିକ ବିକାଶ ଓ ଅନ୍ୟାନ୍ୟ ସମସ୍ୟା ଦୂର ହେବ ବୋଲି ସମସ୍ତେ ଭାବି ନେଇଥିଲେ। ତେବେ କମ୍ପାନୀ ଚାଲିବାର ଦୀର୍ଘ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଅଞ୍ଚଳବାସୀ ବକ୍ସାଇଟ ଗୁଣ୍ଡରୁ ମୁକ୍ତି ପାଇପାରୁନାହାନ୍ତି। ଜୀବନଧାରଣର କୌଣସି ସାଧନ ନ ପାଇବା କାରଣରୁ ସେମାନେ ଏବେ ଚିନ୍ତାରେ ରହୁଛନ୍ତି। କମ୍ପାନୀ ଇତିମଧ୍ୟରେ ରେଙ୍ଗୋପାଲି, କୋଟଦୁଆର ଓ ବନ୍ଧଗୁଡ଼ା ଗ୍ରାମକୁ ବିସ୍ଥାପନ ଯୋଜନାରେ ସାମିଲ କରି ସେମାନଙ୍କ ପାଇଁ ଘରଦ୍ୱାର, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କରିଥିବାବେଳେ ବସନ୍ତପଡ଼ା, କପାଗୁଡା ଓ ଅନ୍ୟ କେତେକ ଗ୍ରାମ ଏଥିରୁ ବାଦ ପଡ଼ିଛି।

ବସନ୍ତପଡା ଗ୍ରାମଟି ବେଦାନ୍ତ କାରଖାନାଠାରୁ ମାତ୍ର ୧୦୦ମିଟର ଦୂରରେ ରହିଛି। ଏହି ଗାଁ ଦେଇ ଦୈନିକ ଶତାଧିକ ବକ୍ସାଇଟ ଓ କୋଇଲା ବୋଝେଇ ଭାରିଯାନ ଯାତାୟାତ କରୁଥିବାରୁ ବକ୍ସାଇଟ ଗୁଣ୍ଡ ଓ ପାଉଁଶ ଗୁଣ୍ଡ (ଫ୍ଲାଏ ଆଶ) ଉଡ଼ି ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ଏପରି କି ଆଖପାଖରେ ଥିବା ଗଛ ଓ ଘରଗୁଡ଼ିକର ଛାତ ମଧ୍ୟ ଲାଲ ରଙ୍ଗ ହୋଇଯାଉଛି। ବେଳେବେଳେ କାରଖାନା ଚାଲିବା ବେଳେ ପ୍ରଚଣ୍ଡ ଶବ୍ଦ ହେଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡୁଛନ୍ତି। ଏହି ଗାଁରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ପରିବାର ରହିଥିବାବେଳେ ଲୋକସଂଖ୍ୟା ହଜାରେରୁ ଅଧିକ ହେବ। ସେହିପରି ସମାନ ଅବସ୍ଥା ଦେଖିବାକୁ ମିଳିଛି କପାଗୁଡା ଗ୍ରାମରେ। ଏହି ସମସ୍ୟା ହେତୁ ବିସ୍ଥାପିତ ପାଇଁ ଗତ କିଛିଦିନ ତଳେ ବସନ୍ତପଡାବାସୀ କଳାହାଣ୍ଡିର ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ ଦେଇଥିଲେ। ଏଥିରେ ସେମାନେ କମ୍ପାନୀ ଦ୍ୱାରା କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଦର୍ଶାଇଥିଲେ। କମ୍ପାନୀ ପକ୍ଷରୁ ଜନବସତି ନିକଟରେ ରେଡ୍‌ମଡ଼ ପଣ୍ଡ ଓ ଆଶ୍‌ପଣ୍ଡ (ପାଉଁଶ ପୋଖରୀ) ନିର୍ମାଣ କରାଯାଇଛି। ଏହା ଦ୍ୱାରା ବିଷାକ୍ତ ଲାଲ ରଙ୍ଗ ଧୂଳି ଓ ପାଉଁଶ ଗୁଣ୍ଡ ଉଡି଼ ଗ୍ରାମବାସୀଙ୍କୁ ଅଣନିଃଶ୍ୱାସୀ କରିପକାଉଛି। ପୁଣି ରେଡ୍‌ମଡ଼ପଣ୍ଡ (ନାଲିପଙ୍କ)ରୁ କଷ୍ଟକଯୁକ୍ତ ଲାଲ ପାଣି ଝରି ଅଞ୍ଚଳର ଜଳ ବିଷାକ୍ତ ହୋଇଯାଉଛି। ଏହି ବିଷାକ୍ତ ଜଳ ପାନ ଓ ଧୂଳିଧୂଆଁ ନିଃଶ୍ୱାସରେ ନେବା ଦ୍ୱାରା ଗ୍ରାମବାସୀ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧି ଯଥା କିଡ଼ନୀ, ଯକ୍ଷ୍ମା, ହୃଦ୍‌ରୋଗ, ଚର୍ମ ଓ ଶ୍ୱାସ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିସବୁ ରୋଗରେ ଆକ୍ରାନ୍ତ ହୋଇ କିଛିବର୍ଷ ମଧ୍ୟରେ ଦୁଇ ଶହରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ଏବେ ମଧ୍ୟ ଆହୁରି ଶତାଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଏପରି ପ୍ରଦୂଷଣ ବଳୟ ମଧ୍ୟରେ ଜୀବନ ଧାରଣ କରିବା ଆଉ ସମ୍ଭବ ନୁହେଁ। ତେଣୁ ଗ୍ରାମବାସୀ ଅନ୍ୟ ନିରାପଦ ସ୍ଥାନକୁ ସେମାନଙ୍କୁ ବିସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଯଦି ଏହାର ସମାଧାନ ନ ହୁଏ ଆଗାମୀ ଦିନରେ ଗ୍ରାମବାସୀ ଏକାଠି ହୋଇ ରାସ୍ତା ଅବରୋଧ ସହ ପ୍ରକଳ୍ପକୁ ଯାଉଥିବା ସମସ୍ତ ଗାଡ଼ିକୁ ଅଟକାଇବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ଏକକିତା ନକଲ ବ୍ରହ୍ମପୁର ଆର୍‌ଡିସି, ଓଡିଶା ବିଧାନସଭା ବିରୋଧୀ ଦଳ ନେତା, ପିସିସି ସଭାପତି ପ୍ରମୁଖଙ୍କୁ ପ୍ରେରଣ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନାର ଡେପୁଟି ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ଜିଲାପାଳ, ପୌରାଞ୍ଚଳ କମିଶନରଙ୍କୁ ଜନଗଣନା ପ୍ରମୁଖ ଅଧିକାରୀ ଦାୟିତ୍ୱ

ଭୁବନେଶ୍ୱର,୧।୧୧(ସୁନିତ୍ ମିଶ୍ର)

୨୦୨୭ରେ ରାଜ୍ୟରେ ହେବାକୁ ଥିବା ଜନଗଣନା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ପ୍ରମୁଖ ଜନଗଣନା ଅଧିକାରୀ ନିଯୁକ୍ତ କରାଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରତ୍ୟେକ ଜିଲାର ଜିଲାପାଳ ଏବଂ ପୌରାଞ୍ଚଳ କମିଶନର ମୁଖ୍ୟ ଜନଗଣନା ପ୍ରମୁଖ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ଅଧିକାରୀମାନେ ଜିଲା ଏବଂ ପୌରାଞ୍ଚଳର ଜନଗଣନା ସମ୍ପର୍କିତ ମୁଖ୍ୟ ଦାୟିତ୍ୱ ନିର୍ବାହ କରିବେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ ସିଂଙ୍କ ଦସ୍ତଖତରେ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି।

# ୧୩ ଜିଲାର ୪୪ ତହସିଲରେ ଖୋଲିଲା ସବ୍‌ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ

ଭୁବନେଶ୍ୱର,୧।୧୧(ସୁନିତ୍ ମିଶ୍ର)

**ଚଳିତ ବର୍ଷ ଶେଷ ସୁଦ୍ଧା ବାକି ୫୬ଟି ଖୋଲିବାକୁ ଯୋଜନା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ରାଜ୍ୟର ୧୩ଟି ଜିଲାର ୪୪ଟି ତହସିଲରେ ନୂଆ ସବ୍‌ରେଜିଷ୍ଟ୍ରେଶନ ବା ଉପନିବନ୍ଧନ କାର୍ଯ୍ୟାଳୟ ଆଭାସି ଜରିଆରେ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପର୍ଯ୍ୟାୟକ୍ରମେ ରାଜ୍ୟର ସବୁ ତହସିଲରେ ସବ୍‌ରେଜିଷ୍ଟ୍ରେଶନ ଅଫିସ୍ ଖୋଲାଯିବ। ସରକାରୀ ସେବା ସୁବିଧାରେ ପାଇବା ହେଉଛି ଲୋକଙ୍କ ଅଧିକାର। ସେମାନଙ୍କୁ ସମ୍ମାନର ସହ ଉତ୍ତମ ସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ରାଜସ୍ୱ ରେଜିଷ୍ଟ୍ରେଶନ ଇନ୍‌ସ୍ପେକ୍ଟର ଜେନେରାଲ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଆଭାସି ଜରିଆରେ ୧୩ ଜିଲାର ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ତହସିଲଦାର ଓ ସବ୍‌ରେଜିଷ୍ଟ୍ରାରମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ରାଜ୍ୟର ସମୁଦାୟ ୩୧୭ ତହସିଲ ମଧ୍ୟରୁ ୨୧୭ ତହସିଲରେ ପୂର୍ବରୁ ସବ୍-ରେଜିଷ୍ଟ୍ରେଶନ ଅଫିସ୍ ଖୋଲାଯାଇଛି। ଅବଶିଷ୍ଟ ୧୦୦ରୁ ଆଜି ୪୪ଟି ସବ୍-ରେଜିଷ୍ଟ୍ରେଶନ ଅଫିସ ଖୋଲାଗଲା। ବାକି ୫୬ଟି ପର୍ଯ୍ୟାୟକ୍ରମେ ଚଳିତବର୍ଷ ଶେଷ ସୁଦ୍ଧା ଖୋଲିବା ପାଇଁ ଯୋଜନା ରଖାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧୬ ମାସ ମଧ୍ୟରେ ତାଙ୍କ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିଛନ୍ତି। ସରକାରଙ୍କ ମୂଳ ଲକ୍ଷ୍ୟ ହେଉଛି ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ, ପାରଦର୍ଶୀ ଓ ଲୋକାଭିମୁଖୀ କରିବା। ବର୍ତ୍ତମାନ ରାଜ୍ୟ ସରକାର ୩୨ଟି ବିଭାଗର ୪୩୩ଟି ସେବାକୁ ଅନ୍‌ଲାଇନ ଜରିଆରେ ଯୋଗାଇ ଦେଉଛନ୍ତି। ନିକଟରେ ଜମିଜମା ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଂ ନିମନ୍ତେ ଇ-ରେଜିଷ୍ଟ୍ରେଶନ ମୋବାଇଲ୍ ଆପ୍ ମଧ୍ୟ ଶୁଭାରମ୍ଭ ହୋଇଛି। ଏଥିରେ ସ୍ଲଟ୍ ବୁକିଂ ସହ ଇସି ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ମିଳିପାରୁଛି। ଉଦ୍ଦେଶ୍ୟ ହେଉଛି ଯେତେଦୂର ସମ୍ଭବ ଲୋକଙ୍କୁ ସୁବିଧାରେ ଓ ସହଜରେ ସେବା ଯୋଗାଇବା। ସ୍ମାର୍ଟ ସର୍ଭେଲାନ୍ସ ଜରିଆରେ ସମସ୍ତ ସବ୍-ରେଜିଷ୍ଟ୍ରେଶନ ଅଫିସକୁ ସିସିଟିଭି ଜରିଆରେ ନିରୀକ୍ଷଣ କରାଯାଉଛି। ଏହାଦ୍ୱାରା କର୍ମଚାରୀମାନଙ୍କ ସମୟାନୁବର୍ତ୍ତିତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରାଯାଇପାରୁଛି। ଉପନିବନ୍ଧନ କାର୍ଯ୍ୟାଳୟକୁ ଦୁର୍ନୀତିମୁକ୍ତ ଓ ମଧ୍ୟସ୍ଥମୁକ୍ତ କରିବା ଦିଗରେ ଏହି ସ୍ମାର୍ଟ ସର୍ଭିଲାନ୍ସ ବ୍ୟବସ୍ଥା ଖୁବ୍ ଉପଯୋଗୀ ହୋଇପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସବୁ ତହସିଲରେ ସବ୍ ରେଜିଷ୍ଟ୍ରେଶନ ଅଫିସ ଖୋଲିବା ଦ୍ୱାରା ଜନସାଧାରଣଙ୍କୁ ଅନେକ ସୁବିଧା ମିଳିପାରିବ। ନୂଆ ସରକାର ଆସିବା ପରେ ରାଜସ୍ୱ ମନ୍ତ୍ରୀଙ୍କ ନେତୃତ୍ୱରେ ବିଭାଗ ପକ୍ଷରୁ ଲୋକଙ୍କୁ ସେବା ପ୍ରଦାନ କରିବାରେ ଦକ୍ଷତା ଆସିଛି ବୋଲି ମତଦେଇଛନ୍ତି।

# ପ୍ରତ୍ୟେକ ମହିଳା ହେବେ ଆର୍ଥିକ ସ୍ୱାବଲମ୍ବୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୧(ସୁନିତ୍ ମିଶ୍ର)

■ ପ୍ରତି ଘରୁ ଜଣେ ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ
■ ସୁଭଦ୍ରା ଶକ୍ତିମେଳାର ୨ୟ ସଂସ୍କରଣ ଉଦ୍‌ଘାଟିତ

ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ୍ ସ୍ତରରେ ରାଜ୍ୟର ପ୍ରତ୍ୟେକ ମହିଳା ଯେପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ଓ ସ୍ୱତନ୍ତ୍ରତା ହାସଲକରି ଦକ୍ଷ ଉଦ୍ୟୋଗୀ ହେବେ ସେଥିପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଓଡ଼ିଶା ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର 'ସୁଭଦ୍ରା ଶକ୍ତି ମେଳା' ୨ୟ ସଂସ୍କରଣର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ପୂରଣ ହେବ ଯେତେବେଳେ ଆମର ଲକ୍ଷ ଲକ୍ଷ ସୁଭଦ୍ରା ମା'ମାନଙ୍କ ଶକ୍ତିର ଜାଗରଣ ଆସିବ। ସେମାନେ ସଶକ୍ତ ହେବେ ଏବଂ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ମୂଲ୍ୟବାନ୍ ଯୋଗଦାନ ରହିବ। ସେହି ଲକ୍ଷ୍ୟ ହାସଲ ପାଇଁ ଆମ ସୁଭଦ୍ରା ଯୋଜନା ହେଉଛି ଏକ ୟୁନିକ୍ ମଡେଲ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମା' ସୁଭଦ୍ରା ହେଉଛନ୍ତି ସ୍ନେହ, ତ୍ୟାଗ, ସାହସ ଓ ଦୃଢ଼ତାର ମୂର୍ତ୍ତିମନ୍ତ ପ୍ରତୀକ। ଆମର ସୁଭଦ୍ରା ମା ଓ ଭଉଣୀମାନେ ସେହି ଦିବ୍ୟଶକ୍ତିର ଚଳନ୍ତି ରୂପ। ନିଜ ଘର ଓ ପରିବାରକୁ ପ୍ରତିପାଳିତ କରିବା ସହ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ଏବଂ ବିକଶିତ ଓଡ଼ିଶା ଗଠନ ପାଇଁ ନେତୃତ୍ୱ ନେଉଛନ୍ତି। ଏହା କେବଳ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ବା ବିକ୍ରୟର ସ୍ଥାନ ନୁହେଁ ବରଂ ଆମ ମା'ମାନଙ୍କର ଶ୍ରମ, ସୃଜନଶୀଳତା ଓ ସଫଳତାର ମେଳା। ପ୍ରଧାନମନ୍ତ୍ରୀଙ୍କ ଫ୍ଲାଗ୍‌ଶିପ୍ ଯୋଜନା ଲକ୍ଷପତି ଦିଦି ଯୋଜନାରେ ଖୁବ୍ କମ୍ ଦିନ ମଧ୍ୟରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଆମ ରାଜ୍ୟ ଅଭୂତପୂର୍ବ ସଫଳତା ହାସଲ କରିଛି। ସରକାରଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଯାଇ ବର୍ତ୍ତମାନ ଲକ୍ଷପତି ଦିଦି ହୋଇ ସମାଜରେ ମହିଳାମାନେ ପ୍ରତିଷ୍ଠା ଲାଭ କରିଛନ୍ତି। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରାର ମା'ମାନେ ତାଙ୍କର ଉତ୍ପାଦିତ ସାମଗ୍ରୀ ଜରିଆରେ ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ପ୍ରତ୍ୟେକ ଘରୁ ଜଣେ ଲେଖାଏ ଲକ୍ଷପତି ଦିଦି ସୃଷ୍ଟିକରିବା ଆମର ଲକ୍ଷ୍ୟ। ଗତ ସଂସ୍କରଣରେ ୮ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ୧୫ କୋଟି ଟଙ୍କାର ବ୍ୟବସାୟ ପାଇଁ ଆଶା କରାଯାଇଛି ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ରାଜ୍ୟର ସୁଭଦ୍ରା ମା'ମାନଙ୍କୁ ପ୍ରଶଂସାକରି କହିଛନ୍ତି, ଗ୍ରାମାଞ୍ଚଳରେ ରହି ଆପଣମାନେ ଯେଉଁ କାମ କରି ଦେଖାଉଛନ୍ତି ସେଥିପାଇଁ ଆମେ ସମସ୍ତେ ଗର୍ବିତ। ମିଶନ ଶକ୍ତି ବିଭାଗର କମିଶନର ଗିରିଶ ଏସ୍‌ଏନ୍ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଛନ୍ତି।




ମିଶନଶକ୍ତି ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା 'ସୁଭଦ୍ରା ଶକ୍ତି ମେଳା'କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳା ଉଦ୍ୟୋଗୀଙ୍କୁ ସେମାନଙ୍କ ଉତ୍ପାଦ ସମ୍ପର୍କରେ ପଚାରି ବୁଝୁଛନ୍ତି।

# ୩୦ ସୁଦ୍ଧା କାମ୍ପାରେ ଖର୍ଚ୍ଚ ହୋଇଛି ୫୧୯.୬୬ କୋଟି

ଭୁବନେଶ୍ୱର,୧।୧୧(ସୁନିତ୍ ମିଶ୍ର)

**୯୨ ପ୍ରକଳ୍ପ ପାଇଁ ବ୍ୟୟ ହେବ ୬୧.୨୦ କୋଟି**

କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା(କାମ୍ପା) ରାଜ୍ୟ କର୍ତ୍ତୃପକ୍ଷଙ୍କ ୨୩ତମ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍ ସୁରେଶ ପନ୍ତ ପ୍ରମୁଖ କମିଟିର ସଦସ୍ୟ ଥିବା ଅନ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। ବୈଠକରେ କାମ୍ପା ତରଫରୁ ବାର୍ଷିକ କାର୍ଯ୍ୟ ଯୋଜନା(ଏପିଓ) ୨୦୨୫-୨୬ କାର୍ଯ୍ୟକାରିତା ସମ୍ପର୍କିତ ଆଲୋଚନା କରାଯାଇଛି। ବୈଠକ ପରେ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୨ତମ ପରିଚାଳନା କମିଟିରେ ରାଜ୍ୟ ତରଫରୁ ବିଭିନ୍ନ ବନୀକରଣ କାର୍ଯ୍ୟକ୍ରମ ପାଇଁ ୧୦୭୮.୧୦ କୋଟି ଟଙ୍କା ସୁପାରିସ କରାଯାଇ ଜାତୀୟ କର୍ତ୍ତୃପକ୍ଷ, କାମ୍ପାଙ୍କୁ ମଞ୍ଜୁର ପାଇଁ ପଠାଯାଇଥିଲା। ସେଥିରୁ ଜାତୀୟ କର୍ତ୍ତୃପକ୍ଷ ୯୬୩.୨୧ କୋଟି ଟଙ୍କା ମଞ୍ଜୁର କରିଥିଲେ। 'ବାର୍ଷିକ କାର୍ଯ୍ୟ ଯୋଜନା'ରେ ଗତ ୩୦ ତାରିଖ ସୁଦ୍ଧା ୫୧୯.୬୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପିସିସିଏଫ୍(ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ କେତେକ ଅତ୍ୟାବଶ୍ୟକ ସ୍ଥାନରେ ନିର୍ଦ୍ଦିଷ୍ଟତା ଭିତ୍ତିରେ ୯୨ଟି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ୬୧.୨୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହା ୨୦୨୫-୨୬ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହେବ। ଏସବୁ ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ବରଗଡ଼, ହୀରାକୁଦ ବନ୍ୟପ୍ରାଣୀ ଅଞ୍ଚଳ, ସମ୍ବଲପୁର, ରେଢ଼ାଖୋଲ, ବାମରା, କେନ୍ଦୁଝର ଆଦିର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହେବ। ୨୦୨୫-୨୬ ଯୋଜନାରେ ଚାରାରୋପଣ, ପଥପାର୍ଶ୍ୱ ବୃକ୍ଷରୋପଣ, ବନ୍ୟଜନ୍ତୁ ସୁରକ୍ଷା ପାଇଁ ସୌରଶକ୍ତି ବ୍ୟବହାରରେ ସୋଲାର ଫେନ୍ସିଂ, ବନ୍ୟଜନ୍ତୁମାନେ ରହୁଥିବା ବାସସ୍ଥାନ ଉନ୍ନତୀକରଣ ସହ ବୃକ୍ଷଚାରା ସୃଷ୍ଟି ପାଇଁ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ରହିଛି।

# କୋମନାରେ ରାତିଅଧିଆ ବ୍ଲାଙ୍କ୍ ଫାୟାରିଂ

■ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ
■ ବିଧାୟକଙ୍କ ପିଏସ୍‌ଓ ସସ୍‌ପେଣ୍ଡ

ନୂଆପଡ଼ା,୧।୧୧(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଛି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋମନାର ସଂକଳ୍ପ ହୋଟେଲରେ ରହୁଥିବା କୋରାପୁଟ ବିଧାୟକ ରଘୁନାଥ ମାଛଙ୍କ ପିଏସ୍‌ଓଙ୍କ ବନ୍ଧୁକରୁ ବ୍ଲାଙ୍କ ଫାୟାରିଂ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଶନିବାର କୋମନା ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ହେବା ସହ ପିଏସ୍‌ଓ ଡମ୍ବରୁ ହନ୍ତାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

କଂଗ୍ରେସ ଅଭିଯୋଗର ଅନୁଯାୟୀ, ଶାସକ ଦଳର ଜଣେ ଲୋକପ୍ରତିନିଧିଙ୍କ ସୁରକ୍ଷା ଅଧିକାରୀ ଫାୟାରିଂ କରି ଲୋକଙ୍କୁ ଆତଙ୍କିତ କରାଇବା ସହ ନିର୍ବାଚନ ଫଳକୁ ଶାସକ ଦଳ ପକ୍ଷକୁ ନେବା ଲାଗି ଚେଷ୍ଟା କରିବା ଅପରାଧ। ଏହା ବିଧାୟକଙ୍କ ପ୍ରତ୍ୟକ୍ଷ ସମର୍ଥନ ବିନା ସମ୍ଭବ ନୁହେଁ। ଏହି ଘଟଣା ପାଇଁ ପିଏସ୍‌ଓଙ୍କୁ ତୁରନ୍ତ ଗିରଫ କରିବା ସହିତ ବିଧାୟକଙ୍କୁ ଜିଲାରୁ ବାହାର କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଫାୟାରିଂ ସମ୍ପର୍କରେ କୋମନା ଥାନା ଅଧିକାରିଣୀ ରଶ୍ମିତା ପ୍ରଧାନ କହିଛନ୍ତି, ବିଧାୟକଙ୍କ ପିଏସଓ ଡମ୍ବରୁ ହନ୍ତାଲଙ୍କୁ ପ୍ରଥମେ ଅଟକ ରଖାଯାଇଥିଲା। ତାଙ୍କ ବନ୍ଧୁକ ଜବତ କରାଯାଇଛି। ଏନେଇ ମାମଲା( ନଂ .୩୧୯/୨୫)ରୁଜୁ କରାଯାଇଛି। ଇତିମଧ୍ୟରେ ପିଏସ୍‌ଓଙ୍କୁ କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ନିଲମ୍ବନ କରିଥିବା ନୂଆପଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାଏକ ସୂଚନା ଦେଇଛନ୍ତି। ଏହାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ମିନତି ବଡ଼ନାଏକଙ୍କୁ ଦିଆଯାଇଛି।



କୋମନା ଥାନା ଅଧିକାରୀଙ୍କୁ ଶନିବାର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବିଜେଡି ପୂର୍ବ ଢଙ୍ଗରେ ଗୁଣ୍ଡାରାଜ ଚଳାଇଛି: ଭାଜପା

ଭୁବନେଶ୍ୱର,୧।୧୧(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନରେ ଭାଜପା ବିଜୟ ଲାଭ କରୁଥିବା ଅନୁଭବକରି ବିଜେଡି ଏବେ ଔଷଧ ବିକଳରେ ତାଟିଆ କାମୁଡୁଛି ବୋଲି ଶାସକ ଦଳ ଅଭିଯୋଗ କରିଛି। ଭାଜପା କହିଛି, ଶାସନରୁ ଗଲା ପରେ ମଧ୍ୟ ପୂର୍ବ ଚିରାଚରିତ ଢଙ୍ଗରେ ବିଜେଡି ଗୁଣ୍ଡାରାଜ ଆରମ୍ଭ କରିଦେଇଛି। ବିଜେଡି ନେତାମାନେ ଏବେ ଭାଜପା କାର୍ଯ୍ୟକର୍ତ୍ତା ଓ ସମର୍ଥକମାନଙ୍କୁ ମାରପିଟ କରିବା ସହ ହତ୍ୟା ଧମକ ଦେଉଛନ୍ତି। ଏନେଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ଉପସଭାପତି ଯତୀନ ମହାନ୍ତିଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧିମଣ୍ଡଳୀ ସିଇଓଙ୍କ ନିକଟରେ ଦାବି କରାଯାଇଛି।

## ନୂଆପଡ଼ା ଉପନିର୍ବାଚନକୁ ପ୍ରଭାବିତ କରାଯାଉଛି: ବିଜେଡି

ଭୁବନେଶ୍ୱର,୧।୧୧(ସୁନିତ୍ ମିଶ୍ର)

ପୋଲିସ ପ୍ରଶାସନର ଅପବ୍ୟବହାରକରି ଭାଜପା ନୂଆପଡ଼ା ଉପନିର୍ବାଚନକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ପକ୍ଷରୁ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଅଭିଯୋଗ କରାଯାଇଛି। ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସିଇଓଙ୍କୁ ଫେରାଦ ହୋଇ କହିଛି, ଖରିଆର ରୋଡ୍ ବିଜେଡି ଛାତ୍ର ସଭାପତି ମନୀଷ ଦେବଙ୍ଗନଙ୍କୁ ପୋଲିସ ଦ୍ୱାରା ଚାପ ପକାଇ ଭାଜପାରେ ସାମିଲ କରାଯାଇଛି। ଏହି ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଭାଜପା ପୋଲିସ ପ୍ରଶାସନକୁ ବ୍ୟବହାରକରି ନିର୍ବାଚନକୁ ପ୍ରଭାବିତ କରୁଛି।

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧରେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧରେ ସେ ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। – ଶ୍ରୀଅରବିନ୍ଦ

ଦେବୋତ୍ଥାପନ (ବଡ଼) ଏକାଦଶୀ, ଭୀଷ୍ମ ପଞ୍ଚକ ବ୍ରତ



# ସ୍ମାର୍ଟ ସିଟିର ବାସ୍ତବତା



ଆକାର ପଟେଲ

ମୁଁ ଯେତେବେଳେ ଘରୁ ବାହାରି ରାସ୍ତାକୁ ଯାଏ ଏବଂ ଚାରିପାଖକୁ ଦେଖେ, ସେତେବେଳେ ୧୦ ବର୍ଷ ପୂର୍ବର ସ୍ଥିତିରେ ଭିନ୍ନତା ଦେଖିବାକୁ ପାଏ ନାହିଁ, କେବଳ ଅଧିକ ସଂଖ୍ୟାରେ ଯାନବାହନ ଯାତାୟାତ କରୁଥିବା ଲକ୍ଷ୍ୟକରେ। କିଛିଦିନ ପୂର୍ବରୁ ସ୍ମାର୍ଟ ସିଟି ମିଶନରେ ଭିତ୍ତିଭୂମି ବିକାଶ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା, ଯେଉଁମାନେ ସେମାନଙ୍କ ଚାରିପାଖରେ କ'ଣ ଘଟିଛି ବୋଲି ଯଦି ନିରୀକ୍ଷଣ କରିବେ ତେବେ ଜାଣିବାକୁ ପାଇବେ ଯେ, ବିଗତ ବର୍ଷ ଶେଷ ହୋଇଥିବା ଏକ ୧୦ ବର୍ଷିଆ କାର୍ଯ୍ୟକ୍ରମର କୌଣସି ପ୍ରଭାବ ପଡ଼ିନାହିଁ। ବର୍ତ୍ତମାନ ଏହା ପୁରା ବନ୍ଦ ହୋଇଗଲାଣି ଏବଂ ଏହା ଉପରେ ଆଉ କୌଣସି ପ୍ରତିଶ୍ରୁତି ଦିଆଯିବ ନାହିଁ। ଏବେ ଏହି ମିଶନ ମାଧ୍ୟମରେ କ'ଣ କରାଯାଇଛି ତାହା ଆମେ ବିଚାର କରିପାରିବା।

ସ୍ମାର୍ଟ ସିଟି ମିଶନରେ ପ୍ରସ୍ତାବିତ ପରିଯୋଜନାର ଗୁଣରେଖକୁ ନେଇ ସହରାଞ୍ଚଳ ମନ୍ତ୍ରାଳୟ ଏକ ସଂକ୍ଷିପ୍ତ ରିପୋର୍ଟ ପ୍ରସ୍ତୁତ କରିଥିଲା। ସେଥିରେ କୁହାଯାଇଥିଲା, ଏହାର ଲକ୍ଷ୍ୟ ହେଉଛି ଏପରି ସହର ତିଆରି କରିବା ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କୁ ଉପଯୁକ୍ତ ଜୀବନଯାପନ ବିକଳ୍ପ ମିଳିବ ଏବଂ ଯେକୌଣସି ବିକଶିତ ୟୁରୋପୀୟ ସହର ସହ ତୁଳନୀୟ ଉଚ୍ଚମାନର ଜୀବନଯାପନ ଶୈଳୀ ପ୍ରଦାନ କରିବ। ସରକାର କହିଥିଲେ, ଏହା ୨୦୨୦ ସୁଦ୍ଧା ଘଟିବ। ୨୦୧୪ରେ ଅରୁଣ ଜେଟ୍‌ଲୀ ସଂସଦରେ କହିଥିଲେ, ମଧ୍ୟବିତ୍ତ ବର୍ଗର ସେବା ପାଇଁ ଏହି ସ୍ମାର୍ଟ ସିଟି ଆବଶ୍ୟକ। ୨୦୧୫ରେ ମିଶନର ଲକ୍ଷ୍ୟକୁ ଅଧିକ ସାଧାରଣ କରିବା ପାଇଁ କଥା ବଦଳାଯାଇ ୟୁରୋପୀୟ ସହରକୁ ଅନୁକରଣ କରିବା କଥା କୁହାଯାଇ ନ ଥିଲା। ଏହା ପରିବର୍ତ୍ତେ ଭାରତର ସ୍ମାର୍ଟ ସିଟି ନାଗରିକଙ୍କୁ ପର୍ଯ୍ୟାପ୍ତ ଜଳ ଯୋଗାଣ, ନିଶ୍ଚିତ ବିଦ୍ୟୁତ୍ ଯୋଗାଣ, ପରିମଳ, ସାଧାରଣ ପରିବହନ, ଗରିବଙ୍କ ପାଇଁ ସୁଲଭ ଗୃହ, ମହିଳାଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପ୍ରଦାନ କରାଯିବ ବୋଲି ଦର୍ଶାଯାଇଥିଲା। ଏହା ନିଶ୍ଚିତ ଯେ, ସମସ୍ତ ସହରର ପୌରପାଳିକାଗୁଡ଼ିକ ଯାହା ଉପରେ ଧ୍ୟାନ ଦିଅନ୍ତି ତା'ଠାରୁ ଏହା କିଛି ଭିନ୍ନ ନୁହେଁ। ୨୦୨୧ ମସିହାରେ 'ସ୍ମାର୍ଟ ସିଟି ପ୍ରକଳ୍ପ ସଫଳ ହୋଇପାରିଲା ନାହିଁ, ଏହାର ଅଧା ପାଣ୍ଠି ଖର୍ଚ୍ଚ ହୋଇନାହିଁ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ସୂଚିତ କରାଯାଇଥିଲା ଯେ ପ୍ରକଳ୍ପ ୨୦୨୦ କେଉଁଠୁ ଏହାର ସଫଳତାର ପଥ ଅତିକ୍ରମ କରିବା ଉଚିତ ଥିଲା, କିନ୍ତୁ ବାସ୍ତବରେ ହେଉଛି ୨୦୧୯ ସୁଦ୍ଧା ୨୦୧୫-୧୯ ମଧ୍ୟରେ ଅନୁମୋଦିତ ମୋଟ ୪୮,୦୦୦ କୋଟି ଟଙ୍କା ମଧ୍ୟରୁ କେବଳ ଅଧା ବଣ୍ଟନ କରାଯାଇଥିଲା। ପ୍ରକୃତରେ ଏହାର ତିନି-ଚତୁର୍ଥାଂଶ ଦିଆଯାଇଥିଲା ଏବଂ ସେଥିରୁ ମାତ୍ର ୩୬ ପ୍ରତିଶତ ଖର୍ଚ୍ଚ କରାଯାଇଥିଲା। ଅର୍ଥାତ୍ ୪୮,୦୦୦ କୋଟି ଟଙ୍କାରୁ କେବଳ ୬,୧୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

ନଗର ଉନ୍ନୟନ ପାଇଁ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି (ପିଏସ୍‌ସି) କହିଥିଲା ଯେ, ମିଶନ ଅଧୀନରେ ତୃଣମୂଳ ସ୍ତରରେ ଏପର୍ଯ୍ୟନ୍ତ ହୋଇଥିବା ପ୍ରକୃତ ପ୍ରଗତି ବିଷୟରେ ଏହା ଦ୍ୱନ୍ଦ୍ୱରେ ରହିଛି ଏବଂ ଗୋଟିଏ ସଂସ୍ଥା ଅନ୍ୟ ଏକ ସଂସ୍ଥାର କାର୍ଯ୍ୟର ବିଫଳତାକୁ ଦର୍ଶାଇବାର ଅନେକ ଉଦାହରଣ ଦେଖିଛି। କେତେକରେ ୨୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଦିଆଯାଇଥିବା ପାଣ୍ଠିର ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ ହୋଇଛି। ଷ୍ଟାଣ୍ଡିଂ କମିଟି କହିଛି ଯେ, ଉପଲବ୍ଧ ବ୍ୟବସ୍ଥା ସତ୍ତ୍ୱେ ମିଶନ ଅଧୀନରେ ଖରାପ କାମ ବିଷୟରେ ଅଭିଯୋଗଗୁଡ଼ିକ କମିଟି ପାଖକୁ ଆସିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ। ଏହି ପ୍ରସଙ୍ଗରେ ଆଗ୍ରହୀ ଥିବା ସଂସ୍ଥାଗୁଡ଼ିକର ରିପୋର୍ଟ ସବୁ ସ୍ମାର୍ଟ ସିଟି ମିଶନର କିଛି ପ୍ରାଥମିକ ତ୍ରୁଟିକୁ ସୂଚାଇଥିଲେ। ମିଶନ ଉଚ୍ଚମାନର ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦେଉଥିଲା। କିନ୍ତୁ ପାଣି, ସ୍କୁଲ, ସରକାରୀ ହସ୍ପିଟାଲ, ଗୃହ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଉ ନ ଥିଲା। ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକାଶକୁ ଏହା ଜୋର ଦେଉଥିଲା, ବିଶେଷକରି ପୂର୍ବରୁ ବିକଶିତ ହୋଇଥିବା ସହରର ଛୋଟ ଛୋଟ ଅଂଶରେ ହିଁ ଅଧିକ ଅର୍ଥ ବ୍ୟୟ କରିବା ଉପରେ ଧ୍ୟାନ ଦେଉଥିଲା। ଉଦାହରଣ ସ୍ୱରୂପ, ବେଙ୍ଗାଲୁରୁରେ ସ୍ମାର୍ଟ ସିଟି ମିଶନରେ ଦିଆଯାଇଥିବା ଅର୍ଥ ଚର୍ଚ୍ଚ ଷ୍ଟ୍ରିଟ୍ କ୍ଷେତ୍ରରେ କରାଯାଇଥିଲା, ଯାହା ସହରର ଅଧିକାଂଶ ସ୍ଥାନ ଅପେକ୍ଷା ଅଧିକ ବିକଶିତ। ଏହି ଅଞ୍ଚଳର ଇନ୍‌ଫାଣ୍ଟ୍ରି ରୋଡ୍, କାମରାଜ ରୋଡ୍, ଟାଟା ଲେନ୍, ଉଡ୍ ଷ୍ଟ୍ରିଟ୍, କ୍ୟାସଲ ଷ୍ଟ୍ରିଟ୍, ଡିକେନ୍‌ସନ ରୋଡ୍, କେନ୍‌ସିଂଟନ ରୋଡ୍, ଓ୍ୱେଲ୍ସ ଛକ ରୋଡ୍, ରେସିଡେନ୍ସି ରୋଡ୍, କନ୍ନିଂହାମ ରୋଡ୍, ବୋରିଂ ହସ୍ପିଟାଲ ରୋଡ୍, ମିଲର୍ସ ରୋଡ୍, ଲାଭେଲ ରୋଡ୍, ମ୍ୟାକ୍‌ଗ୍ରାଥ୍ ରୋଡ୍, କନଭେଣ୍ଟ ରୋଡ୍, କୁଇନ୍ସ ରୋଡ୍, ହେନ୍ସ୍ ରୋଡ୍, ରାଜା ରାମମୋହନ ରାୟ ରୋଡ୍ ଏବଂ ରେସ୍‌କୋର୍ସ ରୋଡର ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଦିଲ୍ଲୀରେ, ନୂଆଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଅଧୀନରେ ଥିବା ଅଞ୍ଚଳ ପୂର୍ବରୁ ଜାତୀୟ ରାଜଧାନୀ ଅଞ୍ଚଳର ସବୁଠାରୁ ବିକଶିତ ଭାଗ ଥିଲା। ହେଲେ ଏହି ମିଶନର ଲକ୍ଷ୍ୟ ଦିଲ୍ଲୀର କୌଣସି ମଧ୍ୟବିତ୍ତ ଶ୍ରେଣୀ ପାଇଁ ନ ଥିଲା, ବରଂ ଜନସଂଖ୍ୟାର ଅତି କ୍ଷୁଦ୍ର ଅଂଶ ଥିବା ଏକ ନିର୍ଦ୍ଦିଷ୍ଟ ବର୍ଗ(ଉଚ୍ଚବର୍ଗ)ଙ୍କ ପାଇଁ ଏହି ମିଶନ ଉଦ୍ଦିଷ୍ଟ ଥିଲା। ଏହି ଅଭିଜ୍ଞତା ମଧ୍ୟ ପୁଣେ, ଦିଲ୍ଲୀ, ଭୋପାଳ ଏବଂ କୋଏମ୍ବାଟୁର ସମେତ ଅନେକ ସହର ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସାର୍ବଜନୀନ ସାଇକେଲ ଶେୟାରିଂ ପ୍ରକଳ୍ପରେ ଲକ୍ଷ କରାଯାଇଥିଲା। କମ୍ପାନୀର ୱେବ୍‌ସାଇଟରେ ସାଇକେଲ ଭଡ଼ା ପାଇଁ ନିର୍ଦ୍ଦେଶାବଳୀ କେବଳ ଇଂରାଜୀରେ ଥିଲା ଏବଂ ଏହା କେବଳ ଅନଲାଇନ ପେମେଣ୍ଟ ଗ୍ରହଣ କରୁଥିଲା। ସ୍ମାର୍ଟ ସିଟି ଉପରେ ଶେଷ ସମୀକ୍ଷା ୨୦୧୯ରେ ପ୍ରକାଶ ପାଇଥିଲା। ୨୦୧୯ରେ ଆବଣ୍ଟିତ ପାଣ୍ଠି ୨୦୧୮ ପରି ସମାନ ଥିଲା ଏବଂ ୨୦୨୧ ବଜେଟରେ 'ସ୍ମାର୍ଟ ସିଟି' ଶବ୍ଦର ବ୍ୟବହାର କରାଯାଇ ନ ଥିଲା। ଶିମ୍ଲାର ପୂର୍ବତନ ଡେପୁଟି ମେୟର ଟିକେନ୍ଦର ସିଂହ ପନ୍ୱାର କହିଥିଲେ, ଏହି ସ୍ମାର୍ଟ ସିଟିଗୁଡ଼ିକ ଦେଶର ଅନ୍ୟ ସହର ପାଇଁ ଆଲୋକବର୍ତ୍ତିକା ହେବା କଥା। ହେଲେ ବଜେଟ ଏହା ଉପରେ ସମ୍ପୂର୍ଣ୍ଣ ନୀରବ, କାରଣ ଏହାର ବିଫଳତା ମୋଦି ସରକାରଙ୍କ ପାଇଁ ସବୁଠାରୁ ବଡ଼ ଲଜ୍ଜା ମଧ୍ୟରୁ ଗୋଟିଏ। ଏହା ପ୍ରକୃତରେ କେଉଁ ପରିବର୍ତ୍ତନ ଆଣିଛି କିମ୍ବା ପ୍ରକୃତରେ କାର୍ଯ୍ୟକ୍ରମଟି ସମାପ୍ତ ହୋଇଯାଇଛି କି ନାହିଁ ସେ ବିଷୟରେ ଆଉ କେବେ ମଧ୍ୟ ଆଲୋଚନା କରାଯିବ ନାହିଁ।

Email:aakar.patel@gmail.com

# ଅହିଂସ ଆନ୍ଦୋଳନ ବେଶି ପ୍ରାସଙ୍ଗିକ



ସହଦେବ ସାହୁ

ସ୍ୱୈରତନ୍ତ୍ରୀ ଅତ୍ୟାଚାରୀ ସରକାରକୁ ତଡିପାରିବାର ସାର୍ଥକ ଉପାୟ ହେଉଛି ଅହିଂସ ସଂଘର୍ଷ – ଯେଉଁ ସମ୍ରାଜ୍ଞୀଙ୍କ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହେଉ ନ ଥିଲା ତାଙ୍କ ଶାସନକୁ ହଟାଇ ଦେଇପାରିଲେ ନିରସ୍ତ୍ର ଭାରତୀୟମାନେ – ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ। ହିଂସାତ୍ମକ ଆନ୍ଦୋଳନ ଶାସକର ଦମନକାରୀ ହିଂସାକାଣ୍ଡକୁ ନିମନ୍ତ୍ରଣ କରେ, ଭୀଷଣ ଧ୍ୱଂସଲୀଳା ଓ ରକ୍ତପାତ ଆଣେ। ସଶସ୍ତ୍ର ବିଦ୍ରୋହ ବହୁଦିନ ଧରି ଚାଲିଲେ ଆନ୍ଦୋଳନକାରୀମାନେ ବାହାରୁ ଅସ୍ତ୍ରଶସ୍ତ୍ର ଆଣିବାକୁ ବାଧ୍ୟ ହୁଅନ୍ତି। ଅହିଂସ ଆନ୍ଦୋଳନ ସାଧାରଣ ଲୋକଙ୍କ ସାମର୍ଥ୍ୟ ଉପରେ ନିର୍ଭର କରେ। ସେ ସାମର୍ଥ୍ୟ ହେଉଛି ସରକାର ଗଢିଥିବା ଆଇନକୁ ନ ମାନିବା, କୌଣସି ଗୋଟିଏ କାରଣ ଖୋଜିବା ଯାହା ସମସ୍ତଙ୍କୁ ବାଧୁଥିବ – ଯେପରି ଲୁଣ ମାରିବା ଅଧିକାର ବା ସୋସିଆଲ ମିଡିଆ ବ୍ୟବହାରର ଅଧିକାର। ଅହିଂସ ଆନ୍ଦୋଳନ ସଫଳ ହୁଏ ଉଚ୍ଚ ମାନର ନୈତିକତା ଯୋଗୁ ନୁହେଁ, ଶାସନଗାଦିରେ ବସିଥିବା ବ୍ୟକ୍ତିଙ୍କ ପ୍ରତି ଘୃଣା ଆସିବା ଯୋଗୁ। ସମୟ ଯେତେ ଗଡେ ଆନ୍ଦୋଳନକାରୀଙ୍କ ସଂଖ୍ୟା ସେତେ ବଢେ। ଜନତାର ଲହରି ଶାସନ-ଗାଦିରେ ବସିଥିବା ଗୋଷ୍ଠୀକୁ ଭସାଇ ଦିଏ, ସେମାନେ ଗାଦି ଛାଡିବାକୁ ବାଧ୍ୟ ହୁଅନ୍ତି କିମ୍ବା ଆଇନ ବଦଳାଇ ଆନ୍ଦୋଳନକାରୀଙ୍କ ମତ ଅନୁଯାୟୀ ଶାସନ ଚଳାନ୍ତି, ଅର୍ଥାତ୍ ଗଣତନ୍ତ୍ର ସଂସ୍ଥାପନ ହୁଏ। ଆଗ କାଳରେ ଗୁଜବ ଆକାରରେ ଖବର ବ୍ୟାପୁଥିଲା, ତେଣୁ ଲୋକେ ତାକୁ ବିଶ୍ୱାସ କରି ଏକାଠି ହେବାକୁ ସମୟ ଲାଗୁଥିଲା ଓ ପ୍ରଶାସନ ତାକୁ ରୋକିବାର ପଦକ୍ଷେପ ନେବାକୁ ବହୁତ ସମୟ ପାଉଥିଲା। ଆଜିକାଲି ଇଣ୍ଟରନେଟ୍ ଯୁଗରେ ସୋସିଆଲ୍ ମିଡିଆ ଭଳି ମଞ୍ଚ କେଇ ଘଣ୍ଟା ଭିତରେ ଲକ୍ଷ ଲକ୍ଷ ଲୋକଙ୍କୁ ରୁଣ୍ଡ କରିପାରୁଛି, କେବଳ ସଂଖ୍ୟା ବିପ୍ଳବକୁ ସଫଳ କରୁଛି। ଏବେ ନୂଆ ପିଢିର ଶିକ୍ଷିତ ଯୁବଗୋଷ୍ଠୀ (ଯାହାଙ୍କୁ ଜେନ୍ ଜେଡ୍ କୁହାଯାଉଛି) ଆନ୍ଦୋଳନର ଆଗୁଆ ଧାଡିକୁ ଆସୁଛନ୍ତି, ମାତ୍ର କେଇ ଦିନରେ ଆନ୍ଦୋଳନ ସଫଳ ହେଉଛି ଯେପରି ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ସମ୍ପ୍ରତି ଘଟିଛି। ଶହେ ବର୍ଷରୁ ବେଶି କାଳ ପାଲେଷ୍ଟିନୀୟଙ୍କ ସଶସ୍ତ୍ର ଆନ୍ଦୋଳନରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ବା ବାସହରା ହୋଇଛନ୍ତି, ସେମାନେ ଅହିଂସା ଓ ଅସହଯୋଗର ମାର୍ଗ ଧରିଥିଲେ ପରିଣାମ କ'ଣ ଏତେ ଖରାପ ହୋଇଥାନ୍ତା ? ସୁଦାନ, ମ୍ୟାନମାର୍, ୟେମେନ୍, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ ଭଳି କେତେକ ଗୃହଯୁଦ୍ଧରେ ସେହି ପ୍ରଶ୍ନ ଉଠାଇପାରିବା। ଅହିଂସ ପ୍ରତିବାଦ ବା ଅଭିଯାନ ବହୁତ କମ୍ ଜୀବନହାନିରେ ବହୁତ ବେଶି ସଫଳ ହୋଇଥାନ୍ତା କହିଲେ ସରକାର ବିରୋଧରେ ସଂଗ୍ରାମରେ ଲାଗିଥିବା ଲୋକେ ସମ୍ଭବତଃ ଆମର ଏ ପରାମର୍ଶକୁ ପିଲାଳିଆ ଭାବିବେ। ସେମାନେ କହିବେ ପ୍ରତ୍ୟେକ ସଂଘର୍ଷର ଇତିହାସ ଭିନ୍ନ, ହିଂସାକାଣ୍ଡ ଘଟିବା କାହାର ମର୍ଜି ଉପରେ ନିର୍ଭର କରେନାହିଁ, ଏ ଗୋଟିଏ ବାଧ୍ୟବାଧକତା। ତେଣୁ ଅହିଂସ ପ୍ରତିବାଦ ସଫଳ ହେବ ବୋଲି ଅନେକେ ଭାବି ପାରୁନାହାନ୍ତି। କିନ୍ତୁ ୧୯୦୦ ପରଠୁ ଆମେ ଦେଖି ଆସିଛୁ ଯେ ହିଂସାକାଣ୍ଡ ତୁଳନାରେ ଅହିଂସ ଆନ୍ଦୋଳନ ବେଶି ସଫଳ ହୋଇଛି। ଆମ ଦେଶରୁ ବ୍ରିଟିଶ୍ ଶାସନ ହଟିଯିବା ତ ଏକ ପ୍ରକୃଷ୍ଟ ଉଦାହରଣ। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷୀ ଶାସକଙ୍କ ଆଗରେ ନେଲ୍‌ସନ୍ ମଣ୍ଡେଲାଙ୍କ ଲଢେଇ ସଫଳ ହେବା ମୂଳରେ ଅହିଂସ ଆନ୍ଦୋଳନ। ୧୯୦୦ରୁ ୨୦୨୧ ଭିତରେ ସାରା ପୃଥିବୀରେ ଘଟିଥିବା ସରକାର-ବିରୋଧୀ ଆନ୍ଦୋଳନର ବିଶ୍ଳେଷଣ କରି ଦୁଇଜଣ ରାଜନୀତି ବିଜ୍ଞାନର ଅଧ୍ୟାପକ ଏରିକା ଚେନ ୱେଥ୍ ଓ ମାରିଆ ଷ୍ଟିଫେନ୍ ଦର୍ଶାଇଛନ୍ତି ଯେ ଅହିଂସ ଆନ୍ଦୋଳନଗୁଡିକର ସଫଳତା ହାର ୫୩% ହୋଇଥିବା ବେଳେ ହିଂସାକାଣ୍ଡ ସହ ଆନ୍ଦୋଳନ ମାତ୍ର ୨୬% ସଫଳ ହୋଇଛି। ସଶସ୍ତ୍ର ଯୁଦ୍ଧ ତୁଳନାରେ ଅହିଂସ ଆନ୍ଦୋଳନର ସଫଳତା ହାର ଦୁଇଗୁଣ ବୋଲି ପରିସଂଖ୍ୟାନ ସଂସ୍ଥା -Nonviolent and Violent Campaigns and Outcomes, Navco, – ୧୯୦୦ରୁ ୨୦୦୬ ଯାଏ ସଂଗ୍ରହ କରିଥିବା ତଥ୍ୟାବଳୀରୁ ଏହା ହିସାବ କରିଛି। ସେତିକିରେ କଥା ସରିନାହିଁ, ନାଭକୋ ତଥ୍ୟ କହେ ଯେ ଅହିଂସ ଉପାୟରେ ସ୍ୱୈରତନ୍ତ୍ରୀ ଶାସନ ବଦଳିଗଲା ପରେ ଯେଉଁ ଶାସନ ଆସେ ତାହା ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ହେବାର ସମ୍ଭାବନା ବେଶି। ସଶସ୍ତ୍ର ବିଦ୍ରୋହ ଯୋଗୁ ଯେଉଁ ନୂଆ ଶାସନ ଆସେ ତାହା ସ୍ୱୈରତନ୍ତ୍ରୀ (ଡିକ୍ଟେଟରଶିପ୍) ହେବାର ସମ୍ଭାବନା ବେଶି ଏବଂ ନାଗରିକମାନେ ଅଧିକତର ଦମନର ଶିକାର ହେବାର ଆଶଙ୍କା ଥାଏ।

ନିନ୍ଦୁକମାନେ କହିବେ ଏପରି ପରିସଂଖ୍ୟାନଗତ (ଡାଟା) ବିଶ୍ଳେଷଣ କିଛି ପ୍ରମାଣ କରେ ନାହିଁ। ଯେଉଁ ମାର୍ଗ ବେଶି ଫଳପ୍ରଦ ହେବ ବୋଲି ଲୋକେ ଭାବନ୍ତି ସେହି ମାର୍ଗକୁ ସେମାନେ ଅନୁସରଣ କରନ୍ତି, ଅହିଂସ ହେଉ କି ହିଂସ୍ର। କେତେକ କହନ୍ତି, ପ୍ରତିପକ୍ଷ ସୈନ୍ୟବାହିନୀ ଓ ପୋଲିସ ଲଗାଇ ହିଂସାକାଣ୍ଡ କଲେ ଜନସାଧାରଣଙ୍କ ଅହିଂସା କାମ କରିବ ନାହିଁ। ଆଉ କେତେକ ସମାଲୋଚକ କହନ୍ତି- ଅହିଂସା କେବଳ ଗଣତାନ୍ତ୍ରିକ ଶାସନ କରୁଥିବା ସରକାରରେ ସଫଳ ହୁଏ, ଅତ୍ୟାଚାରୀମାନେ ତ ବଳ ପ୍ରୟୋଗ କରି ଅହିଂସ ଆନ୍ଦୋଳନକୁ ଭଣ୍ଡୁର କରନ୍ତି। ନାଭକୋ ତଥ୍ୟ ଅହିଂସ ଆନ୍ଦୋଳନର ବହୁତ ସଫଳ ଉଦାହରଣ ଦେଇଛି। ୧୯୮୬ରେ ଫିଲିପାଇନ୍ସରେ ପିପୁଲ୍‌ସ ପାୱାର ରିଭୋଲ୍ୟୁଶନ୍ ଏକଚ୍ଛତ୍ରବାଦୀ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍‌ଙ୍କୁ ଗାଦି ଛାଡିବାକୁ ବାଧ୍ୟ କରିଥିଲା, ସେ ଦେଶ ଛାଡି ପଳାୟନ କଲେ। ଚିଲିରେ ୧୯୮୮ରେ ଅଗଷ୍ଟୋ ପିନୋଚେଟ୍‌ଙ୍କ ସାମରିକ ଏକଚ୍ଛତ୍ରବାଦ ଶାସନକୁ ନାସ୍ତି ସୂଚକ ରେଫେରଣ୍ଡମ୍ ଦେଇ ସେ ଦେଶର ନାଗରିକମାନେ ଅଗଷ୍ଟୋଙ୍କୁ ହଟାଇ ଦେଲେ। ୧୯୮୯ରେ ଚେକୋସ୍ଲୋଭାକିଆରେ ଭେଲ୍‌ଭେଟ୍ ବିପ୍ଳବ କମ୍ୟୁନିଷ୍ଟ ସରକାରକୁ ତଡିଦେଲା, ତହିଁରୁ ଶାନ୍ତିପୂର୍ଣ୍ଣ ଭାବେ ଦୁଇଟି ସ୍ୱାଧୀନ ଦେଶ ଜନ୍ମ ନେଲା – ଚେକ୍ ରିପବ୍ଲିକ୍ ଓ ସ୍ଲୋଭାକିଆ। ଅବଶ୍ୟ ଅନେକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସ୍ଥାୟୀ ଶାନ୍ତି ଆଣିନାହିଁ – ଯଥା ଟ୍ୟୁନିସିଆର ମଲ୍ଲୀ (Jasmine) ବିପ୍ଳବ। ମାତ୍ର ହିଂସ୍ର ବିପ୍ଳବ ଯେ ବେଶି ସଫଳ ହୋଇଛି ତାହାର ବିଶେଷ ପ୍ରମାଣ ନାହିଁ। ନାଭକୋ ଡାଟା ଦେଖାଉଛି ଯେ ବିଭିନ୍ନ ସାମାଜିକ, ଅର୍ଥନୈତିକ ଓ ରାଜନୀତିକ ଢାଞ୍ଚାରେ ଅର୍ଥାତ୍ ସବୁ ପରିସ୍ଥିତିରେ ଅହିଂସ ଅଭିଯାନ ସଫଳ ହୋଇପାରିବ। ଚେନୋୱେଥ୍ ଓ ଷ୍ଟୋଫାନ୍ ନାମକ ଦୁଇ ଲେଖକ ସେମାନଙ୍କ ୨୦୧୧ର ବହି କାହିଁକି 'ଆଇନ ଅମାନ୍ୟ ଆନ୍ଦୋଳନ କାମ କରେ' ରେ ଏହା ଲେଖିଛନ୍ତି, ବହିର ନାମ ସହ ଯୋଡିଛନ୍ତି ଅହିଂସ ବିଦ୍ରୋହର ରଣକୌଶଳଗତ ଯୁକ୍ତି। ସେ ଦୁହେଁ ମାନିଛନ୍ତି – ମିଡିଆ ହିଂସାକାଣ୍ଡ ଭିଆଉଥିବା ଆନ୍ଦୋଳନକୁ ବେଶି ପ୍ରକାଶ କରିଥାଏ – ତଥାପି ଅହିଂସ ଆନ୍ଦୋଳନ ବଢିବାରେ ଲାଗିଛି, ତୁଣ୍ଡ ବାଇଦ ସହସ୍ର କୋଶ ବ୍ୟାପେ, ମିଡିଆ ଚୁପ୍ ରହିଥିଲେ ବି! ୧୯୮୪ ଅକ୍ଟୋବର ୩୧ରେ ରାଜୀବ ଗାନ୍ଧୀ କଲିକତାରୁ ଦିଲ୍ଲୀକୁ ଅପରାହ୍ନ ୪ଟାରେ ଫେରିବା ଯାଏ ସରକାର ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ଘୋଷଣା କରି ନ ଥିଲେ ବି କଟକ ଆଉ ଭୁବନେଶ୍ୱରରେ ଲୋକେ ସକାଳ ସାଢେ ନଅଟାରେ ଜାଣିସାରିଥିଲେ। ଯେଉଁ ଆଫ୍ରିକୀୟ ଅଞ୍ଚଳରେ ଲୋକ-ମୁଖ-ଖବର ଶୀଘ୍ର ବ୍ୟାପେ, ସେଠାରେ ବି ହିଂସାତ୍ମକ ଘରୋଇ ଯୁଦ୍ଧ ସଂଖ୍ୟା ତୁଳନାରେ ଅହିଂସ ବିପ୍ଳବ ଅଧିକ ସଫଳ ହେବା ଦେଖାଯାଏ, ଅର୍ଥାତ୍ ଦେଶ ବା ମହାଦେଶ ନିର୍ବିଶେଷରେ ଅହିଂସ ବିପ୍ଳବ ସଫଳ ହେବାର ସମ୍ଭାବନା ଅଧିକତର।



ହିଂସାତ୍ମକ ଆନ୍ଦୋଳନ ଅସ୍ତ୍ରଶସ୍ତ୍ର ପାଇଁ ଦେଶବାହାରର ସାହାଯ୍ୟ ଦରକାର କରେ, ଅହିଂସ ଆନ୍ଦୋଳନ ଦେଶ ଭିତରର ଜନତା ଭିତରୁ ଶକ୍ତି ସଂଗ୍ରହ କରେ। ତେଣୁ ତାହା ସଫଳ ହୁଏ ଧୀର ପାଣି ପଥର କାଟେ ନ୍ୟାୟରେ। ସଶସ୍ତ୍ରର ଅସ୍ତ୍ର ଭାଙ୍ଗିପାରେ, ନିରସ୍ତ୍ରର ମନ ଭାଙ୍ଗିବା ସହଜ ନୁହେଁ। ଯେଉଁ ବହୁରାଷ୍ଟ୍ରୀୟ ସଂଗଠନମାନେ ତଥା ଧନୀ ରାଷ୍ଟ୍ରମାନେ ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ଜନପ୍ରତିବାଦକୁ ସାହାଯ୍ୟ କରନ୍ତି ସେମାନଙ୍କ ନୀତିକୁ ଏ ବିଶ୍ଳେଷଣ ବାଟ ଦେଖାଇବ: ହିଂସାତ୍ମକ ବିଦ୍ରୋହରେ ଲାଗିଥିବା ସଂଗଠନଗୁଡିକୁ ସାହାଯ୍ୟ ଦେବା ବନ୍ଦ କରନ୍ତୁ, ଯୁବପିଢିର ଅହିଂସ ବିଦ୍ରୋହକୁ ଉତ୍ସାହିତ କରନ୍ତୁ।

sahadevas@yahoo.com

# 'ମୁଁ' ରାକ୍ଷସ



ଡ. ଦେବୀଲାଲ ମିଶ୍ର

ଏବେ ଚାରିଆଡ଼େ 'ମୁଁ' ରାକ୍ଷସର ପ୍ରାଦୁର୍ଭାବ। ଯାହା ସହ କଥା ହେବା, ତା' ଭିତରେ 'ମୁଁ'। ମୁଁ ଏଇଟା କରିଛି, ମୁଁ ସେଇଟା କରିଛି। ମୋ' ବିନା କିଛି ସମ୍ଭବ ନୁହେଁ। ମୋ'ଠୁଁ ବଡ଼ ଦାନୀ, ଜ୍ଞାନୀ, କର୍ମୀ କେହି ନାହାନ୍ତି। ହୁଏତ ପ୍ରତିଦିନ ଆମେ ଏମିତି ଅନେକ କଥା କହୁ ବା ଶୁଣୁ। ତେବେ ଏହି 'ମୁଁ' ପଛରେ କ'ଣ ରହିଛି ? ଏ ପ୍ରଶ୍ନ ବୋଧହୁଏ ଆମେ କେବେ ନିଜକୁ ପଚାରି ନାହେଁ। ଆମ ପାଖରେ ହୁଏତ ଆତ୍ମସମୀକ୍ଷା କରିବାର ସମୟ ନାହିଁ ବା ଆମେ ଆତ୍ମସମୀକ୍ଷା କରିବାକୁ ଗୁରୁତ୍ୱ ଦେଉନାହୁଁ।

ସ୍ୱାମୀ ବିବେକାନନ୍ଦ କହିଥିଲେ- ଏ ଜୀବନ ହେଉଛି କ୍ଷଣସ୍ଥାୟୀ। ଏ ପୃଥିବୀରେ ଥିବା ସମସ୍ତ ଗର୍ବ, ଅହଂକାର ଓ ଆତ୍ମବଡ଼ିମା ଅଧିକ ଦିନ ରହେନାହିଁ। ଏଇଠି କେବଳ ସେଇମାନେ ହିଁ ବଞ୍ଚନ୍ତି, ଯେଉଁମାନେ ଅନ୍ୟ ପାଇଁ ବଞ୍ଚନ୍ତି। ଏହାର ମାର୍ମିକ ଅର୍ଥ ହେଉଛି: ମଣିଷ ତା'ର ଅହଂକାରକୁ ନେଇ ବେଶିଦିନ ବଞ୍ଚି ପାରେନାହିଁ। ଅହଙ୍କାରର ପତନ ହୁଏ। ତେଣୁ ମଣିଷ ପ୍ରଥମରୁ ନମ୍ର ଏବଂ କୃତଜ୍ଞତାପୂର୍ଣ୍ଣ ଆଚରଣ କଲେ ତାହାର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ।

ଅହଂକାର ବ୍ୟକ୍ତିକୁ ଶିକ୍ଷାଠାରୁ ଦୂରେଇଦିଏ। ପ୍ରେମ ଏବଂ ତ୍ୟାଗଠାରୁ ଦୂରେଇ ରଖେ। ନା ମଣିଷ କିଛି ଶିଖିପାରେ ନା ତା'ର ଚେତନାର ପୂର୍ଣ୍ଣ ବିକାଶ ସମ୍ଭବ ହୋଇପାରେ। ଅହଂକାର ଅଜ୍ଞତାକୁ ଜନ୍ମଦିଏ, ଅଜ୍ଞତା ମଣିଷକୁ ବିନାଶମୁଖୀ କରାଏ। ମହାନ୍ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଭାଷାରେ, ଅହଂକାର ଏମିତି ଏକ ଭୟଙ୍କର ବନ୍ଧନ, ଯାହା ଆମକୁ ଅଜ୍ଞାନତା ସହ ବାନ୍ଧିରଖେ। ଅହଂକାର ହିଁ ପ୍ରତ୍ୟେକ ମଣିଷର ଦୁଃସ୍ଥିତି ବା ଦୁର୍ଦ୍ଦଶାର ପ୍ରମୁଖ କାରଣ। ସେ କହିଥିଲେ ଯେ ଭଗବତ୍ ଚେତନାରେ ଅହଂକାରର କୌଣସି ସ୍ଥାନ ନାହିଁ। ଯଦି କୌଣସି ବ୍ୟକ୍ତି ନିଜ ଅହଂକାର ତ୍ୟାଗ ପାଇଁ ପ୍ରସ୍ତୁତ ନୁହେଁ, ତେବେ ସେ ସାମାନ୍ୟ ମନୁଷ୍ୟ ସତ୍ତାରୁ ଆଗକୁ ବଢ଼ିପାରିବ ନାହିଁ। ଅର୍ଥାତ୍ ଅହଂକାର ତ୍ୟାଗ ବିନା କୌଣସି ମହାନ୍ ଉପଲବ୍ଧି ସମ୍ଭବ ନୁହେଁ।

ଏହି ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦ ଶିକାଗୋ ଧର୍ମ ସମ୍ମିଳନୀରେ ସେପ୍ଟେମ୍ବର ୧୫ରେ ରଖିଥିବା ବକ୍ତବ୍ୟର କିଛି ଅଂଶ ପ୍ରଣିଧାନଯୋଗ୍ୟ। ଏହିଦିନ ସେ ଶୁଣାଇଥିବା କାହାଣୀଟି ଏପରି ଥିଲା: ଗୋଟିଏ କୂପରେ ବେଙ୍ଗଟିଏ ରହୁଥିଲା। ସେ ଜନ୍ମରୁ କୂପରେ ଥିଲା। ଏକଦା ସମୁଦ୍ରରୁ ଗୋଟିଏ ବେଙ୍ଗ ଆସି ସେ କୂପ ନିକଟରେ ପହଞ୍ଚିଲା। ସମୁଦ୍ରରୁ ଆସିଥିବା ବେଙ୍ଗକୁ ଦେଖି କୂପରେ ରହୁଥିବା ବେଙ୍ଗଟି ପଚାରିଲା: ତୁ କିଏ ? କେଉଁଠୁ ଆସିଛୁ ? ଏକଥା ଶୁଣି ସମୁଦ୍ରରୁ ଆସିଥିବା ବେଙ୍ଗଟି କହିଲା: ମୁଁ ସମୁଦ୍ରରୁ ଆସିଛି। ସେଇଠୁ କୂପରେ ରହୁଥିବା ବେଙ୍ଗ ହଠାତ୍



କୂପର ଗୋଟିଏ ପଟରୁ ଅନ୍ୟପଟକୁ ଡେଇଁ ପଡ଼ିଲା ଏବଂ ପଚାରିଲା ତୋ' ସମୁଦ୍ର କ'ଣ ଏତେ ବଡ଼। ଏକଥା ଶୁଣି ସମୁଦ୍ରରୁ ଆସିଥିବା ବେଙ୍ଗଟି ହସିବାକୁ ଲାଗିଲା ଏବଂ ଏକ କୂପକୁ ସମୁଦ୍ର ସହିତ ତୁଳନା କରୁଥିବାରୁ ସେ ବେଙ୍ଗଟିକୁ ଅଜ୍ଞ ବୋଲି କହିଲା। ଏକଥା ଶୁଣି କୂପବେଙ୍ଗଟି ଭୀଷଣ କ୍ରୋଧିତ ହୋଇ କହିଲା, ଏ ବେଙ୍ଗ ମିଛ କହୁଛି। ମୁଁ ଯାହା କହୁଛି ତାହା ସତ୍ୟ। ମୋ'କୂପଠାରୁ ସଂସାରରେ କିଛି ବି ବଡ଼ ନୁହେଁ। ଏ ବେଙ୍ଗ ମିଛ କହୁଛି। ଏହାକୁ ତୁରନ୍ତ ଏଠାରୁ ବାହାର କରିଦିଆଯାଉ। କାହାଣୀଟି ଶୁଣାଇ ସାରି ସ୍ୱାମୀଜୀ କହିଥିଲେ, ଆମ ସମସ୍ତଙ୍କର ପ୍ରମୁଖ ସମସ୍ୟା ହେଉଛି ଯେ ଆମେ ନିଜ ନିଜ ଛୋଟିଆ କୂପରେ ବସିଛେ ଏବଂ ଭାବୁଛେ ଯେ ଆମର ଏହି ଛୋଟ କୂପ ହେଉଛି ସମଗ୍ର ପୃଥିବୀ। ଯେଉଁ ପର୍ଯ୍ୟନ୍ତ ଆମ ପ୍ରକୃତି ବା ଚରିତ୍ରରେ ଲୁଚି ରହିଥିବା ଏହି ସଂକୀର୍ଣ୍ଣତାରୁ ଆମେ ମୁକ୍ତ ହୋଇପାରିବା ନାହିଁ, ସେ ପର୍ଯ୍ୟନ୍ତ ଆତ୍ମଜ୍ଞାନର ସନ୍ଧାନ କରିପାରିବା ନାହିଁ କି ଆମ ବ୍ୟକ୍ତିତ୍ୱର ପ୍ରକୃତ ବିକାଶ ହୋଇପାରିବ ନାହିଁ। ଅହଂକାର ଦ୍ୱାରା ସୃଷ୍ଟ ଅଜ୍ଞତା ଏହି ସଂକୀର୍ଣ୍ଣତାର ମୁଖ୍ୟ କାରଣ।

ଅହଂକାର ଯୋଗୁ ଆମର ସାମର୍ଥ୍ୟ, ଉର୍ଜା ଓ ବ୍ୟକ୍ତିତ୍ୱ ନକାରାତ୍ମକ ଭାବେ ପ୍ରଭାବିତ ହୋଇଥାଏ। ଆମେ ଅନ୍ୟଠାରୁ କିଛି ଭଲ ଜିନିଷ ଶିଖିବା ପରିବର୍ତ୍ତେ ତା' ସହ ପ୍ରତିଦ୍ୱନ୍ଦ୍ୱିତା କରୁ; ଯଦ୍ୱାରା ଆମର ଶକ୍ତି, ସମୟ ଓ ସାମର୍ଥ୍ୟର ଅଯଥା ଅପଚୟ ହୁଏ ଏବଂ ଆମ ଭିତରେ ନକାରାତ୍ମକ ବିଚାର ଓ ବାତାବରଣ ସୃଷ୍ଟି ହୋଇଥାଏ। ପରିସ୍ଥିତି ଏମିତି ବିକଟ ହୋଇଯାଏ ଯେ, ନିଜର ଆତ୍ମସମୀକ୍ଷା ନ କରି ଆମେ ଅନ୍ୟର ବ୍ୟବହାର ଓ ଚରିତ୍ର ଉପରେ ମତାମତ ଦେଇ ଖୁସି ହେଉ। ଅନ୍ୟମାନଙ୍କୁ ଅକାରଣରେ ଉପଦେଶ ଦେଇଥାଉ। ନିଜ ବ୍ୟକ୍ତିତ୍ୱର ବିକାଶ ଓ ଚାରିତ୍ରିକ ଶୁଦ୍ଧତା ପ୍ରତି ସଚେତନ ନ ହୋଇ ଆମେ ଅନ୍ୟର ଆଲୋଚନା କରୁ। ଜ୍ଞାନ ବାଣ୍ଟିବା ନାଁରେ ଆମେ ଅନ୍ୟ ସହ ନିଜ ଅଜ୍ଞତା ବାଣ୍ଟିଥାଉ, ଯାହାର ପ୍ରଭାବ ଅତ୍ୟନ୍ତ ନକାରାତ୍ମକ ହୋଇଥାଏ। ଆମ ଭିତରେ ଅନ୍ୟ ପ୍ରତି ଈର୍ଷା ଓ ଦ୍ୱେଷ ସୃଷ୍ଟି ହୁଏ। ଅସହିଷ୍ଣୁତା ବଢ଼େ ଏବଂ ଅନ୍ୟର ଖୁସିକୁ ଆମେ ସହଜରେ ଗ୍ରହଣ କରିପାରୁ ନାହୁଁ।

ଏ ଜୀବନ ଅତି ମୂଲ୍ୟବାନ୍। ଯେତେ ସମ୍ଭବ ଜୀବନକୁ ଆମେ ସକାରାତ୍ମକ ଭାବନା, ବିଚାର ଓ ବ୍ୟବହାରରେ ଭରିଦେବା ଦରକାର। କିଏ ଜାଣେ, କାଲି ଏ ଜୀବନର ଗତି କୁଆଡେ! ତେଣୁ ପ୍ରତ୍ୟେକ ମୁହୂର୍ତ୍ତକୁ ଆମେ ସକାରାତ୍ମକ ଉର୍ଜା, ଉଦ୍ଦେଶ୍ୟ ଓ କୃତଜ୍ଞତା ସହ ବଞ୍ଚିବା ଉଚିତ। ଏ ଜୀବନ, ଏ ଶରୀର କେବଳ ଆମର ନୁହେଁ। ଏଥିରେ ଅନ୍ୟମାନଙ୍କର ତ୍ୟାଗ ଓ ଅବଦାନ ମଧ୍ୟ ଲୁଚି ରହିଛି। ତେଣୁ ଆମେ କୃତଜ୍ଞ ରହିବା ଜରୁରୀ।

ସ୍ୱାମୀ ବିବେକାନନ୍ଦ କହିଥିଲେ, ଯେ ନିଜ ଉପରେ ବିଜୟ ପାଇପାରେ, ତା' ପାଇଁ କିଛି ଅସମ୍ଭବ ନୁହେଁ। ନିଜ ଉପରେ ବିଜୟ ପାଇବାର ଅର୍ଥ ହେଉଛି ନିଜ ଅହଂକାର ଓ ନକାରାତ୍ମକ ଭାବନା ଉପରେ ବିଜୟ ପାଇବା ଏବଂ ନିଜକୁ ସକଳ ଚାରିତ୍ରିକ ସଂକୀର୍ଣ୍ଣତାରୁ ମୁକ୍ତ କରିବା। ତେଣୁ ନିଜ ଭିତରେ ଥିବା 'ମୁଁ' ରାକ୍ଷସ କବଳରୁ ସମସ୍ତେ ନିଜକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଆବଶ୍ୟକ। ଆତ୍ମସମୀକ୍ଷା, ଆତ୍ମସଚେତନତା ଓ ଆତ୍ମଶୁଦ୍ଧି ସମସ୍ତଙ୍କର ଧ୍ୟେୟ ହେବା ଜରୁରୀ।

ଅଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୯୫୮୦୧୪

## ଏଇ ଭାରତରେ

ଭାରତର ବିଭିନ୍ନ ସ୍ଥାନରେ ଜଳାଶୟର ସୁରକ୍ଷା କରା ନ ଯିବା ଏବଂ ଜଳଉତ୍ସଗୁଡ଼ିକୁ ପ୍ରଦୂଷିତ କରିବା ଯୋଗୁ ପାନୀୟ ଜଳାଭାବ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସମସ୍ୟା ଦେଖାଯାଇଥିଲା ତାମିଲନାଡୁର କୋଏମ୍ବାଟୁରରେ। ସେଠାକାର କୂଅ ସବୁ ଶୁଖିଯିବା ସହ ହ୍ରଦ ଓ ଅନ୍ୟସବୁ ଜଳଉତ୍ସଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଇବା ଏବଂ ପ୍ରଦୂଷଣ ବୃଦ୍ଧି ହେତୁ ଜଳ ବ୍ୟବହାରଯୋଗ୍ୟ ହୋଇପାରୁ ନ ଥିଲା। ଏହାକୁ ଲକ୍ଷ୍ୟ କରି ମଣିକନ୍ଦନ ଆର୍ ସେଠାକାର ହ୍ରଦ ଓ କେନାଲର ପୁନରୁଦ୍ଧାର ପାଇଁ ଆଗକୁ ଆସିଥିଲେ। ଅଧାରୁ ସ୍କୁଲ ଶିକ୍ଷା ଛାଡ଼ି ଦେଇଥିବା ମଣିକନ୍ଦନ କୋଭାଇ କୁଲାଙ୍ଗାଲ ଆମାଇପୁ ନାମକ ନାଗରିକ ଅଭିଯାନ ଆରମ୍ଭ କରି ଏବେ ସେ କୋଏମ୍ବାଟୁର ସମେତ ସାରା ଭାରତରେ ୧୫ଟି ହ୍ରଦର ପୁନରୁଦ୍ଧାର କରିସାରିଲେଣି। କୋଏମ୍ବାଟୁରରେ ୨୦କି.ମି. କେନାଲରୁ ପ୍ରଦୂଷଣ ହଟାଇ ପାରିଛନ୍ତି। ମୋଟରେ ସେ ୨୦୦ ଟନ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିଛନ୍ତି। ପୁନରୁଦ୍ଧାର ପରେ ହ୍ରଦ, କେନାଲ ଓ ଅନ୍ୟ ଜଳଉତ୍ସଗୁଡ଼ିକର ସୁରକ୍ଷା ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟରେ ସେ ଏବେ ୩୩,୦୦୦ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ିପାରିଛନ୍ତି। କେନାଲ ଓ ହ୍ରଦ କଡ଼ରେ ସେ ୫୦,୦୦୦ ଗଛ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨ ନଭେମ୍ବର ୧୯୭୬**

- କାନାଡ଼ାର ଶ୍ରମିକ ନେତା ତଥା ବିଶ୍ୱ ଶ୍ରମିକ ଫେଡେରେସନର ସଭାପତି ଶ୍ରୀ ମାର୍ଶଲ ପେପିଙ୍କୁ ବଲିଭିୟାଠାରେ ଗିରଫ କରାଯାଇଛି।
- ଭାରତ ଓ ଇରାନ ମଧ୍ୟରେ ବୈଷୟିକ ସହଯୋଗ ନିମନ୍ତେ ଇରାନ ରେଳବାଇର ସଭାପତି ଓ ଭାରତୀୟ ରେଳବାଇ ବୋର୍ଡର ଚେୟାରମ୍ୟାନ୍‌ଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ତୁମରି ଦେହ ପରଶପ୍ରିୟ
ଲଭିବି ବୋଲି ଅଙ୍ଗେ
ଜଡ଼ାଏଁ ଦେହେ ଆପଣା ବାହୁ
ନିଶୀଥେ ନିଦ୍ରାଭଙ୍ଗେ
ସୁନ୍ଦର ମୁଁ ଦେଖଇଁ ଆଜି ନିଜରେ
ସୁଷମା ମୋର ନ ପାରେ ସହି ସଜରେ ।
-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 4 | 5 | 9 | | |
| | | | | | 8 | | | |
| | | | | | 3 | | 4 | 5 |
| | 6 | | | | | | | |
| 9 | | | | | | 2 | | |
| 8 | | | 3 | 2 | 6 | | | 7 |
| 6 | | | | | | | | |
| 3 | 4 | | | 8 | 9 | 1 | | |
| | 1 | | 4 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 1 | 3 | 2 | 4 | 9 | 6 | 5 |
| 2 | 4 | 9 | 1 | 5 | 6 | 7 | 3 | 8 |
| 5 | 6 | 3 | 9 | 8 | 7 | 1 | 2 | 4 |
| 9 | 2 | 8 | 5 | 7 | 3 | 4 | 1 | 6 |
| 1 | 5 | 4 | 8 | 6 | 9 | 2 | 7 | 3 |
| 6 | 3 | 7 | 2 | 4 | 1 | 5 | 8 | 9 |
| 4 | 1 | 6 | 7 | 9 | 8 | 3 | 5 | 2 |
| 3 | 9 | 5 | 6 | 1 | 2 | 8 | 4 | 7 |
| 7 | 8 | 2 | 4 | 3 | 5 | 6 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଔଷଧ ଦୋକାନରେ ବାୟୋ-ପ୍ଲାଷ୍ଟିକର ବ୍ୟବହାର

ମହାଶୟ,

ସମ୍ପ୍ରତି କିଛି ଔଷଧ ଦୋକାନୀ ପରିବେଶ ଅନୁକୂଳ କମ୍ପୋଷ୍ଟେବଲ ବ୍ୟାଗ (ଜୈବ-ପ୍ଲାଷ୍ଟିକ) ବ୍ୟବହାର କରୁଛନ୍ତି, ଯାହାକି ସ୍ୱାଗତଯୋଗ୍ୟ। କମ୍ପୋଷ୍ଟେବଲ ବ୍ୟାଗ ହେଉଛି ଏକ ପ୍ରକାରର ବାୟୋ-ଡିଗ୍ରେଡେବଲ ବ୍ୟାଗ, ଯାହା ବିଭିନ୍ନ ଜୈବିକ ପଦାର୍ଥରୁ ତିଆରି ହୋଇଥାଏ ଏବଂ କମ୍ପୋଷ୍ଟିଂ ପରିସ୍ଥିତିରେ ଏହା କୌଣସି ବିଷାକ୍ତ ପଦାର୍ଥ ନିର୍ଗତ ନ କରି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାଦାନରେ ରୂପାନ୍ତରିତ ହୁଏ। ପରିବେଶ ସୁରକ୍ଷା ପାଇଁ କମ୍ପୋଷ୍ଟେବଲ ବ୍ୟାଗର ଗୁରୁତ୍ୱ ରହିଛି। ଏହି ପରିପ୍ରେକ୍ଷୀରେ, କର୍ତ୍ତୃପକ୍ଷ ସମସ୍ତ ସରକାରୀ ଏବଂ ବେସରକାରୀ ଔଷଧ ଦୋକାନକୁ କମ୍ପୋଷ୍ଟେବଲ ବ୍ୟାଗ/କାଗଜ ପ୍ୟାକ ବ୍ୟବହାର କରିବାକୁ ପରାମର୍ଶ ଦେଇପାରନ୍ତି। ସ୍ୱଚ୍ଛ ଏବଂ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଜୈବ-ପ୍ଲାଷ୍ଟିକର ବ୍ୟବହାର ଏକ ସକାରାତ୍ମକ ପଦକ୍ଷେପ ହୋଇପାରିବ।

**– ନବନିତ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର, ୧।୧୧ (ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ରୌପ୍ୟ ଜୟନ୍ତୀ ଉତ୍ସବ ଶନିବାର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରି ସେବା ନିବୃତ୍ତ କର୍ମଚାରୀଙ୍କର ସେବା ନିଷ୍ଠାର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା ଯୋଗଦେଇ ସର୍ବଦା ଅତୀତର ସୁନ୍ଦର ସ୍ମୃତିର ସମ୍ମୋହନରେ ନ ରହି ବର୍ତ୍ତମାନର ବାସ୍ତବିକତାକୁ ଆପଣେଇ ସୁସ୍ଥିତ ଅବଦାନ ଦେବାକୁ ପରାମର୍ଶ ଦେଇଥିଲେ। ସେବା ନିବୃତ୍ତ କର୍ମଚାରୀମାନେ ସୃଜନଶୀଳତାର ଗନ୍ତାଘର ବୋଲି କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜଗନ୍ନାଥ ଦଣ୍ଡପାଟ କହିଛନ୍ତି, ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଅସୁବିଧା ଗୁଡିକର ସମାଧାନ ନିମନ୍ତେ ହିସ୍ଥିତ ପଦକ୍ଷେପ ନିଆଯିବ। ସଂଘର ସଭାପତି ପ୍ରଫେସର ଜୟନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଉପସଭାପତି ଗିରୀଶ ଚନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସାଧାରଣ ସଂପାଦକ ରବୀନ୍ଦ୍ରନାଥ ବିଶ୍ୱାଳ ବାର୍ଷିକ ବିବରଣୀ ପ୍ରଦାନ କରି ଅବସରପ୍ରାପ୍ତ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଉପସଭାପତି ପ୍ରଫେସର ପ୍ରବୋଧ ହେତା ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ପିଟି ହତ୍ୟା ଅଭିଯୋଗ

## ଶାଶୁ, ଦାଦା ଶ୍ୱଶୁର ଅଟକ

ବାରଙ୍ଗ/ତ୍ରିଶୁଳିଆ, ୧।୧୧ (ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା)

ରାଜଧାନୀରେ ବଧୂ ହତ୍ୟା ଘଟିଛି। ଜଣେ ମହିଳାଙ୍କୁ ପିଟି ହତ୍ୟା କରିଥିବା ନେଇ ଶନିବାର ପରିବାର ଲୋକେ ଅଭିଯୋଗ କରିଛନ୍ତି। ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସୋମନାଥ ନଗରରେ ଏହି ଘଟଣା ଘଟିଛି। ମୃତ ମହିଳା ହେଲେ ଏହି ଥାନା ଅଧୀନ କଲ୍ୟାଣପୁର ଗ୍ରାମର ରାଜନନ୍ଦିନୀ ସ୍ୱାଇଁ(୨୮ ବର୍ଷ)ବୋଲି ଜଣାପଡିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୪୦୩/୨୫) ରୁଜୁ କରିବା ସହ ମହିଳାଙ୍କ ଶାଶୁ ଓ ଦାଦା ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।

ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମର ଦାଶରଥି ସ୍ୱାଇଁଙ୍କ ଝିଅ ରାଜନନ୍ଦିନୀ ୧୦ ବର୍ଷ ତଳେ ବୈଦିକ ରୀତିରେ ଉକ୍ତ ଥାନା ଅଧୀନ ରଘୁନାଥପୁର ଗ୍ରାମର ଶ୍ରୀଧର ରାଉତଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୭ ବର୍ଷ ବୟସର ପୁଅ ରହିଛି। ରାଜନନ୍ଦିନୀ ପାରିବାରିକ କଳହରୁ ଆତ୍ମହତ୍ୟା କଥା ସ୍ୱାମୀ ସିଦ୍ଧେଶ୍ୱରଙ୍କ ପରିବାର ଲୋକେ କହିଥିବା ବେଳେ ରାଜନନ୍ଦିନୀଙ୍କ ବାପା ଦାସରଥି ସ୍ୱାଇଁ ହତ୍ୟା ଅଭିଯୋଗ ଆଣିଛନ୍ତି। ଦାସରଥିଙ୍କ କହିବାନୁସାରେ, ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ସ୍ୱାମୀ ଏବଂ ଅନ୍ୟମାନେ ନିର୍ଯାତନା ଦେଉଥିବା ଝିଅ ଜଣାଉଥିଲା। ଏମିତି ଯୌତୁକ ନ ଦେଲେ ଜୀବନରୁ ମାରି ଦେବାକୁ କହୁଥିଲେ ରାଜନନ୍ଦିନୀଙ୍କ ପିତା ଦାଶରଥି ପୋଲିସକୁ କହିଛନ୍ତି। ତାଙ୍କ ଝିଅକୁ ବାଡେଇ ମାରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଖବରପାଇ ନନ୍ଦନକାନନ ଥାନା ପୋଲିସ, ଅଗ୍ନିଶମ ବାହିନୀ ଚନ୍ଦ୍ରଶେଖରପୁର ଓ ଇନ୍ଫୋସିଟି ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଥିସହ କଲ୍ୟାଣପୁର ଓ ରଘୁନାଥପୁର ଗ୍ରାମର ବହୁ ଲୋକ ରୁଣ୍ଡ ହୋଇଥିଲେ। ଏହି ସମୟରେ ପୋଲିସ ପକ୍ଷରୁ ଏକ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘରୁ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ମୃତ ମହିଳାଙ୍କ ଶରୀରରେ ବିଭିନ୍ନ କ୍ଷତ ଚିହ୍ନ ରହିଥିବା ଯାଞ୍ଚରୁ ଜାଣିବାକୁ ପାଇଛି। ଅନ୍ୟପଟେ ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀ ମଧ୍ୟ ଫେରାର ହୋଇଥିବା ସୂଚନା ମିଳିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ବିବରଣୀ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦୟାନିଧି ନାୟକ ସୂଚନା ଦେଇଛନ୍ତି।

## ଅପିଲ୍ ମାମଲାର ଶୀଘ୍ର ସମାଧାନ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ



ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଭିଯୋଗର ଶୁଣାଣି କରୁଛନ୍ତି।

ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

ନାଗରିକ-କୈନ୍ଦ୍ରିକ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ପ୍ରମୁଖ ପଦକ୍ଷେପ ସ୍ୱରୂପ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶନିବାର ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଆରମ୍ଭ ହୋଇଛି। ନିର୍ଦ୍ଦିଷ୍ଟ ଅପିଲ କର୍ତ୍ତୃପକ୍ଷ ଭାବେ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମହାନଗର ନିଗମ ସହ ଜଡ଼ିତ ଅପିଲ ମାମଲାଗୁଡ଼ିକର ଶୁଣାଣି କରିଥିଲେ। ଏହି ଆବେଦନଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ବିରୋଧରେ ନାଗରିକଙ୍କ ଦ୍ୱାରା ଦାଖଲ ବିଭିନ୍ନ ଅଭିଯୋଗ ସହିତ ଜଡ଼ିତ। ଆପିଲେଟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଏହି କୋର୍ଟ କରାଯାଇଛି। ଆଇନ ଅନୁଯାୟୀ ଅପିଲ ମାମଲା ପରିଚାଳନା ପାଇଁ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସରକାରୀ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱ ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଥିସହ ଏହା ନାଗରିକଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରୁଛି। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ ୧୯୮୨ ଅନୁଯାୟୀ ଦାଏର ଅପିଲ ମାମଲାଗୁଡ଼ିକର ଦ୍ରୁତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଚେଷ୍ଟା କରାଯାଉଥିବା ବିଭାଗ ସୂଚନା ଦେଇଛି।

# ଏଆଇଟିୟୁସିର ୧୦୬ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

ସର୍ବ ଭାରତୀୟ ଟ୍ରେଡ୍ ୟୁନିୟନ (ଏଆଇଟିୟୁସି)ର ୧୦୬ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଜିଲା ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ଲୋହିଆ ଏକାଡେମୀଠାରେ 'କୃତ୍ରିମ ବୁଦ୍ଧିମତ୍ତା-ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହାକୁ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ଘାଟନ କରି କହିଲେ, ବିଜ୍ଞାନ ଓ ନୂତନ ପ୍ରଯୁକ୍ତିବିଦ୍ୟା ସମାଜକୁ ଆଗକୁ ନେଉଥିବାବେଳେ କେତେକ ସମୟରେ ପୁରୁଣା ପ୍ରଯୁକ୍ତି ଅକାମୀଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏହାକୁ ସମ୍ମୁଖୀନ ହେଲାବେଳେ ଶ୍ରମିକ ଶ୍ରେଣୀର ସ୍ୱାର୍ଥ ଓ ସମ୍ଭାବନା ଉଭୟ ମଧ୍ୟରେ ଭାରସାମ୍ୟ ପାଇଁ ଏଆଇଟିୟୁସି ଯତ୍ନବାନ ଭୂମିକା ନେଇ ଆସିଛି ବୋଲି ମତ ରଖିଥିଲେ। ମୁଖ୍ୟଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର କୁମାର ଦେବଦତ୍ତ କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ ନୂତନ ସମ୍ଭାବନା, ମଣିଷ ସମାଜ ସପକ୍ଷରେ ପ୍ରୟୋଗର ପ୍ରୟୋଜନୀୟତା, ବିଭିନ୍ନ ଦେଶରେ ଏହାର ବିନିଯୋଗ ଓ କେତେକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ପ୍ରଫେସର ଦେବଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ 'କୃତ୍ରିମ ବୁଦ୍ଧିମତ୍ତା- ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ପୁସ୍ତିକା ଲୋକାର୍ପିତ ହୋଇଥିଲା। ବିଶ୍ୱ ଶିକ୍ଷକ ସଂଘ ସଭାପତି ଡ. ଅମୀୟ କୁମାର ମହାନ୍ତିଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକ ଦୂତୀକୃଷ୍ଣ ପଣ୍ଡା ମେମୋରିଆଲ ଓ ଚାରିଟେବୁଲ ଟ୍ରଷ୍ଟ ଏବଂ ଏଆଇଟିୟୁସି ରାଜ୍ୟ କମିଟି ପକ୍ଷରୁ ପ୍ରକାଶିତ ହୋଇଥିଲା। ରାଜ୍ୟ ସମ୍ପାଦକ ଜୟନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାଭେଦ ଅଖତର ପାଇବେ 'ସୋଆ ସାହିତ୍ୟ ସମ୍ମାନ'

ଭୁବନେଶ୍ୱର, ୧।୧୧ (ଅନୁରାଧା ମହାରଣା)



ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ତଥା ଜୀବନବ୍ୟାପୀ ଅବଦାନ ପାଇଁ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଶ୍ରୀ ଜାଭେଦ ଅଖତରଙ୍କୁ 'ସୋଆ ସାହିତ୍ୟ ସମ୍ମାନ ୨୦୨୫' ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ରେ ହେବାକୁ ଥିବା ୨ ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଖତରଙ୍କୁ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରାଯିବ। ଅଖତର ଜଣେ ଉଚ୍ଚକୋଟୀର ଗୀତିକାର ଭାବେ ତାଙ୍କର କୃତି ଭାରତୀୟ ସିନେମାକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହୋଇଛି। ୫ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ଥର ଫିଲ୍ମଫେୟାର ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମଭୂଷଣ ଓ ୨୦୧୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ 'ତର୍କଷ' ଓ 'ଲାଭା' ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ସୋଆ ପରିଚାଳିତ ସେଣ୍ଟର ଫର୍ ପ୍ରିଜରଭେଶନ, ପ୍ରୋପାଗେଶନ ଆଣ୍ଡ୍ ରେଷ୍ଟୋରେଶନ ଅଫ୍ ଆନ୍ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମର ପ୍ରସଙ୍ଗ ରହିଛି 'କଲ୍ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ'। ଉତ୍ସବର ୩୦ଟି ଅଧିବେଶନରେ ଶତାଧିକ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସୂଚନା ଦେଇଛନ୍ତି।

## ୩ରୁ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୧୧(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁଭାରତ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆସନ୍ତା ୩ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଓଡ଼ିଶା ସମେତ ରାଜ୍ୟର ୧୦ ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ୨୨୦ଜଣ ଯୁବ ପ୍ରତିନିଧି ସାମିଲ ହେବେ। ଆଦିବାସୀଙ୍କ ଚାଲିଚଳଣି, ଖାଦ୍ୟପେୟ, ଭାଷା, ସଂସ୍କୃତି, ଶିକ୍ଷା, ପରମ୍ପରାକୁ ନେଇ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିବା ସହ ପରିଚିତ ହେବେ। ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଶନିବାର ମାଇଁ ଭାରତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମାଇଁ ଭାରତର ପୂର୍ବ କ୍ଷେତ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ, ଜିଲା ଯୁବ ଅଧିକାରୀ ନିଖିଲ କୋକୁଲ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ବିଭାଗ ଅଧିକାରୀ ରୋହିତ ନନ୍ଦେଶ୍ୱର ଶାମରାଓ ସୂଚନା ଦେଇଛନ୍ତି।

# ଓଡ଼ିଶୀ ନୃତ୍ୟଗୁରୁ ଜ୍ୟୋତି ରାଉତ ପାଇବେ 'ଦୟାନଦୀ ସମ୍ମାନ'

ପୁରୁଣା ଭୁବନେଶ୍ୱର, ୧।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ-୨୦୨୫ ନିମନ୍ତେ ଶନିବାର ଏକ ଖବରଦାତା ସମ୍ମିଳନୀ ସାମନ୍ତରାପୁରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାପୋକ ର କାର୍ଯ୍ୟକର୍ତ୍ତା ଓ ସଭ୍ୟ ବାମଦେବ ଗଜେନ୍ଦ୍ର, ଲଲାଟ ସାହୁ, ସୁବ୍ରତ ପାଇକରାୟ, ବିଜୟ ସାମନ୍ତରାୟ, ମିଥୁନ ନାୟକ, ସାର୍ଥକ ପରିଡା, ଶୁଚିସ୍ମି ଦାସ ଯୋଗଦେଇ ଚତୁର୍ଦ୍ଦଶ ବୟାନଦୀ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଲିଙ୍ଗିପୁରସ୍ଥିତ ଦୟାନଦୀ ତଟ (ଲିଙ୍ଗିପୁର ଘାଟ)ରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ବୋଇତ ବନ୍ଦାଣ ଉତ୍ସବ ଅବସରରେ ଭୋର ୩ଟାରୁ ଭଜନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ପଙ୍କଜ ଡାଲ, ମାନସୀ ପାତ୍ର, ସୌରଭ ଭରଦ୍ୱାଜ, ମାନସୀ ପାଣିଗ୍ରାହୀ, ରାଜକିଶୋର, ଜୟଶ୍ରୀ ମହାପାତ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ପରେ ଅତିଥିମାନଙ୍କ ଉପସ୍ଥିତିରେ ଓଡ଼ିଶୀ ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ 'ଦୟାନଦୀ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯିବା ସହିତ ସମାଜରେ ବିଭିନ୍ନକ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ଜଣଙ୍କୁ 'ପ୍ରତିଭା ସମ୍ମାନ' ରେ ସମ୍ବର୍ଦ୍ଧିତ କରାଯିବ। ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ବିନାମୂଲ୍ୟରେ କଦଳୀ ବାସୁଙ୍ଗାରେ ତିଆରି ଡଙ୍ଗା ବଣ୍ଟନ କରାଯିବ। ପରଦିନ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକଙ୍କ ସ୍ମୃତିରେ ଏକ ଶ୍ରମଦାନ ଶିବିର ମାଧ୍ୟମରେ ୩୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଦୟାନଦୀ ଘାଟ ସଫେଇ କରାଯିବ। ପରେ ଦୟାନଦୀ ଓ ଗନ୍ଧବତୀ (ଗଙ୍ଗୁଆ)ର ପୁନରୁଦ୍ଧାର ନିମନ୍ତେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବୋଇତ ବନ୍ଦାଣ ଉତ୍ସବ ଓ ଶ୍ରମଦାନ ଶିବିର କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦାନ ନିମନ୍ତେ କାପୋକ ଅଧ୍ୟକ୍ଷ ପାଇକରାୟ ନିବେଦନ କରିଛନ୍ତି।

## ପ୍ରକାଶ ଷଡ଼ଙ୍ଗୀ ପାଇଲେ 'ରାଜେନ୍ଦ୍ର ପ୍ରସାଦ ପୁରସ୍କାର'

ଭୁବନେଶ୍ୱର, ୧।୧୧ (ସୁଚିସ୍ମିତା ସାହୁ)

ଶିକ୍ଷାବିତ୍ ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ପାଇଲେ 'ଡ. ରାଜେନ୍ଦ୍ର ପ୍ରସାଦ ପୁରସ୍କାର'। ଦିଲ୍ଲୀସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ପବ୍ଲିକ ଆଡମିନିଷ୍ଟ୍ରେଶନ(ଆଇଆଇପିଏ)ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ତାଙ୍କୁ ଶୁକ୍ରବାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଓ ଅନୁଷ୍ଠାନର ମହାନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ତ୍ରିପାଠୀ ଉପସ୍ଥିତ ଥିଲେ। ନୂଆଦିଲ୍ଲୀସ୍ଥିତ ଭାରତୀୟ ଲୋକ ପ୍ରଶାସନ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସର୍ବଭାରତୀୟସ୍ତରରେ 'ଡକ୍ଟର ରାଜେନ୍ଦ୍ର ପ୍ରସାଦ ପୁରସ୍କାର' ପ୍ରଦାନ କରାଯାଉଛି। ତେବେ ଚଳିତ ବର୍ଷ ଏହି ପୁରସ୍କାର ପାଇଥିବା ଡ. ଷଡ଼ଙ୍ଗୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଓ ରୋଚେଷ୍ଟର ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ ପରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହାଇଦ୍ରାବାଦରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ସେଠାରେ ସେ ପ୍ରଫେସର ଓ ଅତିରିକ୍ତ କୁଳପତି (ପ୍ରୋ ଭାଇସ ଚାନସେଲର) ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରଫେସର ଷଡଙ୍ଗୀ ଐତିହ୍ୟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଥିଲେ।

## ମୟୂରଭଞ୍ଜରୁ ଭୁବନେଶ୍ୱରକୁ ଦେଶୀମଦ ଚାଲାଣ

ଭୁବନେଶ୍ୱର,୧।୧୧(ସତ୍ୟଜିତ ରାଉତ)

ମୟୂରଭଞ୍ଜରୁ ଭୁବନେଶ୍ୱରକୁ ଦେଶୀ ମଦ ଚାଲାଣବେଳେ ଧରାପଡ଼ିଛି। ଭୁବନେଶ୍ୱର ଅବକାରୀ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧୂଳୁକୁଟି ବସ୍ତି ରାସ୍ତାରେ ଚଢ଼ାଉକରି ଏହି କାର୍ (ଓଡି୦୫ବି୬୫୫୬)କୁ ଜବତ କରିବା ସହ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜର ଦାଶରଥି ହାଁସଦା (୩୬)। କାର୍‌ରୁ ୩୦୦ ଲିଟର ଦେଶୀ ରନ୍ଧାମଦ ଭର୍ତ୍ତି ବସ୍ତା ଜବତ କରାଯାଇଛି। ଦାଶରଥିଙ୍କ ନାମରେ ମୟୂରଭଞ୍ଜରେ ମଦ ମାମଲା ରହିଥିବା ଜଣାପଡିଛି।

**ବିଜ୍ଞାପନ**

ନୟାଗଡ଼ ଅନାଥ ପରିତ୍ୟକ୍ତ ବାଳାଶ୍ରମ (ଏକ ସରକାରୀ ସହାୟତାପ୍ରାପ୍ତ ପୋଷ୍ୟ ସନ୍ତାନ ପ୍ରତିଷ୍ଠାନ)ରେ ଏହି ପଦବୀଗୁଡାକ ଯଥା – **ସମାଜ କର୍ମୀ ତଥା ଏଆର୍ଲି ଚାଇଲ୍‌ଡହୁଡ୍ ଏଜୁକେଟର, ନର୍ସ, ଆୟା (ମହିଳା), ରାତ୍ର ଜଗୁଆଳି** ପଦବୀ ଖାଲି ରହିଅଛି। ଯଦି କେହି ଆବେଦନ କରିବାକୁ ଚାହାଁନ୍ତି, ତେବେ ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରିତ କରିବେ। ବିଜ୍ଞାପନ ବିବରଣୀ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି www.apbnayagarh.org.in ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦକ
ଅନାଥ ପରିତ୍ୟକ୍ତ ବାଳାଶ୍ରମ, ନୟାଗଡ଼

No.T-97

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
***********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.03.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0204/2526

**केन्द्रीय विद्यालय, भंजनगर / KENDRIYA VIDYALAYA, BHANJANAGAR**
At-Old Boys Hostel, KSUB College Campus, Bhanjanagar, Dist.-Ganjam-761126 (Odisha)

**प्रत्यक्ष साक्षात्कार / WALK-IN-INTERVIEW**

विद्यालय में शैक्षणिक वर्ष 2025-26 में अंशकालिन अनुबंध के आधार पर प्रशिक्षित स्नातक शिक्षक (गणित) का पैनल तैयार करने हेतु हेतु प्रत्यक्ष साक्षात्कार का आयोजन किया जाएगा। इच्छुक एवं योग्य आवेदक साक्षात्कार में भाग ले सकते हैं। पंजीकरण दिनांक 06.11.2025 को प्रातः 08:00 से 10:00 बजे तक। साक्षात्कार प्रातः 10:00 बजे के उपरांत। इस साक्षात्कार से सम्बंधित अधिक जानकारी के लिए कृपया विद्यालय की वेबसाइट देखे : **https://bhanjnagar.kvs.ac.in** / अथवा दूरभाष संख्या 06821-296583 पर संपर्क करें।

A walk-in-interview will be held at the Vidyalaya for preparing a panel of Trained Graduate teacher (Mathematics) on a part-time contractual basis for the academic year 2025-26. Interested and eligible candidates may appear for the interview. Registration will take place on 06.11.2025, from 08:00 AM to 10:00 AM and the interview will start at 10:00 AM onwards. For more details please visit the school website : https://bhanjnagar.kvs.ac.in or contact 06821-296583

Sd./- प्राचार्य

**NOTICE INVITING TENDER (NIT)**

No.2609/STC/2025 Dated : 31.10.2025

Sealed tenders are invited from the reputed & credible firms/agencies for Supply of Pipe Band & Brass Band to PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Pipe Band & Brass Band to PM SHRI Schools of Nabarangpur District | Rs.2500/- | Rs.80000/- | 24.11.2025 5.30 P.M. | 25.11.2025 11.00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur

**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
**P.O - NUAGAM (ASKA)-761111, GANJAM DISTRICT, ODISHA**
Phones : 06822-273464, email : askasugar@yahoo.co.in, website : askasugar.com
Letter No - Engg./1711/date. 01.11.2025

**TENDER CALL NOTICE**

Sealed Tenders are invited from licensed labour Contractors/Firm/Agencies/ Organizations etc. for undertaking **"Repairing of damage structural items (Steel & piping) by engaging skilled & unskilled labour including painting"** at the Aska Co-operative Sugar Industries Ltd., Nuagam, Aska. Interested Contractors can download the tender form our website www.askasugar.com. The cost of tender paper is Rs.590/- non-refundable including taxes in shape of D.D. in Nationalized Bank. Filled tender forms can be sent by Speed post./Registered post only which should reach in the office by dated 07.11.2025 by 5.00 P.M. interested parties may visit our website www.askasugar.com for details of the tender call notice. For any future correction please refer our above website.

Sd./- Managing Director, A.C.S.I.Ltd., Aska

**वन विभाग छत्तीसगढ़, बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 04.11.2025 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कभी या अधिकता हो सकती है, कृपया ईऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 40 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 40 सेकण्ड के पूर्व क्रय करने पर 30 सेकण्ड का समय प्राप्त होगा।

**काष्ठागार सरगीपाल ई-अक्सन समय 9.00 बजे प्रातः दिनांक 04.11.2025**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 68.000 | 6 | 6 | 1081.736 | 10440 | 2937 |
| साल | 375.000 | 17 | 9 | 2383.387 | 58 | 20 |
| बीजा | 6.000 | 0 | 0 | 92.504 | 7 | 0 |
| साजा | 9.000 | 0 | 3 | 49.724 | 0 | 12 |
| हल्दु | 3.000 | 1 | 0 | 83.170 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 0.000 | 0 | 0 | 1.150 | 0 | 0 |
| तिंसा | 0.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 17.000 | 0 | 0 | 40.109 | 0 | 0 |
| अन्य | 3.000 | 2 | 0 | 51.939 | 18 | 14 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 99.268 | 3547 | 1030 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | 481.000 | 26 | 18 | 3887.693 | 14072 | 4013 |

अविक्रित सागोन चट्टा - 315 चट्टा
अविक्रित अकेशिया चट्टा - 125 चट्टा
अविक्रित मिश्रित चट्टा - 03 चट्टा
अविक्रित औद्योगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर
G-252604480/2

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़**
रामगढ़ थाना के सामने, गांधी चौक, रामगढ़ कैन्ट, जिला- रामगढ़, झारखण्ड- 829122, ई-मेल- eercdramgarh-jhr@nic.in

एस०बी०डी० आधारित अल्पकालीन ई-निविदा आमंत्रण सूचना
ई-निविदा प्रसंग संख्या :- RCD/RAMGARH/ 1064 /2025-26
दिनांक :- 29-10-2025

| | | |
|---|---|---|
| 1. | कार्य का नाम | IRQP Work of Badki Pona to Kulhi Road from KM 0.00 to 13.85 KM (Total Length- 13.85 KM) Under Road Divison, Ramgarh for the of Year 2025-26 |
| 2. | प्राक्कलित राशि (रूपये में) | रुपये 7,82,50,000.00 (सात करोड़ बयासी लाख पचास हजार) मात्र |
| 3. | कार्य समाप्ति की अवधि | 06(छः) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14/11/2025 03:00 बजे अपराह्न |
| 5. | निविदा प्राप्ति की अंतिम तिथि एवं समय | 22/11/2025 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351-25637 |
| 8. | ई-प्रोक्योरमेंट सेल का हेल्प लाईन नंबर | 0651-2401010 |

- निविदा की अन्य शर्तें वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को UCAN से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट-बढ़ सकती है।
- **Cost of bidding document (Non-refundable fee) & Bid Security as indicated shall be payable online through** http://jharkhandtenders.gov.in.

कार्यपालक अभियंता
PR 365006 (Road)25-26*D पथ०नि०वि० पथ प्रमण्डल रामगढ़

केनरा बैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) (ଏହା ପରେ "ଆକ୍ଟ"କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, ଜଗତ୍‌ସିଂହପୁର ଶାଖା (୧୮୦୨୭)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତ୍‌ସିଂହପୁର ଶାଖା (୧୮୦୨୭) / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୧୪ | କ) ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି / ଖ) ୨୫.୦୮.୨୦୨୫ / ଗ) ୩୧.୧୦.୨୦୨୫ / ଘ) ଟ.୧୪,୪୮,୮୪୨.୨୦ (ଚଉଦ ଲକ୍ଷ ଅଠଚାଳିଶ ହଜାର ଆଠ ଶହ ବୟାଳିଶି ଟଙ୍କା ଏବଂ କୋଡିଏ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: କଟକ, ତାରିଖ: ୦୧.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**ସ୍ୱଚ୍ଛ ଭାରତ ଅଭିଯାନରେ ରାସ୍ତା ସଫେଇ**

ମାହାଙ୍ଗା,(ଅଜୟ କୁମାର ମହାନ୍ତି) : ମାହାଙ୍ଗା ଯୁବ ଛାତ୍ର ସଂଗ୍ରାମ ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନରେ ରାସ୍ତା ସଫେଇ କରାଯାଇଛି। ଏହ ଅବସରରେ ପରିଷଦର ସଦସ୍ୟମାନେ ମାହାଙ୍ଗା ପଞ୍ଚାୟତ ଅନ୍ତର୍ଗତ ପଦନଦାସପୁର ଏବଂ ପର୍ଶୁରାମପୁର ଗ୍ରାମକୁ ସଂଯୋଗ କରୁଥିବା ବାହନପତି ଗଳି ରାସ୍ତାର ୨ ପାର୍ଶ୍ୱକୁ ସଫେଇ କରିବା ସହ ଅଧକିମି ରାସ୍ତାରେ ପଡ଼ିଥିବା ପଟୁମାଟି ଓ ପଙ୍କ ଉଠାଇଛନ୍ତି। ଏଥିସହ ବୁଦାଲଟାକୁ ସଫା କରିଛନ୍ତି। ଉକ୍ତ ରାସ୍ତାପାର୍ଶ୍ୱ ଅତ୍ୟନ୍ତ ଘଞ୍ଚ ଜଙ୍ଗଲ ଅବସ୍ଥାରେ ଥିବାରୁ ଗ୍ରାମାଞ୍ଚଳର ଲୋକେ ଯାତାୟାତ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ସଫେଇ କାର୍ଯ୍ୟକ୍ରମକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମ

ତିଗିରିଆ,୧।୧୧(ଜାଫର ଖାଁ):

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିଜୟ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ଜଗବନ୍ଧୁ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଦାସ ଓ ଅଧ୍ୟାପକ ମିଶ୍ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କରେ ପରାମର୍ଶ ଦେବା ସହ ସାମୂହିକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା ସିପ୍ରା ମହାପାତ୍ର, ଅଧ୍ୟାପକ ସୁରେଶ ପଣ୍ଡା, ଜଗତ ପାଣିଗ୍ରାହୀ, ବିନାୟକ ପଣ୍ଡା, ସରୋଜ ପାଣିଗ୍ରାହୀ, ହୃଦାନନ୍ଦ ରାଉତ, ମିଳନ ସାହୁ, ଶୁଭେନ୍ଦୁ ସାହୁଙ୍କ ସମେତ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କିଶୋର ଦାସଙ୍କ ଜୟନ୍ତୀ ପାଳିତ

ମାହାଙ୍ଗା,୧।୧୧ (ଅଜୟ କୁମାର ମହାନ୍ତି)

ଶରତ କର ଅନିମା କର ଫାଉଣ୍ଡେଶନ ଆନୁକୂଲ୍ୟରେ ବିଶିଷ୍ଟ ସମାଜବାଦୀ ନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ୍ତ କିଶୋର ଦାସଙ୍କ ୧୦୬ ତମ ଜୟନ୍ତୀ ତାଙ୍କ ଜନ୍ମସ୍ଥାନ ମାହାଙ୍ଗା ବ୍ଲକର କୁଣ୍ଡି ଗ୍ରାମରେ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ତଥା ସୁସାହିତ୍ୟିକ ଅବନୀ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ପୂର୍ବତନ ଆୟକର କମିଶନର ଶୋଭନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱର୍ଗତ ଦାସ ମୂଲ୍ୟବୋଧ ଭିତ୍ତିକ ରାଜନୀତିରେ ବିଶ୍ୱାସ କରୁଥିଲେ। ଏହି ଅବସରରେ କୁଣ୍ଡି ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ପ୍ରାଙ୍ଗଣରେ ସ୍ୱର୍ଗତ ପ୍ରଦୀପ୍ତ କିଶୋରଙ୍କ ପ୍ରତିମୂର୍ତ୍ତିରେ ବହୁ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସାମାଜିକ କର୍ମୀ ରାମଚନ୍ଦ୍ର ମହାପାତ୍ର, ରୁଦ୍ର ନାରାୟଣ ସିଂ, ଶୁଭେନ୍ଦୁ ସାମଲ, କାର୍ତ୍ତିକ ବେହାରୀ, ସମସେର ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମାନବ ଜାତିର ବିକାଶରେ ମତ୍ସ୍ୟ, ପ୍ରାଣୀ ସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଅନୁଷ୍ଠିତ
- ୭ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ନାମ ପଞ୍ଜୀକୃତ

ସାଲେପୁର,୧।୧୧(ଅରବିନ୍ଦ ଭୂୟାଁ):


ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମଞ୍ଚାସୀନ ଅତିଥି।

ସଲେପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ସାଲେପୁର ହାଇସ୍କୁଲ ଖେଳ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଞ୍ଚଳର ବିଭିନ୍ନ କିସମର ୭ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ନାମ ପଞ୍ଜୀକୃତ କରାଯାଇଛି। ବିଡିଓ ଲୋପାମୁଦ୍ରା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ଏଥିସହ ମାନବ ଜାତିର ବିକାଶରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ଉନ୍ନତି ହେଲେ ରାଜ୍ୟ ସ୍ୱାବଲମ୍ବୀ ହେବା ସହ ବେରୋଜଗାର ହଟିପାରିବ ବୋଲି ବିଧାୟକ ବେହେରା ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ଭାବେ ଅତିରିକ୍ତ ନିର୍ଦ୍ଦେଶକ ପ୍ରାଣୀ ସମ୍ପଦ ବିଭାଗ ଡ. ସତ୍ୟରଞ୍ଜନ ରାଉତ ଯୋଗଦେଇ ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ କରିଥିବା ସମସ୍ତ ଯୋଜନା ଯେପରି ହିତାଧିକାରୀମାନଙ୍କ ପାଖରେ ପହଞ୍ଚି ପାରିବ ସେ ବିଷୟରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକ, ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଆଶାଲକ୍ଷ୍ମୀ ନାକୁଦ୍ରା, ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅଭିମନ୍ୟୁ ସାହୁ, ତହସିଲଦାର ଜୟନ୍ତ କୁମାର ଜୟସିଂ ଯୋଗ ଦେଇଥିଲେ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦୀପକ ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାଲେପୁର ଅଞ୍ଚଳର ପ୍ରାଣୀପାଳନ, ମତ୍ସ୍ୟ ଓ କୁକୁଡ଼ା ଚାଷ କ୍ଷେତ୍ରରେ ୧୦ଜଣ ସଫଳ ଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସାଲେପୁର ପ୍ରାଣୀ ଚିକିତ୍ସା ବିଭାଗ ଓ ମତ୍ସ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ମହିଳାଙ୍କୁ ପିଟି ହତ୍ୟା ଅଭିଯୋଗ

ବାରଙ୍ଗ/ତ୍ରିଶୂଳିଆ,୧।୧୧(ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା):

**ଶାଶୁ, ଦାଦା ଶ୍ୱଶୁର ଅଟକ**

ରାଜଧାନୀରେ ବଧୂ ହତ୍ୟା ଘଟିଛି। ଜଣେ ମହିଳାଙ୍କୁ ପିଟି ହତ୍ୟା କରିଥିବା ନେଇ ଶନିବାର ପରିବାର ଲୋକେ ଅଭିଯୋଗ କରିଛନ୍ତି। ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସୋମନାଥ ନଗରରେ ଏହି ଘଟଣା ଘଟିଛି। ମୃତା ମହିଳା ହେଲେ ଏହି ଥାନା ଅଧୀନ କଲ୍ୟାଣପୁର ଗ୍ରାମର ରାଜନନ୍ଦିନୀ ସ୍ୱାଇଁ(୨୮) ବୋଲି ଜଣାପଡିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୪୦୩/୨୫) ରୁଜୁ କରିବା ସହ ମହିଳାଙ୍କ ଶାଶୁ ଓ ଦାଦା ଶ୍ୱଶୁରକୁ ଥାନାରେ ଅଟକ ରଖି ପଚରଉଚରା ଜାରି ରଖିଛି।

ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମର ଦାଶରଥି ସ୍ୱାଇଁଙ୍କ ଝିଅ ରାଜନନ୍ଦିନୀ ୧୦ ବର୍ଷ ତଳେ ବୈଦିକ ରୀତିରେ ଉକ୍ତ ଥାନା ଅଧୀନ ରଘୁନାଥପୁର ଗ୍ରାମର ଶ୍ରୀଧର ରାଉତଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୭ ବର୍ଷ ବୟସର ପୁଅ ରହିଛି। ରାଜନନ୍ଦନୀ ପାରିବାରିକ କହଳହରୁ ଆତ୍ମହତ୍ୟା କଥା ସ୍ୱାମୀ ସିଦ୍ଧେଶ୍ୱରଙ୍କ ପରିବାର ଲୋକେ କହିଥିବା ବେଳେ ରାଜନନ୍ଦନୀଙ୍କ ବାପା ଦାସରଥି ସ୍ୱାଇଁ ହତ୍ୟା ଅଭିଯୋଗ ଆଣିଛନ୍ତି। ଦାସରଥିଙ୍କ କହିବାନୁସାରେ, ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ସ୍ୱାମୀ ଏବଂ ଅନ୍ୟମାନେ ନିର୍ଯାତନା ଦେଉଥିବା ଝିଅ ଜଣାଉଥିଲା। ଏମିତିକି ଯୌତୁକ ନ ଦେଲେ ଜୀବନରୁ ମାରି ଦେବାକୁ କହୁଥିବା ରାଜନନ୍ଦନୀଙ୍କ ପିତା ଦାଶରଥି ପୋଲିସକୁ କହିଛନ୍ତି। ତାଙ୍କ ଝିଅକୁ ବାଡେଇ ମାରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଖବରପାଇ ନନ୍ଦନକାନନ ଥାନା ପୋଲିସ, ଅଗ୍ନିଶମ ବାହିନୀ ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଥିସହ କଲ୍ୟାଣପୁର ଓ ରଘୁନାଥପୁର ଗ୍ରାମର ବହୁ ଲୋକ ରୁଣ୍ଡ ହୋଇଥିଲେ। ଏହି ସମୟରେ ପୋଲିସ ପକ୍ଷରୁ ଏକ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘରୁ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ମୃତ ମହିଳାଙ୍କ ଶରୀରରେ ବିଭିନ୍ନ କ୍ଷତ ଚିହ୍ନ ରହିଥିବା ଯାଞ୍ଚରୁ ଜାଣିବାକୁ ପାଇଛି। ଅନ୍ୟପଟେ ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀ ମଧ୍ୟ ଫେରାର ହୋଇଥିବା ସୂଚନା ମିଳିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ବିବରଣୀ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦୟାନିଧି ନାୟକ ସୂଚନା ଦେଇଛନ୍ତି।

# ବହିଷ୍କୃତ ଅଣଶିକ୍ଷକ- ଅଧ୍ୟକ୍ଷଙ୍କ ପରିବାର ମାରପିଟ୍ ଅଭିଯୋଗ

ତିଗିରିଆ,୧।୧୧(ଜାଫର ଖାଁ ):

**ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ**

- ବ୍ୟକ୍ତିଗତସ୍ତରକୁ ଗଲା ଆନ୍ଦୋଳନ
- ୧୦ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ହୋଇଛି

ତିଗିରିଆ ବ୍ଲକ ସ୍ଥିତ ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟର ୧୭ ଜଣ ବହିଷ୍କୃତ ଅଣଶିକ୍ଷକ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ ହୋଇଥିବାବେଳେ ଏବେ ବ୍ୟକ୍ତିଗତସ୍ତରକୁ ଯାଇ ଗଣ୍ଡଗୋଳ ହୋଇଛି। ଏହି ଘଟଣାକୁ ନେଇ ଜଣେ ଅଣଶିକ୍ଷ ଓ ଅଧ୍ୟକ୍ଷଙ୍କ ପରିବାର ମଧ୍ୟରେ ମାର୍‌ପିଟ ହୋଇଛି। ଏନେଇ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଥିବା ନେଇ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇପ୍‌ସିତା ସୂଚନା ଦେଇଛନ୍ତି।

୭ ଦଫା ଦାବି ନେଇ ଏହି ମହାବିଦ୍ୟାଳୟର ୧୭ ଜଣ ବହିଷ୍କୃତ ଅଣଶିକ୍ଷକ ଓ କର୍ମଚାରୀ ଅକ୍ଟୋବର ୨୭ରୁ ସେଠାରେ ତାଲାବନ୍ଦ ଆନ୍ଦୋଳନ ଚଳାଇଥିଲେ। ଶୁକ୍ରବାର ଅପରାହ୍ନରେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହନ୍ତ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ବହିଷ୍କୃତ ଶିକ୍ଷକ ଓ କର୍ମଚାରୀମାନେ ୧୦ ଦିନ ପାଇଁ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ରାଜି ହୋଇଥିଲେ। ଏହି ଘଟଣା ପରେ ଶୁକ୍ରବାର ରାତିରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନଙ୍କ ପୁତୁରାଙ୍କୁ ବହିଷ୍କୃତ ଅଣଶିକ୍ଷକ ବିକାଶ ଚନ୍ଦ୍ର ପ୍ରଧାନ ନିଜ ଘର ସମ୍ମୁଖକୁ ଡାକି ନେଇ ଆନ୍ଦୋଳନର ସମାଧାନ ପାଇଁ କହିଥିଲେ। ମାତ୍ର ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ହାତହାତି ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ କଟୁରିରେ ଆକ୍ରମଣ ଯୋଗୁ ଅଧ୍ୟକ୍ଷଙ୍କ ପୁତୁରା ଗୁରୁତର ହୋଇଥିବାବେଳେ ବିକାଶ ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ନିମନ୍ତେ ବିଳମ୍ବିତ ରାତିରେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# କାର୍ଯ୍ୟକ୍ଷମ ହେଲା ନିଶ୍ଚିନ୍ତକୋଇଲି ଉପନିବନ୍ଧକ କାର୍ଯ୍ୟାଳୟ

ନିଶ୍ଚିନ୍ତକୋଇଲି, ୧।୧୧ (ଅଶୋକ କୁମାର ମହାପାତ୍ର):

ଓଡିଶାର ୪୪ ତହସିଲରେ ନୂତନ ଭାବେ ଉପନିବନ୍ଧକ କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀ ଚରଣ ମୋହନ ମାଝୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଶନିବାର ଲୋକାର୍ପିତ ହୋଇଛି। ସେହିକ୍ରମରେ କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ଏକ ଉପନିବନ୍ଧକ କାର୍ଯ୍ୟାଳୟ ଲୋକାର୍ପିତ ହୋଇଛି। ଏହି ଅବସରରେ ବ୍ଲକରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ତହସିଲଦାର ଦମୟନ୍ତୀ ସାହୁ ସଭାପତିତ୍ୱ କରିଥିବା ବେଳେ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ମୁଖ୍ୟ ଅତିଥି, ବିଡିଓ ଦ୍ୟୁବେନ୍ଦୁ ଦାସ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଏହାଦ୍ୱାରା ସାଧାରଣ ଲୋକେ ଅନଲାଇନ୍‌ରେ ସ୍ଲଟ୍ ବୁକ୍ କରି ତହସିଲ କାର୍ଯ୍ୟାଳୟରେ ଜମି କିଣାବିକା କରିପାରିବେ। ଏଥିସହ ଲୋକମାନେ ଜମିଜମା ସମ୍ପର୍କିତ ସବୁ କାର୍ଯ୍ୟ ଗୋଟିଏ କ୍ୟାମ୍ପସରେ କରିପାରିବେ। ପ୍ରଥମ ଦିନରେ ବିକ୍ରେତା ଭାବେ ଯୋହରା ବିବି ଓ କ୍ରେତା ଭାବେ ହୁସେନ ଅଲ୍ଲୀ ଖାଁ କବଲା ଦାଖଲ କରିଥିଲେ। ବିଧାୟକଙ୍କ ଉପସ୍ଥିତିରେ ଜମିଜମା ରେଜିଷ୍ଟ୍ରେଶନ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ବିଧାୟକ ଓ ତହସିଲଦାର ସରକାରଙ୍କ ଏହା ଏକ ଜନ କଲ୍ୟାଣ ଓ ଜନହିତ କର ଯୋଜନା କରିଛନ୍ତି ବୋଲି ମତ ରଖିଥିଲେ।

# ସରକାରଙ୍କ ବିଭିନ୍ନ ଶିଳ୍ପ ସମ୍ପର୍କିତ ନୀତିକୁ ଗୁରୁତ୍ୱ

**ଜିଲାସ୍ତରୀୟ ଶିଳ୍ପ ସମ୍ବନ୍ଧୀୟ ସଚେତନତା**

ବାଙ୍କୀ,୧।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):




କଟକ ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ବାଙ୍କୀ କଲେଜ ଦୃଶ୍ୟଶ୍ରାବ ଗୃହରେ ଶିଳ୍ପ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଓ ସରକାରଙ୍କ ବିଭିନ୍ନ ଶିଳ୍ପ ନୀତି ସମ୍ପର୍କିତ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨ଜଣ ସଫଳ ଉଦ୍ୟୋଗୀ ଆଶାଲତା ପ୍ରଧାନ ଓ ରାମଚନ୍ଦ୍ର ପଣ୍ଡାଙ୍କୁ ଜିଲା ଶିଳ୍ପକେନ୍ଦ୍ର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସହକାରୀ ଶିଳ୍ପ ଉନ୍ନୟନ ଅଧିକାରୀ ତଥା ବାଙ୍କୀ, ଡମପଡ଼ା ବ୍ଲକର ଶିଳ୍ପ ଅଧିକାରୀ ସତ୍ୟପିର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ତରୁଣ ମହାନ୍ତି ଯୋଗଦେଇ ବିଭାଗ ପକ୍ଷରୁ ବିଭିନ୍ନ ଶିଳ୍ପ ଉଦ୍ୟୋଗ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ କାନାରା ବ୍ୟାଙ୍କ ପରିଚାଳକ ସାଗର କୁମାର ପରିଡା, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଡମପଡ଼ା ବ୍ଲକ ସହକାରୀ ଉଦ୍ୟାନ ଅଧିକାରିଣୀ ସ୍ମୃତିରେଖା ଦାସ, ଡମପଡ଼ା ବ୍ଲକ ମତ୍ସ୍ୟ ଉନ୍ନୟନ ଅଧିକାରିଣୀ ନର୍ମଦା ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଶିଳ୍ପ ପ୍ରତିଷ୍ଠା, ସ୍ୱରୋଜଗାର, ବ୍ୟାଙ୍କ ଋଣ ସହାୟତା, ମତ୍ସ୍ୟଚାଷ, ଫୁଲ ଓ ଫଳ ଚାଷ ଏବଂ ବିଭିନ୍ନ କୃଷିଜାତ ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ବହୁ ତଥ୍ୟଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାଭାରତୀ ଟ୍ରଷ୍ଟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ପାଇଲେ ଡ. ରାଜେନ୍ଦ୍ର ପ୍ରସାଦ ପୁରସ୍କାର

ଭୁବନେଶ୍ୱର, ୧।୧୧(ସୁଚିସ୍ମିତା ସାହୁ):

ଶିକ୍ଷାବିତ ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ପାଇଲେ ଡ. ରାଜେନ୍ଦ୍ର ପ୍ରସାଦ ପୁରସ୍କାର । ଦିଲ୍ଲୀସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଆଡମିନିଷ୍ଟ୍ରେସନ(ଆଇଆଇପିଏ) ଠାରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ତାଙ୍କୁ ଶୁକ୍ରବାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଓ ଅନୁଷ୍ଠାନର ମହାନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

रामगढ़ थाना के सामने, गांधी चौक, रामगढ़ कैन्ट, जिला– रामगढ़, झारखण्ड– 829122, ई-मेल– eercdramgarh-jhr@nic.in

एस०बी०डी० आधारित अल्पकालीन ई–निविदा आमंत्रण सूचना
ई–निविदा प्रसंग संख्या :– **RCD/RAMGARH/ 1064 /2025-26**
दिनांक :– **29-10-2025**

| | | |
|---|---|---|
| 1. | कार्य का नाम | IRQP Work of Badki Pona to Kulhi Road from KM 0.00 to 13.85 KM (Total Length- 13.85 KM) Under Road Divison, Ramgarh for the of Year 2025-26 |
| 2. | प्राक्कलित राशि (रूपये में) | रुपये 7,82,50,000.00 (सात करोड़ बयासी लाख पचास हजार) मात्र |
| 3. | कार्य समाप्ति की अवधि | 06(छः) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14 / 11 / 2025 03:00 बजे अपराह्न |
| 5. | निविदा प्राप्ति की अंतिम तिथि एवं समय | 22 / 11 / 2025 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351–25637 |
| 8. | ई–प्रोक्योरमेट सेल का हेल्प लाईन नंबर | 0651–2401010 |

- निविदा की अन्य शर्ते वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को UCAN से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट–बढ़ सकती है।
- **Cost of bidding document (Non-refundable fee) & Bid Security as indicated shall be payable online through** http://jharkhandtenders.gov.in.

कार्यपालक अभियंता
प०नि०वि० पथ प्रमण्डल रामगढ़
PR 365006 (Road)25-26*D

# ୪ ମାସ ହେଲା ମିଳୁନି ଫ୍ୟାକ୍ଟର


ଓଏସ୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପୀଡ଼ିତାଙ୍କ ପରିବାର ଲୋକେ।

ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

## ହଇରାଣ ହେଉଛନ୍ତି ହିମୋଫିଲିଆ ରୋଗୀ

ରାଜ୍ୟରେ ଗତ ୪ମାସରୁ ଅଧିକ ସମୟ ଧରି ହିମୋଫିଲିଆ ରୋଗୀମାନଙ୍କୁ ଫ୍ୟାକ୍ଟର ମିଳୁନାହିଁ। ଫଳରେ ଫ୍ୟାକ୍ଟର ନ ପାଇ ଛୋଟଛୋଟ ପିଲାମାନେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ହିମୋଫିଲିଆ ରୋଗୀଙ୍କ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଫ୍ୟାକ୍ଟରର ଦାମ୍ ବହୁତ ଅଧିକ ହୋଇଥିବାରୁ ଏହା ସାଧାରଣ ଲୋକଙ୍କ ପାଇଁ କିଣିବା କଷ୍ଟକର। ତେଣୁ ରୋଗୀମାନଙ୍କୁ ଦିଆଯାଉଥିବା ଫ୍ୟାକ୍ଟର ୭, ୮ ଓ ୯ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନ(ଓଏସ୍‌ଏମ୍‌ସି) କିଣିବା ପରେ ରାଜ୍ୟର ପ୍ରମୁଖ ହସ୍ପିଟାଲ ଯଥା କଟକ ଏସ୍‌ସିବି, କ୍ୟାପିଟାଲ ହସ୍ପିଟାଲ ଏବଂ କିଛି ମେଡିକାଲ କଲେଜକୁ ଯୋଗାଇଥାଏ। ହସ୍ପିଟାଲ କର୍ତ୍ତୃପକ୍ଷ ଏହାକୁ ରୋଗୀମାନଙ୍କୁ ମାଗଣାରେ ଦେଇଥାନ୍ତି। ମାତ୍ର ୪ମାସ ହେବ ଓଏସ୍‌ଏମ୍‌ସି ଫ୍ୟାକ୍ଟର ଯୋଗାଉ ନ ଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ତେଣୁ ସମସ୍ୟାର ସମାଧାନ ଦାବି କରି ଶନିବାର ହିମୋଫିଲିଆ ସୋସାଇଟି କଟକ ଚାପ୍ଟର ପକ୍ଷରୁ ଓଏସ୍‌ଏମ୍‌ସି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଏଥିସହ ଓଏସ୍‌ଏମ୍‌ସି ନିର୍ଦ୍ଦେଶିକା ଡା. ପୋମା ଟୁଡୁଙ୍କ ସହ ଏନେଇ ଆଲୋଚନା କରାଯାଇଥିଲା। ତେବେ କେଉଁ କାରଣରୁ ଓଏସ୍‌ଏମ୍‌ସି ଫ୍ୟାକ୍ଟର ଲାଗି ଟେଣ୍ଡର ନ କରି ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛି, ତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ହିମୋଫିଲିଆ ରୋଗୀମାନଙ୍କୁ ସାଧାରଣତଃ ସପ୍ତାହରେ ୨ଥର ଫ୍ୟାକ୍ଟର ନେବାକୁ ପଡ଼ିଥାଏ। ପୂର୍ବରୁ ସବୁ ଠିକ୍ ଚାଲିଥିବାବେଳେ ଗତ ୪ମାସରୁ ଊର୍ଦ୍ଧ୍ୱ ସମୟ ଧରି ଫ୍ୟାକ୍ଟର ମିଳୁନାହିଁ। ଫଳରେ କାହାର ହାତ ଗଣ୍ଠି ଫୁଲି ଯାଇଥିବାବେଳେ କାହାର ଆଣ୍ଠୁ ଫୁଲି ଯାଇଛି। ଜିନିଷ ଧରିବାଠୁ ଆରମ୍ଭ କରି ଚାଲିବା ବୁଲିବା ପାଇଁ ସେମାନଙ୍କୁ କଷ୍ଟ ହେଉଛି। ତେଣୁ ପିଲାଙ୍କ କଷ୍ଟ ଦେଖି ନ ପାରି କିଏ ଜଗତ୍‌ସିଂହପୁର ତ କିଏ କେନ୍ଦ୍ରାପଡ଼ାରୁ ପ୍ରତି ସପ୍ତାହରେ କଟକ, ଭୁବନେଶ୍ୱର ଦୌଡ଼ୁଛନ୍ତି। ସେହିପରି ଏବେ ହସ୍ପିଟାଲଗୁଡ଼ିକରେ ଫ୍ୟାକ୍ଟର-୯ ଉପଲବ୍ଧ ହେଉଥିବା ଓଏସ୍‌ଏମ୍‌ସି ନିର୍ଦ୍ଦେଶିକା ସଫେଇ ଦେଉଥିବାବେଳେ, ଏସ୍‌ସିବିରେ ଫ୍ୟାକ୍ଟର-୯ ନ ଥିବା କହି ପୁଅକୁ ଫେରାଇ ଦିଆଯାଉଛି ବୋଲି ତପସ୍ୱିନୀ ବେହେରା ଅଭିଯୋଗ କରିଛନ୍ତି। ଏନେଇ ଓଏସ୍‌ଏମ୍‌ସି ନିର୍ଦ୍ଦେଶିକା ଡା. ଟୁଡୁ କହିଛନ୍ତି, କିଛିଦିନ ହେବ ଫ୍ୟାକ୍ଟର ୭ ଓ ୮ର ସପ୍ଲାଏ ସମସ୍ୟା ରହିଥିଲା। ମୁଖ୍ୟତଃ ଫ୍ୟାକ୍ଟର ପାଇଁ ରୋଗୀମାନେ କ୍ୟାପିଟାଲ ହସ୍ପିଟାଲ, କଟକ ଏସ୍‌ସିବି ମେଡିକାଲ ଉପରେ ନିର୍ଭର କରୁଛନ୍ତି। ଏବେ ସମସ୍ୟାର ସମାଧାନ ପାଇଁ କାମ କରାଯାଉଛି। ଏସ୍‌ସିବିକୁ ଫ୍ୟାକ୍ଟର-୭ ଓ ୮ ସପ୍ଲାଏ ଆରମ୍ଭ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଖୁବ୍‌ଶୀଘ୍ର ସପ୍ଲାଏ ଆରମ୍ଭ ହୋଇଯିବ। ହିମୋଫିଲିଆ ସୋସାଇଟିର ସମ୍ପାଦକଙ୍କ ସହ ଆଲୋଚନା କରିଛି, ପୁନର୍ବାର ମଙ୍ଗଳବାର ଆଲୋଚନା କରାଯିବ। ପ୍ରାୟ ୧୫ଦିନ ମଧ୍ୟରେ ଏହି ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହୋଇଯିବ ବୋଲି ନିର୍ଦ୍ଦେଶିକା କହିଛନ୍ତି।

### ହାତ, ଆଣ୍ଠୁ ଫୁଲିଗଲାଣି



ପ୍ରତି ସପ୍ତାହରେ ପୁଅକୁ ୨ଥର ଫ୍ୟାକ୍ଟର-୮ ଦେବାକୁ ପଡ଼ିଥାଏ। ୪ମାସ ହେବ ଫ୍ୟାକ୍ଟର ନେଉ ନ ଥିବାରୁ ଏବେ ହାତ ଏବଂ ଆଣ୍ଠୁ ଫୁଲି ଗଲାଣି। ଠିକ୍ ଭାବେ ଚାଲି ପାରୁନି କି କିଛି ଧରି ପାରୁନି। ସବୁବେଳେ ବିନ୍ଧା ହେଉଛି। ତେଣୁ ମାସେ ହେବ ସ୍କୁଲ ଯାଇନି। ଦୁଇବର୍ଷ ହେବ ସ୍ୱାମୀ ନାହାନ୍ତି, ବିଧବା ଭତ୍ତାରେ ମୋ ପରିବାର ଚଳୁଛି। ଏକୁଟିଆ ଲୋକ ଜଗତ୍‌ସିଂହପୁରରୁ ପ୍ରତି ସପ୍ତାହରେ କଟକ ମେଡିକାଲ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲିଣି।

– ପୁଷ୍ପାଞ୍ଜଳି ବେହେରା, ଜଗତ୍‌ସିଂହପୁର

### ଫ୍ୟାକ୍ଟର-୯ ନାହିଁ କହି ଫେରାଇ ଦେଲେ



ଫ୍ୟାକ୍ଟର ନ ମିଳିବାରୁ ସବୁବେଳେ ପୁଅର ଦେହ ଖରାପ ରହୁଛି। ଏଥର ତା'ର ଦଶମ ପରୀକ୍ଷା କିନ୍ତୁ ସେ ଠିକ୍ ଭାବେ ପଢିପାରୁନି। ଟିକେ ଲେଖିଲେ ହାତ ବିନ୍ଧା ହେଉଛି। ମେଡିକାଲରେ ଫ୍ୟାକ୍ଟର-୯ ଅଛି ବୋଲି ଅଧିକାରୀ କହୁଛନ୍ତି କିନ୍ତୁ ଏହି ଫ୍ୟାକ୍ଟର ନାହିଁ କହି ଶୁକ୍ରବାର ଏସ୍‌ସିବି ମେଡିକାଲରୁ ଆମକୁ ଫେରାଇ ଦିଆଯାଇଛି। ବଡ଼ହୋଇ ଜଣେ ଭଲ ଅଫିସର ହେବାକୁ ପୁଅର ଇଚ୍ଛା ଅଛି କିନ୍ତୁ ଏମିତି ଦେହ ଖରାପ ରହିଲେ ଦଶମ କେମିତି ପାସ୍ କରିବ ଚିନ୍ତା ଲାଗୁଛି।

– ତପସ୍ୱିନୀ ଗୋସ୍ୱାମୀ, ଜଗତ୍‌ସିଂହପୁର

### ଫ୍ୟାକ୍ଟର ନ ଦେଇ କାମଚଳା ଭାବେ ଏଫ୍‌ଏଫ୍‌ପି ନେବାକୁ କହୁଛନ୍ତି



ପୁଅ ମହମ୍ମଦକୁ ଏବେ ୧୦ ବର୍ଷ। ସେ ୩ ବର୍ଷରୁ ପ୍ରତି ସପ୍ତାହରେ ଫ୍ୟାକ୍ଟର-୭ ଏବଂ ଫ୍ୟାକ୍ଟର-୮ ନେଉଛି। କିନ୍ତୁ ୩ମାସ ହେବ ଫ୍ୟାକ୍ଟର ମିଳୁନାହିଁ। ତେଣୁ ଅଧିକାଂଶ ସମୟ ତା' ଦେହ ଖରାପ ରହୁଛି। ସେହିପରି ବାରମ୍ବାର ଏଫ୍‌ଏଫ୍‌ପି ନେବା ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଖରାପ ବୋଲି ଜାଣିବା ପରେ ବି ଫ୍ୟାକ୍ଟର ବଦଳରେ ଡାକ୍ତର କାମଚଳା ଭାବେ ଏଫ୍‌ଏଫ୍‌ପି ନେବାକୁ କହୁଛନ୍ତି। ନହେଲେ ଏଠାରୁ ପଳାଅ କହୁଛନ୍ତି।

–ସିମାଫ୍ ସାହାଦତ୍, କଟକ

## ଆଜି ମହିଳା କ୍ରିକେଟ ବିଶ୍ୱକପ୍ ଫାଇନାଲ୍



ବାଲୁକା କଳା ମାଧ୍ୟମରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଭାରତୀୟ ମହିଳା ଦଳଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ବସ୍ ଷ୍ଟିୟରିଂ ଉପରେ ଟଳିପଡ଼ିଲେ ଡ୍ରାଇଭର

ବୋଲଗଡ଼, ୧।୧୧ (ଦେବବ୍ରତ ହୋତା)

## ବଡ଼ ଅଘଟଣରୁ ବର୍ତ୍ତିଲେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ବସ୍‌ଷ୍ଟାଣ୍ଡଠାରେ ଶନିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍‌ର ଡ୍ରାଇଭର ସଂଜ୍ଞାହୀନ ଅବସ୍ଥାରେ ଗାଡ଼ି ଷ୍ଟିୟରିଂ ଉପରେ ଟଳିପଡ଼ିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଗରଗୁଆଁ ପଞ୍ଚାୟତ ଗୋଡ଼ିଆଳି ଗ୍ରାମର ସୁରଥ ଚନ୍ଦ୍ର ମାର୍ଥା(୫୫)। ତେବେ ସେ ଦୀର୍ଘବର୍ଷ ହେବ ବୋଲଗଡ଼ ନିକଟ ଚୁଡ଼ା ଗ୍ରାମରେ ପରିବାର ସହ ରହିଆସୁଥିଲେ। ଅନ୍ୟଦିନ ଭଳି ସୁରଥ ଶନିବାର ଅପରାହ୍ନରେ ଭୁବନେଶ୍ୱରରୁ ଯାତ୍ରୀବାହୀ ବସ୍ 'ବିଶାଖା'(ଓଡି୦୨ଏ ବି ୦୫୯୯)ନେଇ ଗଞ୍ଜାମ ଜିଲା ଭଞ୍ଜନଗର ଅଭିମୁଖେ ବାହାରିଥିଲେ। ବସ୍‌ରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ବାଟରେ ସୁରଥ ଅସୁସ୍ଥତା ଅନୁଭବ କରିଥିଲେ ମଧ୍ୟ ବସ୍‌କୁ ସୁରକ୍ଷିତ ଅବସ୍ଥାରେ ବୋଲଗଡ଼ ବସ୍‌ଷ୍ଟାଣ୍ଡରେ ପହଞ୍ଚାଇଥିବାରୁ ବଡ଼ ଦୁର୍ଘଟଣା ଟଳି ଯାଇଛି। ତେବେ ସୁରଥଙ୍କ ମୃତ୍ୟୁ ଖବରପାଇ ତହସିଲଦାର ବିଜୟ କୁମାର ସେଠୀ ଏବଂ ରାଜସ୍ୱ ନିରୀକ୍ଷକ ଦିଲୀପ ରାଉଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ମଜାଦାର ଢଙ୍ଗରେ ବଞ୍ଚିବା ଶିଖାଇଲା 'ୱାନ୍ ଅନ୍ ୱାନ୍ ଧମାଲ୍'





ଖ୍ୟାତନାମା ନାଟ୍ୟ କଳାକାର ଅନୁ ମେନନ୍, ଜାଫର କରାଚିୱାଲା, ଶ୍ରୁତି ବ୍ୟାସ୍ ଓ ରଜିତ୍ କପୁର ନାଟକ ପରିବେଷଣ କରୁଛନ୍ତି। (ଫଟୋ– ବିକାଶ ନାୟକ)

ଭୁବନେଶ୍ୱର, ୧।୧୧ (ସୌମ୍ୟରଞ୍ଜନ ରାଉତ)

## ୮ ନାଟକର ହାସ୍ୟରସ, ବ୍ୟଙ୍ଗାତ୍ମକ, ସାମାଜିକ ସଂଳାପରେ ବାନ୍ଧିହେଲେ ଦର୍ଶକ

ଜୈନ୍ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ରେଜ୍ ପ୍ରଡକ୍ସନ୍ସର 'ୱାନ୍ ଅନ୍ ୱାନ୍ ଧମାଲ୍' ନାଟକ ସଂକଳନ ଅନୁଷ୍ଠିତ ହୋଇଯାଇଛି। ନାଟକ ମାଧ୍ୟମରେ ମଜାଦାର ଢଙ୍ଗରେ ବଞ୍ଚିବା ଶିଖାଇଛି ଏହି ନିଆରା କାର୍ଯ୍ୟକ୍ରମ। ଅତିଥିଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ଫାଉଣ୍ଡେଶନକୁ ସହଯୋଗ କରିଥିବା ପୃଷ୍ଠପୋଷକମାନଙ୍କୁ ପ୍ରଥମେ ସମ୍ବର୍ଦ୍ଧିତ କରିଥିଲେ। ପରେ ମୁମ୍ବାଇର ଲୋକପ୍ରିୟ ଅଭିନେତ୍ରୀ ଓ ଅଭିନେତାଙ୍କ ସମେତ ଦେଶର ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ୮ ନାଟକ ମଞ୍ଚସ୍ଥ ହୋଇଥିଲା। ଇଂଲିଶ, ହିନ୍ଦୀ ଏବଂ ହିଙ୍ଗ୍‌ଲିଶ ଭାଷାରେ ପରିବେଷିତ ଏହି ନାଟକଗୁଡ଼ିକ ଦର୍ଶକ ଓ ଅତିଥିଙ୍କ ମନରେ ହାସ୍ୟରସ, ବ୍ୟଙ୍ଗାତ୍ମକ ଏବଂ ସାମାଜିକ ବାର୍ତ୍ତା ଭରି ଦେଇଥିଲା।

ପ୍ରଥମେ ୧୩ ମିନିଟ୍‌ର ଇଂଲିଶ୍ ନାଟକ 'ଆଇ ଆମ୍ ଏଭ୍ରି ଓମ୍ୟାନ୍' ପରିବେଷିତ ହୋଇଥିଲା। ଏକ ପରିବାର ମଧ୍ୟରେ ଅନେକ ଭୂମିକା ଗ୍ରହଣ କରୁଥିବା ଜଣେ ନାରୀ ଏକକ ଚରିତ୍ରରେ କିଭଳି ଭାବରେ ସମସ୍ତ କାର୍ଯ୍ୟକୁ ତୁଲାଇବା ସହ ନିଜର ବ୍ୟସ୍ତ ବହୁଳ ଜୀବନରେ କୁନି କୁନି ପିଲାଙ୍କ ଦାୟିତ୍ୱ ତୁଲାଉଥିଲେ ତାହାକୁ ହାସ୍ୟରସରେ ଭରି ଅତି ନିଖୁଣ ଭାବରେ ମଞ୍ଚସ୍ଥ କରିଥିଲେ ଖ୍ୟାତନାମା ନାଟ୍ୟ କଳାକାର ଅନୁ ମେନନ୍। ପରେ ୧୫ ମିନିଟ୍‌ର ହିନ୍ଦୀ ନାଟକ 'କଚରା କି ହିଫାଜତ୍'ରେ ଜଣେ ମୁଖ୍ୟମନ୍ତ୍ରୀଙ୍କ ଅଙ୍ଗରକ୍ଷୀ ଭାବରେ କାର୍ଯ୍ୟରତ ଥିବା ଅଧିକାରୀଙ୍କ ଦୈନନ୍ଦିନ ଜୀବନରେ ହାସ୍ୟ ସମସ୍ୟାକୁ ନେଇ କେଉଁଭଳି ସବୁ ପରିସ୍ଥିତି ଉପୁଜୁଥିଲା ତାହାକୁ ନେଇ ନିଆରା ଢଙ୍ଗରେ ପରିବେଷଣ କରିଥିଲେ ରଜିତ୍ କପୁର। ୧୦ ମିନିଟ୍‌ର ହିଙ୍ଗ୍‌ଲିଶ୍ ନାଟକ 'କୀଡା ସାଲା'ରେ ମୁମ୍ବାଇରେ ଜଣେ ଜୁନିୟର୍ କଳାକାର ଜୀବନକୁ କିପରି ମଜାଦାର ଭାବରେ ନେଇ ବଞ୍ଚୁଛି, ତାହାକୁ ନିଖୁଣ ଭାବରେ ପ୍ରଦର୍ଶନ କରିଥିଲେ ଜାଫର କରାଚିୱାଲା। ୧୨ ମିନିଟ୍‌ର ହିନ୍ଦୀ ନାଟକ 'ମାଇଣ୍ଡ୍ ବ୍ଲୋଇଂ ମାନେକ୍ୱିନ୍'ରେ– ସାମାନ୍ୟ ଅକ୍ଷମତା ସହିତ ଜନ୍ମିତ ଏକ ମାନେକ୍ୱିନ୍ କିପରି ବଞ୍ଚିବା ପାଇଁ ମଜାଦାର ଉପାୟ ଖୋଜୁଥିଲେ ତାହାକୁ ଦେଖି ଶିଖିଥିଲେ ଦର୍ଶକ। ଏହାକୁ ପରିବେଷଣ କରିଥିଲେ ଶ୍ରୁତି ବ୍ୟାସ୍। ୧୩ ମିନିଟ୍‌ର ଇଂଲିଶ ନାଟକ 'ଲାଫିଙ୍ଗ୍ ହାଏନା'ରେ କାରାଓକେ ଡିଜେର ଜଣେ ଗାୟକ କିପରି ଖରାପ ଢଙ୍ଗରେ ଗୀତକୁ ଗାଇଛନ୍ତି ତାହାକୁ ହାସ୍ୟାତ୍ମକ ଢଙ୍ଗରେ ପରିବେଷଣ କରିଥିଲେ ନୀଲ୍ ଭୋପାଲମ୍। ୧୦ ମିନିଟର ହିନ୍ଦୀ ନାଟକ 'ହମ୍ ହେ ରାହି ପ୍ୟାର୍ କେ'ରେ ଜଣେ ମହିଳା କିପରି ତା'ର ପ୍ରେମ ଓ ଜଣେ ବିଶ୍ୱସ୍ତ ହୃଦୟବାନ୍‌ଙ୍କୁ ପାଇବାକୁ ତା'ର ମନ ଭାବକୁ ବ୍ୟଙ୍ଗାତ୍ମକ ଢଙ୍ଗରେ ଉପସ୍ଥାପନ କରୁଛନ୍ତି ତାହାକୁ ସୁନ୍ଦର ଭାବରେ ପରିବେଷଣ କରିଥିଲେ ଲୀଶା ବଜାଜ୍। ୧୦ ମିନିଟର ଇଂଲିଶ ନାଟକ 'ହେଲୋ ଚେକ୍'ରେ ଗ୍ଲାମର୍ସ ଦୁନିଆରେ ବଞ୍ଚିବାକୁ ଚାହୁଁଥିବା ଜଣେ ଗୃହିଣୀ ତାଙ୍କର ସାମାଜିକ ଦୁଃସାହସିକ କାର୍ଯ୍ୟ ସମାଜରେ ବାଣ୍ଟିଥିଲେ। ଏହାକୁ ପରିବେଷଣ କରିଥିଲେ ଅନୁ ମେନନ୍। ଶେଷରେ ୧୫ ମିନିଟ୍ ହିନ୍ଦୀ ନାଟକ 'ଟିସି ରାସବିହାରୀ'ରେ ଜଣେ ଟିକେଟ୍ କଲେକ୍ଟର କାହାଣୀକୁ ନେଇ ଚମତ୍କାର ଅଭିନୟ କରିଥିଲେ ଗଗନଦେବ ରାୟର, ଯାହା ପ୍ରେକ୍ଷାଳୟରେ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

ଏହି କାର୍ଯ୍ୟକ୍ରମ ଅଟିଜିମ୍ ସ୍ପେକ୍ଟ୍ରମ୍ ଡିଜ୍‌ଅର୍ଡର (ଏଏସ୍‌ଡି) ପୀଡିତ ଲୋକଙ୍କୁ ସହାୟତା କରିବା ପାଇଁ ଫାଉଣ୍ଡେଶନର ବାର୍ଷିକ ପାଣ୍ଠି ସଂଗ୍ରହର ଏକ ଅଂଶ। ଟ୍ରଷ୍ଟ ଏବେ ପୂର୍ବ ଭାରତରେ ଅଟିଜିମ୍ ପୀଡିତ ବ୍ୟକ୍ତିଙ୍କ ପାଇଁ ପ୍ରଥମ ଆବାସିକ ସୁବିଧା ପ୍ରତିଷ୍ଠା କରିବାକୁ ଆଗକୁ ବଢୁଛି ଓ ଉକ୍ତ ଇଭେଣ୍ଟରୁ ମିଳୁଥିବା ଅର୍ଥ ଏହି ମିଶନରେ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛି ଫାଉଣ୍ଡେଶନ। କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଗାର୍ଗୀ ବାନାର୍ଜୀ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଓ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ନାଟ୍ୟପ୍ରେମୀ ଉପସ୍ଥିତ ଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଥିଲା।


ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କାର୍ଯ୍ୟକ୍ରମର ଜଣେ ପୃଷ୍ଠପୋଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୌମ୍ୟ


@ ସୁରେନ୍ଦ୍ର


@ ସୂର୍ଯ୍ୟନାରାୟଣ


@ ଉଲ୍ଲାସ


@ ଓମ୍‌ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟର ୧୦ ସ୍ଥାନରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ

କଟକ, ୧।୧୧ (କାର୍ତ୍ତିକ ସାହୁ)

## ବସ୍‌ଯାତ୍ରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ

ବସ୍‌ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଠିକ୍ ଅନୁପାଳନ ପାଇଁ ସକ୍ରିୟତାର ସହ ଏକ ମିଳିତ ପ୍ରୟାସ ଆରମ୍ଭ ହୋଇଛି। ପ୍ରତି ଶନିବାର ଅଗ୍ନି ନିରାପତ୍ତା ସଚେତନତା ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏହି କ୍ରମରେ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ନଭେମ୍ବର ପ୍ରଥମ ଶନିବାରରୁ ଆରମ୍ଭ ହୋଇଛି ମକ୍‌ଡ୍ରିଲ।

ସୂଚନାନୁସାରେ, ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବା ସାହେବ ଆମ୍ବେଡକର ବସ୍ ଟର୍ମିନାଲ, କଟକର ନେତାଜୀ ବସ୍ ଟର୍ମିନାଲ, ସୁନ୍ଦରଗଡ଼ ନୂଆ ବସ୍‌ଷ୍ଟାଣ୍ଡ, ରାଉରକେଲା ବସ୍‌ଷ୍ଟାଣ୍ଡ, କୋରାପୁଟ ବସ୍‌ଷ୍ଟାଣ୍ଡ, ସମ୍ବଲପୁର ବସ୍‌ଷ୍ଟାଣ୍ଡ, ଅନୁଗୋଳ ନୂଆ ବସ୍‌ଷ୍ଟାଣ୍ଡ, ତାଳଚେର ବସ୍‌ଷ୍ଟାଣ୍ଡ, ଗଞ୍ଜାମ ଜିଲାର ହଳଦିଆପଦର ବସ୍‌ଷ୍ଟାଣ୍ଡ ଓ ଝାରସୁଗୁଡ଼ା ଫାୟାର ଷ୍ଟେଶନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅପରାହ୍ନରେ ଅନୁଷ୍ଠିତ ହୋଇଛି। ୨ରୁ ୩ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଅଗ୍ନି ନିର୍ବାପନ ପାଇଁ ପ୍ରତିଟି କୌଶଳର ଲାଇଭ୍ ଉପସ୍ଥାପନ କରିଥିଲା ଅଗ୍ନିଶମ ବାହିନୀ। ବସ୍ କର୍ମଚାରୀମାନେ ଏହି ବିଷୟକୁ ବୁଝିଥିଲେ। ଏହାସହ ଯାତ୍ରୀବାହୀ ବସ୍ ପାଇଁ ଥିବା ଅଗ୍ନି ନିରାପତ୍ତା ଗାଇଡ୍‌ଲାଇନ ଓ ଏହାର ଆବଶ୍ୟକତା ସମ୍ପର୍କରେ ବସ୍ ମାଲିକମାନଙ୍କୁ ଅବଗତ କରାଯାଇଛି। କୌଣସି ଅଘଟଣ ଘଟିଲେ ନିଆଁକୁ ନିୟନ୍ତ୍ରଣ କରିବା ବିଷୟରେ ଏକ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯାଇଛି। ଉଭୟ ବସ୍ କର୍ମଚାରୀ ଓ ସାଧାରଣ ଯାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଅଗ୍ନିଶମ ଓ ଜରୁରିକାଳୀନ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ବସ୍ ମାଲିକ ସଂଘ ସହଭାଗିତାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଛି। ଆସନ୍ତା ୩ଟି ଶନିବାର ମଧ୍ୟରେ ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ଆର୍‌ଟିଓଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଯାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ସମସ୍ତ ସ୍ଥାନରେ ପ୍ରଶିକ୍ଷଣ ଶେଷ ପରେ ବସ୍‌ରେ ଅଗ୍ନି ନିରାପତ୍ତା ସମ୍ପର୍କରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। କିଛି ରାଜ୍ୟରେ ବସ୍‌ରେ ଅଗ୍ନି ଅଘଟଣ ଭଳି ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶାରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏ ସଂକ୍ରାନ୍ତରେ ବସ୍ ମାଲିକ ସଂଘ ସହ ବୈଠକ କରି ଆଲୋଚନା କରିଥିଲେ। ଅଗ୍ନି ନିରାପତ୍ତା ପାଇଁ ଥିବା ନିୟମ ପାଳନକୁ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

**ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ**

ନିରାକାରପୁର (ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରର ରାମ ମନ୍ଦିରଠାରେ ୪୩ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଳଯାତ୍ରା ଅନୁଷ୍ଠିତ ହୋଇ ୨୨ତାରିଖରୁ ଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତିଦିନ ହୋମ, ଯଜ୍ଞ, ସୂର୍ଯ୍ୟପୂଜା, ମଙ୍ଗଳଆଳତି, ନାମ ସଂକୀର୍ତ୍ତନ ହେବା ସହିତ ଶନିବାର ଘଟ ବିସର୍ଜନ ଓ ମହୋତ୍ସବ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନରୁ ରାମ ରାଜ୍ୟ ସମ୍ପର୍କରେ ପ୍ରବଚକ ବିକ୍ରମ ମହାରଣା ଓ ସତ୍ୟାନନ୍ଦ ଗିରି ପ୍ରବଚନ ପ୍ରଦାନ କରିଥିଲେ।

# 'ଶ୍ରୀଜଗନ୍ନାଥ ସଂସ୍କୃତି ସହ ଲୋକଙ୍କ ଭାବାବେଗ ଜଡ଼ିତ ରହିଛି'

ଖୋର୍ଦ୍ଧା,୧।୧୧(ପ୍ରଭାତ ପାଣିଗ୍ରାହୀ)

କାର୍ତ୍ତିକ ପୂର୍ଣ୍ଣମୀ ଦିନ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ ହୋଇଥାଏ। ମହାପ୍ରଭୁଙ୍କ ସୁନାବେଶରେ ଫୁଲ, ତୁଳସୀ, ପଦ୍ମଫୁଲ, ଗେଣ୍ଡୁଫୁଲ ଲାଗି ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲା ଶ୍ରୀଜଗନ୍ନାଥ ସଂସ୍କୃତି ସମିତି ଗତ ୬ବର୍ଷ ହେବ ଫୁଲ, ତୁଳସୀ ଯୋଗାଇଆସୁଛି। ଏହି ପରିପ୍ରେକ୍ଷୀରେ ଅଁଳା ନବମୀରେ ସୁବର୍ଣ୍ଣପୁର ପାତାଳୀ କ୍ଷେତ୍ରରୁ ବାହାରିଥିବା ତୁଳସୀ ରଥକୁ ଶନିବାର ଖୋର୍ଦ୍ଧା ଗୀତାଭବନ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶୁକ୍ରବାର ଭୋର ସାଢ଼େ ୫ଟାରେ ଏହି ରଥ ସୁବର୍ଣ୍ଣପୁର ପାତାଳୀ କ୍ଷେତ୍ରଠାରୁ ଯାତ୍ରା ଆରମ୍ଭ କରି ଉଲୁଣ୍ଡା ଜଗନ୍ନାଥ ମନ୍ଦିର, ବିନିକା ଦୁର୍ଗା ମଣ୍ଡପ, ଜଗନ୍ନାଥ ମନ୍ଦିର, ବିଶିମୁଣ୍ଡା, ନାରାୟଣପୁର, ଖାରୀ, ସୋନପୁର ଦଧିବାବନ ମନ୍ଦିର, ମନମୁଣ୍ଡା, ବାଉଁଶୁଣୀ, ବୌଦ୍ଧ, ପୁରୁଣା କଟକ, ଦଶପଲ୍ଲା ଦେଇ ନୟାଗଡ଼ରେ ରାତ୍ରୀଯାପନ କରିଥିଲେ। ଶନିବାର ସକାଳ ୬ଟାରେ ନୟାଗଡ଼ ମନ୍ଦିରରେ ପୂଜାର୍ଚ୍ଚନା ପରେ ପୁନଃ ଯାତ୍ରା ଆରମ୍ଭ କରି ଖୋର୍ଦ୍ଧା ଅଭିମୁଖେ ବାହାରିଥିଲେ। ଗୀତାଭବନଠାରେ ଶିକ୍ଷାବିତ୍ ଡ.ଧୀରେନ୍ଦ୍ର ନନ୍ଦ, ଗୀତାଭବନ ସମ୍ପାଦକ ତଥା ଆଇନଜୀବୀ ଶଶିଶଙ୍କର ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଜଗନ୍ନାଥପ୍ରେମୀ ଏହି ରଥକୁ ସ୍ୱାଗତ କରିଥିଲେ। ନାମ ସଂକୀର୍ତ୍ତନ, ମନ୍ତ୍ରଧ୍ୱନି ସହ ମହାପ୍ରଭୁଙ୍କ ମନ୍ତ୍ରୋଚ୍ଚାରଣରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ତୁଳସୀ ରଥକୁ ବିଦାୟ ଦେଇଥିଲେ। ସେଠାରୁ ରଥ ଭୁବନେଶ୍ୱର ଯାତ୍ରା କରି ପିପିଲି, ସାକ୍ଷୀଗୋପାଳ ମନ୍ଦିର ଦେଇ ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ସେଠାରୁ

## ଖୋର୍ଦ୍ଧାରେ ତୁଳସୀ ରଥକୁ ଭବ୍ୟ ସ୍ୱାଗତ



ଶ୍ରୀମନ୍ଦିର ଅଭିମୁଖେ ଶୋଭାଯାତ୍ରାରେ ବାହାରି ମହାପ୍ରଭୁଙ୍କ ଦର୍ଶନ ସହ ବିଭିନ୍ନ ସ୍ଥାନରୁ ସଂଗୃହୀତ ତୁଳସୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜମାଦିଆଯାଇଥିଲା। ସୁବର୍ଣ୍ଣପୁର ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଗଦାଧର ବାରିକ, ବେଣୀମାଧବ ବେବରତା, ଚନ୍ଦ୍ରଶେଖର ଓତା, ପୂର୍ଣ୍ଣଚନ୍ଦ୍ର ପାଡ଼ୀ, ସୁରେଶ କୁମାର ମିଶ୍ରଙ୍କ ସମେତ ଏକ ୪୦ଜଣ ଟିମ୍ ଏଥିରେ ସାମିଲ ହୋଇଥିଲେ। ଅନୁଷ୍ଠାନର ସଦସ୍ୟ ଚନ୍ଦ୍ରଶେଖର ଓତା କହିଛନ୍ତି ଯେ, ଏହି ରଥ ୫ଟି ଜିଲ୍ଲା ପରିକ୍ରମା କରି ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କଠାରୁ ତୁଳସୀ ସଂଗ୍ରହ କରିଥାଏ। ପଶ୍ଚିମାଞ୍ଚଳରୁ ପୂର୍ବାଞ୍ଚଳକୁ ଯୋଡ଼ିବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଏହାର ଲକ୍ଷ୍ୟ। ଚଳିତବର୍ଷ ପ୍ରାୟ ୮୦କ୍ୱିଣ୍ଟାଲ ତୁଳସୀ ସଂଗ୍ରହ କରାଯାଇଛି। ସେହିପରି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଏବଂ ସୁରେଶ କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି ସହ ଲୋକଙ୍କ ଭାବାବେଗ ଜଡ଼ିତ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ପ୍ରସାର ପ୍ରଚାର ଉଦ୍ଦେଶ୍ୟ ଏହି ତୁଳସୀ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ସେହିପରି ଗଦାଧର ବାରିକ କୁହନ୍ତି, ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ସମୟରେ ସୁବର୍ଣ୍ଣପୁରରେ ମହାପ୍ରଭୁ ପାତାଳୀ ହୋଇଥିଲେ। ସୁବର୍ଣ୍ଣପୁର ହେଉଛି ମହାପ୍ରଭୁଙ୍କ ଏକ ଲୀଳାକ୍ଷେତ୍ର। ସେହିପରି ଶିକ୍ଷାବିତ୍ ଡ.ନନ୍ଦ କହିଥିଲେ ଯେ, ଏହି ରଥ ପାଇଁ ଭକ୍ତମାନେ ଆଗ୍ରହର ସହ ଅପେକ୍ଷା କରି ରହିଥାନ୍ତି। ତୁଳସୀ ଝୁଡ଼ିରଥକୁ ଟେକିଦେବା ସମୟରେ ଭକ୍ତ ଭାବବିହ୍ୱଳ ହୋଇପଡ଼ନ୍ତି। ଆଇନଜୀବୀ ଶଶିଶଙ୍କର ମିଶ୍ର କହିଥିଲେ ଯେ, ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ସହ ଏକ ଆଧ୍ୟାତ୍ମିକତା ଭାବ ସୃଷ୍ଟି ହୋଇଥାଏ। ଏହା ହିଁ ଆମ ସଂସ୍କୃତି, ପରମ୍ପରାର ପରିଚୟ ବହନ କରେ।

# ରାସ୍ତାରେ ଗୋରୁ, ବଢୁଛି ଦୁର୍ଘଟଣା



ବାଘମାରୀ,୧।୧୧(ମିହିର ରଞ୍ଜନ ମହାପାତ୍ର)

ରାସ୍ତାରେ ଗୋରୁ ଶୋଇବା ଯୋଗୁ ପ୍ରତିଦିନ ଅନେକ ନିରୀହ ଜୀବନ ସହ ଗୋରୁ ସଡ଼କ ଦୁର୍ଘଟଣାରେ ମୃତାହତ ହେଉଛନ୍ତି। ଏହିକ୍ରମରେ ୫୭ନମ୍ବର ଜାତୀୟ ରାଜପଥର ସାଲୁଆଠାରୁ ବାଘମାରୀ ପର୍ଯ୍ୟନ୍ତ ଗୋରୁ ରାସ୍ତାରେ ବୁଲିବା ସହ ଶୋଇ ରହୁଛନ୍ତି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜର ଆସୁଛି। ଏପରିକି ରାସ୍ତା ଜାମ୍ ହେବା ସହ ଯାତାୟାତରେ ବାଧକ ସୃଷ୍ଟି ହେଉଛି। ବୁଲା ଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ନିୟମ କଡ଼ାକଡ଼ି କରାଯିବାକୁ ଦାବି ହେଉଛି। ସେହିପରି ପାଟ୍ରୋଲିଂ, ବିଭିନ୍ନ ସ୍ଥାନରେ ଗୋଶାଳା ନିର୍ମାଣ, ରାସ୍ତାକୁ ଗୋରୁ ଛାଡ଼ୁଥିବା ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହି ଅସୁବିଧା ଦୂର ହେଉପାରିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ରାଧାକୃଷ୍ଣ ବେଶରେ ହବିଷିଆଳିଙ୍କ ଗ୍ରାମ ପରିକ୍ରମା

ନିରାକାରପୁର,୧।୧୧(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ଲେଣ୍ଢୋ ପଞ୍ଚାୟତ ଅନ୍ତର୍ଗତ କୁନିଆସାମନ୍ତରାପୁରବାସୀ ହବିଷିଆଳିମାନେ ପାରମ୍ପରିକ ରୀତିରେ ତଥା ନିଆରା ଢଙ୍ଗରେ ଏହି ଧର୍ମମାସକୁ ପାଳନ କରୁଛନ୍ତି। ଗ୍ରାମର ହବିଷିଆଳିମାନେ ମୁଣ୍ଡରେ ମୟୂରଚୂଳ ଥିବା କିରୀଟ ଓ ହାତରେ ବିଭିନ୍ନ ଅଳଙ୍କାର ଲଗାଇବା ସହ ବଂଶୀ ଧରି ନିଜକୁ ରାଧାକୃଷ୍ଣ ବେଶରେ ସଜେଇ ହୋଇଥିଲେ। ରାମନାମ ଉଚ୍ଚାରଣ କରି ଭୋଗ ସାମଗ୍ରୀ ଧରି ଗ୍ରାମ୍ୟ ପରିକ୍ରମା କରୁଥିବା ଦେଖିବାକୁ ମିଳିଛି। ସାହି ପରିକ୍ରମା ପରେ ହବିଷିଆଳିମାନେ ନିକଟ ମନ୍ଦିର, ଚଉରାମୂଳରେ ଏକତ୍ରିତ ହୋଇ ଦୀପ ଲଗାଇ ରାଇଦାମୋଦର ପୂଜା ପରେ କାର୍ତ୍ତିକ ପୁରାଣ ପାଠ କରିଥିଲେ। ହରିବୋଲ, ହୁଳହୁଳି ସାଙ୍ଗକୁ ନାମ ସଂକୀର୍ତ୍ତନରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅନୁରୂପଭାବେ କେତେଜଣ ଶିଶୁ ମଧ୍ୟ ଶ୍ରୀକୃଷ୍ଣ ବେଶରେ ସଜେଇ ହୋଇ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା।

# ଶରତ ରାସ ମହୋତ୍ସବ ଉଦ୍‌ଘାଟିତ



ଶରତ ରାସ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବେଗୁନିଆ,୧।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ବାବା ସୋମନାଥ ଦେବଙ୍କ ପୀଠରେ ଏକଶତ ବର୍ଷ ପୂର୍ତ୍ତି ଉପଲକ୍ଷେ ଶରତ ରାସ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ଅତିଥି, ନାଟ୍ୟକାର କୃଷ୍ଣ ଚନ୍ଦ୍ର ହରିଚନ୍ଦନ ମୁଖ୍ୟ ବକ୍ତା, ଅଖିଳ ଭାରତୀୟ ସନ୍ଥ ସମିତି ଅଧ୍ୟକ୍ଷ ବାବା ସତ୍ୟାନନ୍ଦ ଗିରି, ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଦିବ୍ୟସିଂହ ରଣା, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଲାବଣ୍ୟ ଜୟସିଂହ, ଅସିତ୍ କୁମାର ତ୍ରିପାଠୀ, ପ୍ରଦୀପ କୁମାର ବାରିକ, ସମିତିସଭ୍ୟ ନଳିନୀ ଦେବୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବାହ୍ନରେ ମହୋତ୍ସବ ପାଇଁ ସୋମନାଥ ଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକକର୍ମୀ ଜୟନ୍ତୀ ସାହୁ ଯୋଗଦେଇ ଉତ୍ସାହିତ କରିଥିଲେ।

## ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଅତୁଳନୀୟ

ବୋଲଗଡ଼,୧।୧୧(ଦେବବ୍ରତ ହୋତା): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବୋଲଗଡ଼ ଥାନା ପୋଲିସ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ଲୋକେ ଅଂଶଗ୍ରହଣ କରିଥିଲେ। ପ୍ରାତଃରୁ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ ସ୍ଥାନୀୟ ଗୋପବନ୍ଧୁ ଛକ ନିକଟରେ ଏହି ଗଣଦୌଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଅତୁଳନୀୟ ଥିଲା ବୋଲି କହିଥିଲେ। ଏଥିସହ ଗଣଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୋଲଗଡ଼ ଉପକଣ୍ଠ ମଙ୍ଗଳା ମନ୍ଦିରଠାରେ ପହଞ୍ଚି ସେଠାରୁ ଗ୍ରାମୀଣ ବଜାର ରାସ୍ତାରେ ଆସି ଥାନା ନିକଟରେ ଶେଷ ହୋଇଥିଲା। ଏଥିରେ ଲିଲି ପାଢ଼ୀ, ଉମାକାନ୍ତ ନାୟକ, ସରିଫ ଖାଁ, ସୁମନ୍ତ ଚମ୍ପତି, ନର୍ମଦା ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଗୌତମ ବେହେରା, ସଞ୍ଜୟ ବେହେରା, ଚଇ ପଟ୍ଟନାୟକ, ମୁକେଶ ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ପଞ୍ଚମ ମାସିକ ବୈଠକ

ଟାଙ୍ଗୀ,୧।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ି ପଞ୍ଚାୟତର ରାଉଳ ସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ପଞ୍ଚମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟମ୍ବଦା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ଅଭିମାନପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୀପୁନ ପରିଡ଼ା, ଉଜ୍ଜ୍ୱଳା ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରିୟଙ୍କା ମହାପାତ୍ର, ରାଉଳସାହି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିନତୀ ଦେଇ, ସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ଚଣ୍ଡି ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଜାତା ଜେନା, କାରଟିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୋଫାନ ନାୟକ, ମଙ୍ଗଳାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କବିତା ମହାପାତ୍ର, ମୁକ୍ତେଶ୍ୱରଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାଧବ ମହାରଣା, ମୀନାକ୍ଷୀ ବେହେରା, ରସୁଲପୁର ପ୍ରାଥମିକ ବିଦ୍ୟାଳୟର ମୋନାଲିସା ବେହେରା, ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟର ସ୍ମିତା ନାୟକ, ଇତିଶ୍ରୀ ରାଉତ, କାଟିଲାଗୋଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୀପିକା ମଣ୍ଡଳ, ସୋନାଲି ମୁର୍ମୁ, ସଞ୍ଜୁଲତା ବେହେରା, ସ୍ନିଗ୍ଧାରାଣୀ ବେହେରା, ସବିତା ସୁବୁଦ୍ଧି, ମମତା ଦାସ, ଶୁଭସ୍ମିତା ରାଉତ, କାଦମ୍ବିନୀ ବେହେରା, ରୂପାଲି ପାତ୍ର, ଟିଙ୍କିନା ବାରିକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ଶିକ୍ଷାଦାନ, ପାଠଟୀକା ପ୍ରସ୍ତୁତି, ବିଦ୍ୟାଳୟ ପରିବେଶ, ନିପୁଣ ବିଦ୍ୟାଳୟ, ୟୁଏଏସ୍ ଉପସ୍ଥାନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଓସେପା ଅଧିକାର ବର୍ଣ୍ଣାଳି କାର୍ଯ୍ୟକ୍ରମ ନୀରିକ୍ଷକ ପ୍ରଜ୍ଞାପାରମିତା ବସ୍ତିଆ ପରିଦର୍ଶନରେ ଆସି ସାମାଜିକ ଲିଙ୍ଗ ଭିତ୍ତିକ ସମତା ବିଷୟରେ ଆଲୋଚନା କରିଥିଲେ। ରାଉଳସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସେଠୀ ଆଦର୍ଶ ଶିକ୍ଷାଦାନ ଦେଇଥିଲେ। ମିନୁ ବେହେରା, ପ୍ରଭାସିନୀ ବିଶ୍ୱାଳ, ଉଲ୍ଲାସ ମହାପାତ୍ର, ରବୀନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସତର୍କ, ସଚେତନତା ଦ୍ୱାରା ସାଇବର ଅପରାଧ ରୋକିହେବ

ଟାଙ୍ଗୀ,୧।୧୧(ରଘୁନାଥ ସାହୁ)

ନୟାଗଡ଼ ଜିଲା ପୋଲିସ ଏବଂ ଚାନ୍ଦପୁର ଥାନାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାଇବର ଅପରାଧ ସୁରକ୍ଷା ସଚେତନତା ଅଭିଯାନ ସମ୍ପର୍କରେ ସ୍ଲୋଗାନ ଦେଇ ଚାନ୍ଦପୁର ଥାନାଠାରୁ ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟଠାରେ ଅନୁଷ୍ଠିତ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିଲା। ଅତିଥିଭାବେ ରଣପୁର ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଆର୍ଯ୍ୟ କୁମାର ସରଦର୍ମନ, ନୟାଗଡ଼ ଏସ୍‌ଡିପିଓ ତଥା ଜିଲା ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ସୁକାନ୍ତ କୁମାର ପାତ୍ର, ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ପ୍ରଧାନ ଶିକ୍ଷକ ପଦ୍ମଚରଣ ବିଶ୍ୱାଳ, ବିଦ୍ୟାଳୟ କମିଟି ସଭାପତି ବଦ୍ରିନାରାୟଣ ଚୈଧୁରୀ, ମୋହନ ମହିଳା ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷା ଝରଣା ସାହୁ, ନୟାଗଡ଼ ଥାନା ଇନ୍‌ସ୍ପେକ୍ଟର ପରମାନନ୍ଦ ଦଳାଇ ପ୍ରମୁଖ ଯୋଗଦେଇ ସତର୍କ ଓ ସଚେତନ ରହିଲେ ସାଇବର ଅପରାଧରୁ ରକ୍ଷା ପାଇପାରିବା ବୋଲି କହିଥିଲେ। ଚାନ୍ଦପୁର ଆଇଆଇସି ଦିଲୀପ କୁମାର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଜି ମିଶନ ବିଦ୍ୟାଳୟ ଓ ପୋଲିସ ବିଭାଗ ପକ୍ଷରୁ ନୃତ୍ୟ ଓ ନାଟକ ମାଧ୍ୟମରେ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଇନ୍‌ସ୍ପେକ୍ଟର ସଞ୍ଜୟ କୁମାର ପରିଡା ଧନ୍ୟବାଦ ଦେଇଥିଲେ। ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଓଡ଼ିଶାର ମନ୍ଦିର କଳା ଓ ସ୍ଥାପତ୍ୟ' ଶୀର୍ଷକ ଆଲୋଚନାଚକ୍ର




ଖୋର୍ଦ୍ଧା,୧।୧୧(ପ୍ରଭାତ ପାଣିଗ୍ରାହୀ): ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ଶନିବାର 'ଓଡ଼ିଶାର ମନ୍ଦିର କଳା ଓ ସ୍ଥାପତ୍ୟ' ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗୀୟ ମୁଖ୍ୟ ଅସୀମା ଶତପଥୀ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଆଲଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତାଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ତଥା ଅବସରପ୍ରାପ୍ତ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଶାର ମନ୍ଦିର କଳା ଓ ସ୍ଥାପତ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଭାରତର ବିଭିନ୍ନ ଐତିହାସିକ କୀର୍ତ୍ତିରାଜି ଦେଶର ଉନ୍ନତ ସ୍ଥାପତ୍ୟ କଳାର ପରିଚୟ ବହନ କରେ। ଭବିଷ୍ୟତ ପିଢ଼ି ପାଇଁ ଏହାର ସଂରକ୍ଷଣ ଜରୁରୀ। ଏଦିଗରେ ଯୁବପିଢ଼ି, ଇତିହାସ ବିଭାଗର ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ପୂର୍ବତନ ଅଧ୍ୟାପିକା ଡ.ଅହଲ୍ୟା ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ତଥା ଭାରତର ପ୍ରାଚୀନ କଳା ଓ ସ୍ଥାପତ୍ୟର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ଇତିହାସ ବିଭାଗର ଅଧ୍ୟାପକ ଟି. ଅକ୍ଷୟ କୁମାର କାଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଆଶିଷ ରଞ୍ଜନ ସାହୁ, ଡ.ସ୍ମିତପ୍ରଜ୍ଞା ଦାସ, ଅଧ୍ୟାପକ ରବିନାରାୟଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଆଲୋଚନାଚକ୍ରରେ ବିଭାଗର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସୁଶ୍ରୀ ଆଦ୍ୟାଶା ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
Phone - 0674-2540742, Email - se_ccrw@yahoo.co.in
No.O-1234
No.4945/Date.28.10.2025
**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | Road works under Periodical Renewal work of 5 years Completed PMGSY (POST DLP) roads for the year 2025-26 |
| 2. | Total No. of Packages | : | 1 No. of Package |
| 3. | Estimated Cost of the Package | : | Rs.58.83 lakhs |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Seeking clarification of tender | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.34 of 2025 | 01.11.2025 at 11.00 A.M. | 17.11.2025 up to 5.00 P.M. | 14.11.2025 Up to 5.00 P.M. | 18.11.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
OIPR-25082/11/0017/2526
Sd./- Chief Construction Engineer
Central Rural Works Circle, Bhubaneswar



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph. No.-06792-261343/261344, Gangraj, Baripada
Office Order No.4950/Dt.29.10.2025//
**1st Corrigendum to National Competitive Bidding e_procurement Notice**
**No.4738/Road work Dt.15.10.2025 (NCB No.-394)**
**No.O-1268** : Due to unavoidable circumstances the important dates of tendering process for road works are being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 30.10.2025 at 11.00 A.M. to 18.11.2025 up to 05.00 P.M. | 15.11.2025 at 11.00 A.M. to 04.12.2025 up to 05.00 P.M. |
| 2 | Date & Time of Seeking Tender Clarification if any | 17.11.2025 up to 05.00 P.M. | 03.12.2025 up to 05.00 P.M. |
| 3 | Date & Time of Opening of Technical Bid | 19.11.2025 at 11.00 A.M. | 05.12.2025 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.
Sd./- Er. A.K. Naik
Chief Construction Engineer
R.W. CIRCLE, BARIPADA
OIPR-25130/11/0061/2526



**ZILLA SWASTHY SAMITI, GAJAPATI**
(Department of Health & FW, Govt. of Odisha)
Advt. No. 8321/DPMU/NHM/2025 Dt. 18.10.25
**NOTICE**
No. E-: Applications are invited from in-house contractual employee of NHM working in the same post under OSH&FW Society in other districts desiring to be posted in Gajapati district.
**Fresh Candidates need not to apply**.
The interested candidates may log on the website **www.gajapati.odisha.gov.in** for details (Vacancies, terms & conditions and application form etc. Eligible candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to Chief District Medical & Public Health Officer, At/P.O.: Paralakhemundi, Gajapati - 761200 by Regd./Speed Post on or before 31.10.2025 by 05.00 P.M. The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.
OIPR: Sd./- CDM & PHO-cum-DMD, Gajapati



**GOVERNMENT OF ODISHA** No.O-1137
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**
Phone : 06842-253708, E-mail : rw_phulbani@yahoo.co.in
No. 4380 RWDP, Dated the 23.10.2025
**Government of Odisha e-Procurement Notice**
**Bid Identification No. Online Tender/07/SERWD PHULBANI/2025-26**
1. Name of the work : Road Work (03 Nos.)
2. Estimated cost : Rs.79.83 Lakhs & 52.10 Lakhs
3. Period of completion : Three Calendar Months
4. Date & Time of availability of Bid documents in the Portal : From 01.11.2025, 10.00 A.M. to 11.11.2025 upto 05.00 P.M.
5. Last Date / Time for receipt of Bids in the Portal : 11.11.2025 upto 5.00 P.M.
6. Name and address of the Officer Inviting Bid : Superintending Engineer, Rural Works Division, Phulbani
Further details can be seen from the e-procurement portal website **www.tendersodisha.gov.in**
Sd./- Superintending Engineer
Rural Works Division
Phulbani
OIPR-25077/11/0028/2526



**GOVT. OF ODISHA**
**DEPARTMENT OF WATER RESOURCES**
**O/o THE SUPERINTENDING ENGINEER, PRACHI DIVISION, BHUBANESWAR - 12**
E-mail : prachi.division@yahoo.co.in, eeprachidivision@gmail.com
No. 7661 Dt. 27.10.2025
**e-PROCUREMENT NOTICE NO. - SEPRD - 14/2025-26**
**No.A-799** : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal/V.R Bridge/River embankment) |
| 02. | No. of Works | 33 (Thirty Three) Nos. |
| 03. | Bid Identification No. | SEPRD - 14/2025-26 |
| 04. | Estimated Cost (in Rupees) | Rs.8.00 Lakhs to Rs.50.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 01.11.2025 (10.00 A.M.) to 11.11.2025 (5.30 P.M.) |
| 09. | Date and time of Opening of Tender Documents & online bids | 12.11.2025 at 10.30 P.M. |
| 10. | Date of Lottery (In case of situation arises) | 20.11.2025 at 3.30 P.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.
Sd./-Superintending Engineer
Prachi Division, Bhubaneswar
OIPR-32096/11/0012/2526



**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVSION, JEYPORE**
E-mail ID : mijeypore@yahoo.co.in
**NOTICE INVITING TENDER**
**E-Procurement Notice**
**Bid Identification No. MIDJEY - 07/2025-26**
Letter No.1808 Dt.25.10.2025
**No.A-789** : The Superintending Engineer, Minor Irrigation Division, Jeypore on behalf of Governor of Odisha invites **Percentage rate** bids in Single/Double Cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**.
1. Name of the work : Construction of Check Dam Under MATY, CAPEX Lining, ERM, MIPSP
2. Total Number of work : 07 (Seven) Nos.
3. Estimated cost : Approximately Rs.8.36 to 75.59 lakhs.
4. Period of completion : 02 (Two), 04 (Four) and 05 (Five) Calendar Months
5. Class of Contractor : "D", "B" and "C" Class Contractor
6. Date and time of availability of bid documents in the portal : From 10.00 A.M. of 06.11.2025 to 5.30 P.M. of 18.11.2025
7. Last date/time for receipt of bids in the portal : 5.30 P.M. on 18.11.2025
8. Date of opening of bid : At 11.00 A.M. on 19.11.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website : www.tendersorissa.gov.in
Sd./- Superintending Engineer
M.I. Division, Jeypore
OIPR-32374/11/0017/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**
Tel. No. (06792) 260788, e-Mail ID: mi.mayurbhanj@yahoo.co.in
**"e" Procurement Notice**
No. 3760 Dated: 27.10.2025
**Identification No. S.E.M.I.D. MBJ. No. 13/MID, MBJ/2025-26**
No. A-850: The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of works : Civil construction works as mentioned in the website
2. Total No. of Works : 5 Nos.
3. Tender Amount : 56.67 Lakh to 99.65 Lakh (Detail list of works Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 30.10.2025 at 10.00 A.M. to 13.11.2025 upto 5.00 P.M.
7. Last date/time for receipt of Bids in the portal : 13.11.2025 upto 5.00 P.M.
8. Date/Time of Opening of Technical Bid : 14.11.2025 at 11.00 A.M.
9. Name and address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement portal **"https://tendersorissa.gov.in"**.
Sd./- Superintending Engineer
Minor Irrigation Division, Mayurbhanj
OIPR-32041/11/0019/2526

# ଭାରତର ପ୍ରକୃତ ଶକ୍ତି ତା'ର ବିବିଧତାରେ ନିହିତ ରହିଛି: ରାଜ୍ୟପାଳ

## ରାଜଭବନରେ ୧୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧।୧୧(ସୁଚିସ୍ମିତା ସାହୁ)

ଭାରତର ପ୍ରକୃତ ଶକ୍ତି ଏହାର ବିଶାଳ ବିବିଧତାରେ ନିହିତ ରହିଛି। ରାଜଭବନରେ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଷ୍ଠା ଦିବସ ପାଳନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଆତ୍ମାକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଦେଶର ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଷ୍ଠା ଦିବସ ଶନିବାର ରାଜଭବନର ବ୍ରୁ ଅଭିଷେକ ହଲ୍‌ରେ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ଯୋଗଦେଇ କହିଲେ, ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସଂସ୍କୃତି, ପରମ୍ପରା, ଭାଷାର ସମନ୍ୱୟ ଘଟି ଏକତାର ରାହା ପ୍ରତିଫଳିତ ହେଉଛି। ଜମ୍ମୁ ଓ କଶ୍ମୀର, ଲେହ-ଲଦାଖ, ଆନ୍ଧ୍ର ପ୍ରଦେଶ, ଆଣ୍ଡାମାନ ଓ ନିକୋବର, ଚଣ୍ଡୀଗଡ଼, ଛତିଶଗଡ଼, ଦିଲ୍ଲୀ, ହରିୟାଣା, କର୍ଣ୍ଣାଟକ, କେରଳ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ପଞ୍ଜାବ ଏବଂ ତାମିଲନାଡୁର ବିଭିନ୍ନ ବିବିଧତା ଉପରେ ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଓଡ଼ିଶା ସମ୍ପର୍କରେ ରାଜ୍ୟପାଳ କହିଲେ, ମହାପ୍ରଭୁ ଜଗନ୍ନାଥଙ୍କ ଭୂମି ଓଡ଼ିଶାର ଅନୁପମ ଖାଦ୍ୟ, ନୃତ୍ୟ, କୋଣାର୍କ ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର ଏବଂ ଏହାର ସ୍ଥାପତ୍ୟ ମଣିଷ, ପ୍ରକୃତି ଏବଂ ଦିବ୍ୟତା ମଧ୍ୟରେ ସମନ୍ୱୟର ସାର୍ବଜନୀନ ବାର୍ତ୍ତାକୁ ପ୍ରତିଫଳିତ କରୁଛି। ଓଡ଼ିଶା ସର୍ବଦା ଭାରତର ପ୍ରତ୍ୟେକ ଅଞ୍ଚଳର ଲୋକଙ୍କ ପାଇଁ ତା'ର ହୃଦୟ ଖୋଲି ଦେଇଛି ବୋଲି ରାଜ୍ୟପାଳ କହିଥିଲେ। ଉତ୍ସବରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍ପାଟି ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଡିଜିପି ୱାଇ.ବି. ଖୁରାନିଆ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଜ୍ଞାନ ଓ କାରିଗରୀ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଡ. ତିରୁମାଲା ନାୟକ, ଆଇଏଫ୍‌ଏସ୍ ଅଫିସର କେ. ମୁରୁଗେଶନ ଓ ମନୋଜ ଭି ନାୟାର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍ପାଟି ଓ ଅନ୍ୟ ଅତିଥିଙ୍କ ସହ ବିଭିନ୍ନ ରାଜ୍ୟର ଅଧିକାରୀ ଓ ପ୍ରତିନିଧିମାନେ।

# ବିଭୋର କଲା ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ

ଭୁବନେଶ୍ୱର,୧।୧୧ (ସୌମ୍ୟରଞ୍ଜନ ରାଉତ)



ଇଣ୍ଟରନ୍ୟାସନାଲ୍ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ୍ (ଆଇପିଏଏଫ୍) ପକ୍ଷରୁ ରବିବାର ସୂଚନା ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଲକତା ଖାଁ ଓ ତାଙ୍କ ଗ୍ରୁପ୍ ପକ୍ଷରୁ ଏକ ହୃଦୟସ୍ପର୍ଶୀ ଗଜଲ ପରିବେଷଣ ଦର୍ଶକଙ୍କୁ ବିଭୋର କରିଦେଇଥିଲା। ଆସାମର ପ୍ରତିଷ୍ଠିତ କଥକ ବିଶାରଦ ମେଘରଞ୍ଜନୀ ମେଧି ଭଗବାନ୍ ଶିବଙ୍କୁ ସମର୍ପିତ ଶିବ ବନ୍ଦନା 'ଓଁ ହର ହର ବାଜେ' ପରିବେଷଣ କରିଥିଲେ। ନୃତ୍ୟଶିକ୍ଷା ପ୍ରତିଶ୍ରି ମହାପାତ୍ର 'ଶ୍ରୀ ରାମ ଚନ୍ଦ୍ର କୃପାଳୁ ଭଜ ମନ' ସଙ୍ଗୀତରେ ଓଡ଼ିଶୀ ପରିବେଷଣ କରିଥିଲେ। ଏସ୍‌ଏସ୍‌ଡ଼ି ଜରୁଷ୍ଣ ଗ୍ରୁପ ଦ୍ୱାରା ଲୋକନୃତ୍ୟ 'ଗଞ୍ଜୁର ଗାଞ୍ଜା' ପ୍ରଦର୍ଶିତ ହୋଇଥିଲା, ଯାହାକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରସୁଲଗଡର ଛାତ୍ରଛାତ୍ରୀ ପରିବେଷଣ କରିଥିଲେ। କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିଶୁର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ



ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜଣେ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ୧୫ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧।୧୧(ସୁଚିସ୍ମିତା ସାହୁ)

ଶିଶୁ ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ଆମ ସମାଜର କର୍ତ୍ତବ୍ୟ। ଶିଶୁର ବିକାଶ ପାଇଁ ସମାଜର ପ୍ରତ୍ୟେକ ସ୍ତରରେ ସହଯୋଗ ଆବଶ୍ୟକ। ରାଜ୍ୟ ସରକାରଙ୍କ ଯୋଜନାଗୁଡିକୁ ଶିଶୁଙ୍କ ନିକଟରେ ପହଞ୍ଚାଇବା ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ୧୫ତମ ପ୍ରତିଷ୍ଠା ଦିବସ ଶନିବାର ଲୋକସେବା ଭବନଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ଯୋଗଦେଇ 'ବାତ୍ସଲ୍ୟ: ସୁରକ୍ଷିତ ଶିଶୁ, ସମୃଦ୍ଧ ଓଡ଼ିଶା' ଉପରେ କହିଲେ, ଶିଶୁର ମାନସିକ ଓ ଶାରୀରିକ ବିକାଶ ଉପରେ ଅଭିଭାବକମାନେ ଗୁରୁତ୍ୱ ଦିଅନ୍ତୁ। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅତିଥି ଭାବେ ଯୋଗଦେଇ କହିଲେ, ଶିଶୁ ଅନୁକୂଳ ଆଇନଗତ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। କିଶୋର ନ୍ୟାୟ ଆଇନ ପିଲାଙ୍କୁ ବିପଦ ସମୟରେ ଆଇନଗତ ସୁରକ୍ଷାକୁ ସୁଦୃଢ଼ କରିଥାଏ। ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଅଧ୍ୟକ୍ଷା ବ୍ରତତୀ ହରିଚନ୍ଦନ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ୟୁନିସେଫର ରାଜ୍ୟ ପ୍ରମୁଖ କ୍ଷେତ୍ର ଅଧିକାରୀ ୱିଲିୟମ ହଲୋନ ଜୁନିୟର ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ଓ ସୁରକ୍ଷା ଉପରେ କହିଥିଲେ। ଆୟୋଗର ସଦସ୍ୟା କଳ୍ପନା ଲେଙ୍କା, ସୁଜାତା ନାୟକ, ଚନ୍ଦନା ଦାସ, କସ୍ତୁରୀ ମିଶ୍ର, ମନସ୍ମିତା ଖୁଣ୍ଟିଆ, ଆୟୋଗଙ୍କ ସଚିବ ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୪୦ ଟଙ୍କା ପାଇଁ ୨ ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣିଲେ

ଭୁବନେଶ୍ୱର,୧।୧୧(ସତ୍ୟଜିତ ରାଉତ): ମାତ୍ର ୪୦ ଟଙ୍କା ପାଇଁ ବଡ଼ଗଡ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ ଚିଲିପୋଖରି ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ୨ ବ୍ୟବସାୟୀଙ୍କୁ ଦୁଇଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଆହତ ବ୍ୟବସାୟୀଦ୍ୱୟ ହେଲେ ବସନ୍ତ ବେହେରା ଏବଂ କେଦାର ସାହୁ। ବସନ୍ତଙ୍କ ଗାଙ୍ଗୁରାମ ମିଠା ଦୋକାନ ଥିବାବେଳେ ଏବଂ କେଦାରଙ୍କ ଏକ ବିଦ୍ୟୁତ ଉପକରଣ ଦୋକାନ ରହିଛି। ଖଣ୍ଡା ଆକ୍ରମଣରେ କେଦାରଙ୍କ ବେକ ଓ ବସନ୍ତଙ୍କ ହାତରେ ଆଘାତ ଲାଗିଛି। ଉଭୟଙ୍କୁ ହସ୍ପିଟାଲ ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ଘଟଣାସ୍ଥଳରୁ ଅଭିଯୁକ୍ତଦ୍ୱୟ ଛାଡ଼ି ଚାଲିଯାଇଥିବା ଏକ ଖଣ୍ଡାକୁ ପୋଲିସ ଜବତ କରିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତଦ୍ୱୟ ସ୍ଥାନୀୟ ଅଞ୍ଚଳର ବୋଲି ସୂଚନା ମିଳିଛି। ଅପରାହ୍ନ ପ୍ରାୟ ୫ଟା ୧୫ରେ ଏକ ସ୍କୁଟିରେ ଅଭିଯୁକ୍ତଦ୍ୱୟ କେଦାରଙ୍କ ପାଖକୁ ଆସି ଏକ ଇଲେକ୍ଟ୍ରି ପିନ୍ କିଣିଥିଲେ। ଏହାର ଦାମ ୪୦ ଟଙ୍କା ବୋଲି କେଦାର କହିଥିଲେ। ଅଭିଯୁକ୍ତଦ୍ୱୟ ଫୋନ୍ ପେ'ରେ ଟଙ୍କା ପଠାଇଥିବା କହିଥିଲେ। ହେଲେ ସାଉଣ୍ଡବକ୍ସ ନ ବାଜିବାରୁ କେଦାର ଟଙ୍କା ଆସି ନ ଥିବା କହିଥିଲେ। ଏହାକୁ ନେଇ କେଦାର ଓ ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଫଳରେ ପାଖ ଦୋକାନୀ ବସନ୍ତ ମଧ୍ୟ ହସ୍ତକ୍ଷେପ କରିଥିଲେ। ଅଭିଯୁକ୍ତଦ୍ୱୟ ସେଠାରୁ ଚାଲିଯାଇ କିଛି ସମୟ ପରେ ଦୁଇଟି ଖଣ୍ଡା ଧରି ଆସି ଆତଙ୍କ ରଚିଥିଲେ। ସେମାନେ ବସନ୍ତ ଓ କେଦାରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଲୋକେ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତଦ୍ୱୟ ଫେରାର ହୋଇଯାଇଥିଲେ।

# 'ଉତ୍ତମ ନାଗରିକ ଗଠନ, ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସଙ୍କଳ୍ପ ନିଅ'

## ମହାବିଦ୍ୟାଳୟ ଅଧ୍ୟକ୍ଷ, ବରିଷ୍ଠ ଅଧ୍ୟାପକଙ୍କ ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳା

ଭୁବନେଶ୍ୱର, ୧।୧୧(ସୁଚିସ୍ମିତା ସାହୁ)

ଜଣେ ଛାତ୍ରକୁ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳିବାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମଣିଷ ଗଠନର ଅନ୍ତର୍ଦୃଷ୍ଟିଶାଳ ଓ ମାନବବାଦୀ ଚିନ୍ତାଧାରାର ଉନ୍ମେଷ ଏହିଠାରୁ ହିଁ ହୋଇଥାଏ। ତେଣୁ ବିଶ୍ୱବିଦ୍ୟାଳୟ କୁଳପତି, ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକମାନେ ଶିକ୍ଷାନୁଷ୍ଠାନର ବିକାଶ ସହ ଉତ୍ତମ ନାଗରିକ ତିଆରି ପାଇଁ ସଂକଳ୍ପ ନିଅନ୍ତୁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆହ୍ୱାନ ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଭୁବନେଶ୍ୱର ପକ୍ଷରୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ବରିଷ୍ଠ ଅଧ୍ୟାପକଙ୍କ ପାଇଁ ଦକ୍ଷତା ଏବଂ ନେତୃତ୍ୱ ବିକାଶ କର୍ମଶାଳା ଶନିବାର ଏକ୍ସଆଇଏମ୍‌ବିଠାରେ ଶେଷ ହୋଇଛି। ଉଦ୍‌ଯାପନୀ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବିଶ୍ୱସ୍ତରୀୟ ଶିକ୍ଷା ଭିତ୍ତିଭୂମିର ନିର୍ମାଣ ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଗୁଣାତ୍ମକ ଶିକ୍ଷା ଓ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଉଚ୍ଚକୋଟୀର ଗବେଷଣା ଓ ସର୍ବୋପରି ଆମ ଶୈକ୍ଷିକ ସମାଜର ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଉଛି। ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି–୨୦୨୦ ସହିତ ଉଚ୍ଚଶିକ୍ଷାରେ ପିଏମ୍–ଉଷା ଯୋଜନା ଲାଗୁ କରାଯାଇଛି। ଉପାନ୍ତ ଜିଲାଗୁଡ଼ିକରେ ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟ ପ୍ରତିଷ୍ଠା, ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶଠାରୁ ଆରମ୍ଭ କରି ନିଯୁକ୍ତି କ୍ଷେତ୍ରରେ ସର୍ବୋତ୍ତମ ସୁଯୋଗ ସୃଷ୍ଟି କରାଯାଉଛି। ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣ ପ୍ରଦାନ ପାଇଁ ଶକ୍ତିଶ୍ରୀ ଯୋଜନା ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କର୍ମଶାଳା କଲେଜ ଅଧ୍ୟକ୍ଷମାନଙ୍କୁ ସଶକ୍ତ କରିବା ସହ ମହାବିଦ୍ୟାଳୟର ସୁପରିଚାଳନା ଦିଗରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ମତପ୍ରକାଶ କରିଛନ୍ତି। କର୍ମଶାଳାରେ ୩୬ଟି ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧ୍ୟାପକମାନେ ଯୋଗଦେଇଥିଲେ। କର୍ମଶାଳାରେ ଜାତୀୟ ଶିକ୍ଷା ନୀତି–୨୦୨୦, ମହାବିଦ୍ୟାଳୟର ପ୍ରଶାସନିକ, ବିତ୍ତୀୟ ସୁପରିଚାଳନା ସହିତ ନୂତନ ଶିକ୍ଷାଦାନ ପଦ୍ଧତି, ଦକ୍ଷତା ଆଧାରିତ ମୂଲ୍ୟାଙ୍କନ, ଡିଜିଟାଲ ଲର୍ଣ୍ଣିଂ ଓ ଉଚ୍ଚକୋଟୀର ଗବେଷଣା ଆଦି ବିଭିନ୍ନ ବିଷୟକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟର ରେଜିଷ୍ଟ୍ରାର ଏସ୍. ଆଣ୍ଟୋନି, ଆସୋସିଏଟ୍ ଡିନ୍ ପ୍ରଫେସର ଡ. ଏସ୍.ଏସ୍. ଗଣେଶ ପ୍ରମୁଖ ଉପସ୍ଥିତ ଥିଲେ।



ଦକ୍ଷତା ଏବଂ ନେତୃତ୍ୱ ବିକାଶ କର୍ମଶାଳାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବିଭାଗୀୟ ଅଧିକାରୀ ଓ ଅନ୍ୟ ଅତିଥିମାନେ।





ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଜିକେସିଏମ୍ ଓଡ଼ିଶୀ ଗବେଷଣାକେନ୍ଦ୍ରଠାରେ ଶନିବାର ଉଦ୍‌ଘାଟିତ ୧୩ତମ ଓଡ଼ିଶୀ ରାଗ ମହୋତ୍ସବରେ ଶିଳ୍ପୀମାନେ ସଙ୍ଗୀତ ଗାନ କରୁଛନ୍ତି। (ଫଟୋ– ବିକାଶ ନାୟକ)

# ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

## ବାଲେଶ୍ୱର ପ୍ରଥମ, କେନ୍ଦ୍ରାପଡ଼ା ଦ୍ୱିତୀୟ

ଭୁବନେଶ୍ୱର, ୧।୧୧
(ସୁଚିସ୍ମିତା ସାହୁ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଶୁକ୍ରବାର ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସୁନ୍ଦରଗଡ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କନ୍ଧମାଳ ଏବଂ ବାଲେଶ୍ୱରର ୫ ନାଟ୍ୟ ଦଳ ଭାଗ ନେଇଥିଲେ। ଅତିଥିବ ଭାବେ ଓୟୁଏଟି କୃଷି ବିଭାଗର ଡ. ସବ୍ୟସାଚୀ ବିଶ୍ୱାଳ, ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ଇନଷ୍ଟିଚ୍ୟୁଟର ପ୍ରାଧ୍ୟାପକ ସୁଦର୍ଶନ ପ୍ରସାଦ ନାୟକ ଓ ବିଶିଷ୍ଟ ବୈଜ୍ଞାନିକ ତୃପ୍ତି ଦାଶ ପ୍ରମୁଖ ଯୋଗଦେଇ କୃତୀ ନାଟ୍ୟ ଦଳକୁ ପୁରସ୍କୃତ କରିଥିଲେ। ବାଲେଶ୍ୱର ଜୋନ୍‌ର ଏକ ଦଳ 'ପାରାସିଟାମଲ' ଶୀର୍ଷକରେ ନାଟକ କରି ବିଜେତା ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜୋନ୍ 'ଝିଅ ତୁ ଜଗତଜିତା' ନାଟକ ପରିବେଷଣ କରି ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦୁଇଟି ଦଳ କୋଲକାତାର ବିର୍ଲା ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ସଂଗ୍ରହାଳୟରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ ନାଟ୍ୟ ପ୍ରତିଯୋଗିତାରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବେ।



କେନ୍ଦ୍ରାପଡ଼ା ଜୋନ୍ ପକ୍ଷରୁ ପରିବେଷିତ ନାଟକ 'ଝିଅ ତୁ ଜଗତଜିତା'ର ଏକ ଦୃଶ୍ୟ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
Phone - 0674-2540742, Email - se_ccrw@yahoo.co.in
No.O-1234
No.4945/Date.28.10.2025
"e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road works under Periodical Renewal work of 5 years Completed PMGSY (POST DLP) roads for the year 2025-26 |
| 2. | Total No. of Packages | : | 1 No. of Package |
| 3. | Estimated Cost of the Package | : | Rs.58.83 lakhs |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Seeking clarification of tender | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.34 of 2025 | 01.11.2025 at 11.00 A.M. | 17.11.2025 up to 5.00 P.M. | 14.11.2025 Up to 5.00 P.M. | 18.11.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0017/2526



OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
E_Mail ID: serwcbaripada@gmail.com, Ph. No.-06792-261343/261344, Gangraj, Baripada
Office Order No.4950/Dt.29.10.2025//
1st Corrigendum to National Competitive Bidding e_procurement Notice
No.4738/Road work Dt.15.10.2025 (NCB No.-394)
No.O-1268 : Due to unavoidable circumstances the important dates of tendering process for road works are being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 30.10.2025 at 11.00 A.M. to 18.11.2025 up to 05.00 P.M. | 15.11.2025 at 11.00 A.M. to 04.12.2025 up to 05.00 P.M. |
| 2 | Date & Time of Seeking Tender Clarification if any | 17.11.2025 up to 05.00 P.M. | 03.12.2025 up to 05.00 P.M. |
| 3 | Date & Time of Opening of Technical Bid | 19.11.2025 at 11.00 A.M. | 05.12.2025 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.
Sd./- Er. A.K. Naik
Chief Construction Engineer
R.W. CIRCLE, BARIPADA
OIPR-25130/11/0061/2526



ZILLA SWASTHY SAMITI, GAJAPATI
(Department of Health & FW, Govt. of Odisha)
Advt. No. 8321/DPMU/NHM/2025 Dt. 18.10.25
NOTICE
No. E-: Applications are invited from in-house contractual employee of NHM working in the same post under OSH&FW Society in other districts desiring to be posted in Gajapati district.
**Fresh Candidates need not to apply.**
The interested candidates may log on the website **www.gajapati.odisha.gov.in** for details (Vacancies, terms & conditions and application form etc. Eligible candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to Chief District Medical & Public Health Officer, At/P.O.: Paralakhemundi, Gajapati - 761200 by Regd./Speed Post on or before 31.10.2025 by 05.00 P.M. The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.
OIPR: Sd./- CDM & PHO-cum-DMD, Gajapati



GOVERNMENT OF ODISHA No.O-1137
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
Phone : 06842-253708, E-mail : rw_phulbani@yahoo.co.in
No. 4380 RWDP, Dated the 23.10.2025
Government of Odisha e-Procurement Notice
Bid Identification No. Online Tender/07/SERWD PHULBANI/2025-26
1. Name of the work : Road Work (03 Nos.)
2. Estimated cost : Rs.79.83 Lakhs & 52.10 Lakhs
3. Period of completion : Three Calendar Months
4. Date & Time of availability of Bid documents in the Portal : From 01.11.2025, 10.00 A.M. to 11.11.2025 upto 05.00 P.M.
5. Last Date / Time for receipt of Bids in the Portal : 11.11.2025 upto 5.00 P.M.
6. Name and address of the Officer Inviting Bid : Superintending Engineer, Rural Works Division, Phulbani
Further details can be seen from the e-procurement portal website www.tendersodisha.gov.in
Sd./- Superintending Engineer
Rural Works Division
Phulbani
OIPR-25077/11/0028/2526



GOVT. OF ODISHA
DEPARTMENT OF WATER RESOURCES
O/o THE SUPERINTENDING ENGINEER,
PRACHI DIVISION, BHUBANESWAR - 12
E-mail : prachi.division@yahoo.co.in, eeprachidivision@gmail.com
No. 7661 Dt. 27.10.2025
e-PROCUREMENT NOTICE NO. - SEPRD - 14/2025-26
No.A-799 : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal/V.R Bridge/River embankment) |
| 02. | No. of Works | 33 (Thirty Three) Nos. |
| 03. | Bid Identification No. | SEPRD - 14/2025-26 |
| 04. | Estimated Cost (in Rupees) | Rs.8.00 Lakhs to Rs.50.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 01.11.2025 (10.00 A.M.) to 11.11.2025 (5.30 P.M.) |
| 09. | Date and time of Opening of Tender Documents & online bids | 12.11.2025 at 10.30 P.M. |
| 10. | Date of Lottery (In case of situation arises) | 20.11.2025 at 3.30 P.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.
Sd./-Superintending Engineer
Prachi Division, Bhubaneswar
OIPR-32096/11/0012/2526



GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVSION, JEYPORE
E-mail ID : mijeypore@yahoo.co.in
NOTICE INVITING TENDER
E-Procurement Notice
Bid Identification No. MIDJEY - 07/2025-26
Letter No.1808 Dt.25.10.2025
No.A-789 : The Superintending Engineer, Minor Irrigation Division, Jeypore on behalf of Governor of Odisha invites **Percentage rate** bids in Single/Double Cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in.
1. Name of the work : Construction of Check Dam Under MATY, CAPEX Lining, ERM, MIPSP
2. Total Number of work : 07 (Seven) Nos.
3. Estimated cost : Approximately Rs.8.36 to 75.59 lakhs.
4. Period of completion : 02 (Two), 04 (Four) and 05 (Five) Calendar Months
5. Class of Contractor : "D", "B" and "C" Class Contractor
6. Date and time of availability of bid documents in the portal : From 10.00 A.M. of 06.11.2025 to 5.30 P.M. of 18.11.2025
7. Last date/time for receipt of bids in the portal : 5.30 P.M. on 18.11.2025
8. Date of opening of bid : At 11.00 A.M. on 19.11.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website : www.tendersorissa.gov.in
Sd./- Superintending Engineer
M.I. Division, Jeypore
OIPR-32374/11/0017/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel. No. (06792) 260788, e-Mail ID: mi.mayurbhanj@yahoo.co.in
"e" Procurement Notice
No. 3760 Dated: 27.10.2025
Identification No. S.E.M.I.D. MBJ. No. 13/MID, MBJ/2025-26
No. A-850: The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of works : Civil construction works as mentioned in the website
2. Total No. of Works : 5 Nos.
3. Tender Amount : 56.67 Lakh to 99.65 Lakh (Detail list of works Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 30.10.2025 at 10.00 A.M. to 13.11.2025 upto 5.00 P.M.
7. Last date/time for receipt of Bids in the portal : 13.11.2025 upto 5.00 P.M.
8. Date/Time of Opening of Technical Bid : 14.11.2025 at 11.00 A.M.
9. Name and address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement portal "https://tendersorissa.gov.in".
Sd./- Superintending Engineer
Minor Irrigation Division, Mayurbhanj
OIPR-32041/11/0019/2526

**ନିଃଶୁଳ୍କ ରକ୍ତ ପରୀକ୍ଷା, ମଧୁମେହ ରୋଗର ନିରୂପଣ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ଚକ୍ରତୀର୍ଥ ଦିବ୍ୟଧାମ ଯୋଗାଶ୍ରମ ପରିସରରେ ଅଭିଜ୍ଞ ଡାକ୍ତରମାନଙ୍କ ସହଯୋଗରେ ଏକ ମଧୁମେହ ରୋଗର ନିରୂପଣ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଆଶ୍ରମର ପୂଜ୍ୟ ନିର୍ଭୟ ନନ୍ଦ ଜୀ, ପୂଜ୍ୟ ଅଭେଦା ନନ୍ଦ ଜୀଙ୍କ ଉପସ୍ଥିତିରେ ତ୍ରୁଟିଜ ଲ୍ୟାବ୍ ସହାୟତାରେ ଏହି ଶିବିର ପରିଚାଳନା କରାଯାଇଥିଲା। ଶିବିରରେ ଆଖପାଖ ଅଞ୍ଚଳର ଅଧିବାସୀ ଓ ଆଶ୍ରମ ଅନ୍ତେବାସୀମାନେ ନିଜର ରକ୍ତ ପରୀକ୍ଷା କରାଇବା ସହ ମଧୁମେହ ରୋଗର ନିରାକରଣ ପାଇଁ ଉପଦେଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଡ. ଶ୍ରୀକାନ୍ତ ପଣ୍ଡା, ଡ. ଦେବ ପ୍ରକାଶ ଦାଶ, ଡ. ହରପ୍ରସାଦ ମିଶ୍ର, ଡ. ହୃଦୟ ମହାନ୍ତି ସମସ୍ତଙ୍କୁ ସଚେତନ କରାଇବା ସହ ସତର୍କ ରହିବାକୁ ବୁଝାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୧୧।୨୦୨୫

| | |
|---|---|
| | ୬,୫୯,୫୩୭ ଟଙ୍କା |
| ସୁନା | ୭୫୦ ମିଲିଗ୍ରାମ୍ |
| ରୁପା | ୧୦୯.୫୦୦ ଗ୍ରାମ୍ |

# ଦୁର୍ନୀତି ଏକ ସାମାଜିକ ବ୍ୟାଧି

### ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ

ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସଂସ୍କୃତିଭବନଠାରେ ଜିଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର [illegible] ଆନୁକୂଲ୍ୟରେ ଶନିବାର ଅପରାହ୍ନରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଦୁର୍ନୀତି ଏକ ସାମାଜିକ ବ୍ୟାଧି, ଏହା ବିକାଶକୁ ନଷ୍ଟ କରିବା ସହ ସାମାଜିକ ପ୍ରଗତିକୁ ଛତି ପହଞ୍ଚାଇଥାଏ। ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକିପାରିବ ନାହିଁ। ଏହାର ପ୍ରତିହତ ପାଇଁ ସମସ୍ତଙ୍କ ଉଦ୍ୟମ ଜରୁରୀ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୁଷ୍ଟି ଦୁର୍ନୀତି ନିବାରଣ ପାଇଁ ସମସ୍ତେ ସଚେତନ ହେବା ସହ ସତର୍କ ରହିବା ଉଚିତ ବୋଲି କହିଥିଲେ। ବିଶିଷ୍ଟ ବକ୍ତା ଭାବେ ଦୁର୍ନୀତି ନିବାରଣ ବିଭାଗର ଆଇନ ପରାମର୍ଶଦାତା ସତ୍ୟବାଦୀ ଦାସ ଓ ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଦୁର୍ନୀତି ବିକାଶର ମୁଖ୍ୟ ପ୍ରତିବନ୍ଧକ ବୋଲି କହିବା ସହ ପ୍ରତ୍ୟେକେ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ, ଆତ୍ମ ସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇପାରିବ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ଅଧିକାରୀ, କର୍ମଚାରୀ, ଖବରଦାତା, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପୁରୀ ଜିଲା ଦୁର୍ନୀତି ନିବାରଣ ଶାଖାର ଉପଆରକ୍ଷୀ ଅଧୀକ୍ଷକ ସୋମନାଥ ବାରିକ ଧନ୍ୟବାଦ ଦେଇଥିଲେ।

## ଅଁଳାନବମୀ କାର୍ଯ୍ୟକ୍ରମ ଟିଭିରେ ଦେଖିଲେ ହବିଷିଆଳି

ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷ ସାକ୍ଷୀଗୋପାଳ ମନ୍ଦିରରେ ହେଉଥିବା ଅଁଳାନବମୀ କାର୍ଯ୍ୟକ୍ରମକୁ ହଜାର ହଜାର ହବିଷିଆଳି ମା' ଦେଖିଛନ୍ତି। କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ଉଦ୍ଘାଟକ ଭାବେ ଯୋଗଦେବା ସହ ହବିଷିଆଳି ମା'ମାନଙ୍କୁ ଚଳିତ ବର୍ଷ ଅଁଳାନବମୀ ଦର୍ଶନର ସୁବିଧା କରାଯିବ ବୋଲି ଘୋଷଣା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମଧ୍ୟ ମା'ମାନଙ୍କୁ ଶୁଭେଚ୍ଛା ଓ ମା'ମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମ ଦେଖାଇବାର ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଅଁଳାନବମୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀଗୋପୀନାଥଙ୍କ ସହ ଶ୍ରୀରାଧାରାଣୀଙ୍କ ଦର୍ଶନ ହଜାର ହଜାର ଶ୍ରଦ୍ଧାଳୁ କରିଥାନ୍ତି। ସାକ୍ଷୀଗୋପାଳ ନିକଟ ପୁରୀର ବିଭିନ୍ନ କେନ୍ଦ୍ରରେ ହବିଷିଆଳି ମା'ମାନେ ରହୁଥିବାରୁ ସେମାନେ ଅଁଳାନବମୀ ଦର୍ଶନ ପାଇଁ ଅନୁରୋଧ କରୁଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହାର କାର୍ଯ୍ୟକାରିତା ପାଇଁ ବିଭାଗୀୟ ଅଧିକାରୀଙ୍କ ପରାମର୍ଶ ଦେଇଥିଲେ। ମା'ମାନଙ୍କ ଖୁସି ହିଁ ସର୍ବୋତ୍ତମ। ଏହାକୁ ପ୍ରାଥମିକତା ଦେଇ ଅଁଳାନବମୀର ସିଧା ପ୍ରସାରଣ ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହି ଆଧାରରେ ଅଁଳାନବମୀ ତିଥିରେ ଅଁଳା ବୃକ୍ଷ ପୂଜନ, ଅନ୍ୟାନ୍ୟ ପୂଜାର୍ଚ୍ଚନା, ଭକ୍ତମାନଙ୍କ ମନ୍ଦିର ପ୍ରବେଶର ଦୃଶ୍ୟ ଇତ୍ୟାଦିକୁ ସ୍ୱତନ୍ତ୍ର କ୍ୟାମେରା ମାଧ୍ୟମରେ ମନ୍ଦିର ବାହାରୁ ରେକର୍ଡିଂ କରି ପ୍ରଦର୍ଶିତ ହୋଇଥିଲା। ଅଁଳାନବମୀର ଐତିହ୍ୟ, ଆଧ୍ୟାତ୍ମିକ ତଥ୍ୟ, ଭାବଧାରା ଇତ୍ୟାଦିକୁ ମଧ୍ୟ ପ୍ରବଚନ ମାଧ୍ୟମରେ ପରିବେଷଣ କରାଯାଇଥିଲା।

### ସଂକ୍ଷେପରେ

## ମଠ ମହନ୍ତଙ୍କ ପରଲୋକ

ଯୋଗେଶ୍ୱରପୁର,୧।୧୧(ରଶ୍ମି ରଞ୍ଜନ ସାହୁ)

ପୁରୀ ଜିଲା ଅନ୍ତର୍ଗତ ନୂଆହାଟ ମଧୁବନ ଗ୍ରାମର ମହନ୍ତ ବିବେକାନନ୍ଦ ସାହୁଙ୍କ ଶନିବାର ପରଲୋକ ଘଟିଛି। ସେ ଦୀର୍ଘ ୨୦ବର୍ଷ ଧରି ସନ୍ନ୍ୟାସୀ ବ୍ରତ ଧାରଣ କରି ନିକଟସ୍ଥ ପ୍ରାଚୀ ଗୁରୁଧର୍ମ କ୍ଷେତ୍ର ନୂଆ ମଠର ମହନ୍ତ ବିବେକାନନ୍ଦ ମହାରାଜ ଭାବରେ ଅବସ୍ଥାନ କରୁଥିଲେ। କିନ୍ତୁ ଗତ କିଛିଦିନ ହେବ ନିଆଳିର ମଧୁବାବା ଆଶ୍ରମକୁ ମହନ୍ତ ହୋଇଯାଇଥିଲେ। ହେଲେ ଶନିବାର ସକାଳ ପ୍ରାୟ ୯ଟାରେ ମହାରାଜ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ବିୟୋଗ ଖବର ଶୁଣି ଶହ ଶହ ଲୋକ ମଠ ପରିସରରେ ରୁଣ୍ଡ ହେବା ଫଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲେ। ଶେଷରେ ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ମଠର ନିୟମ ଅନୁସାରେ ମଠ ପରିସରରେ ସମାଧି ଦିଆଯାଇଥିଲା।

## କାର୍ତ୍ତିକ ଶେଷ ଶନିବାରେ ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କୋଣାର୍କ,୧।୧୧(ଜ୍ୟୋତିରାଜ ମହାନ୍ତି)

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ନବଗ୍ରହ ପୀଠରେ କାର୍ତ୍ତିକ ମାସ ଶେଷ ଶନିବାର ଅବସରରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସି କୋଣାର୍କସ୍ଥିତ ନବଗ୍ରହ ପୀଠରେ ପରିବାରର ରିଷ୍ଟ ଖଣ୍ଡନ ନିମନ୍ତେ ଶନିଦେବଙ୍କ ସମେତ ନବଗ୍ରହଙ୍କୁ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ କରିଥିଲେ। ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କଲେ ଦୀର୍ଘଦିନ ଧରି ପରିବାରରେ ଲାଗିରହିଥିବା ଅଶାନ୍ତି ଦୂରୀଭୂତ ହେବା ସହ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ଶେଷ ଶନିବାର ଉପଲକ୍ଷେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'ଏଇ ଆମ ସଖି'ର ଦୃଶ୍ୟ।

## କାର୍ଯ୍ୟରତ ଗୃହରକ୍ଷୀଙ୍କ ଅକାଳ ବିୟୋଗ

ଅସ୍ତରଙ୍ଗ,୧।୧୧ (ମମତା ଜେନା)

ପୁରୀ ଜିଲା କାକଟପୁର ଥାନା ଅଧୀନ ବାଉରି ପୋଖରୀ ଗ୍ରାମର ଅଭୟ କାଣ୍ଡି (୪୨)ଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ସେ ଅସ୍ତରଙ୍ଗ ଥାନାରେ ଗୃହରକ୍ଷୀ ଭାବେ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ଅଭୟ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳେ ସରକାରଙ୍କ ପକ୍ଷରୁ ପରିବାରକୁ ସହାୟତା ଯୋଗାଇ ଦେବାକୁ ତାଙ୍କ ବିଧବା ପତ୍ନୀ ସବିତା କାଣ୍ଡି ଅନୁରୋଧ କରିଛନ୍ତି। ଅଭୟଙ୍କ ମୃତଦେହକୁ କାକଟପୁରସ୍ଥିତ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରୁଦ୍ରପ୍ରକାଶ ମୁଖାଗ୍ନି ଦେଇଥିଲେ। ଥାନା ଆଇଆଇସି ଦୁର୍ଗାପ୍ରସାଦ ମହାପାତ୍ର ସ୍ୱର୍ଗତ ଅଭୟଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଥିବା ବେଳେ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ପରିବାରକୁ ସରକାରୀ ସହାୟତା ପାଇଁ ସେ ସରକାରଙ୍କ ନିକଟରେ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି।

## ଅଭିନବ ଉପାୟରେ ବିଦ୍ୟାଳୟରେ ଛାୟା ବିଧାନସଭା

କାକଟପୁର/ଅସ୍ତରଙ୍ଗ,୧।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା କାକଟପୁର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ୍ଶ୍ରୀ କାକଟପୁର ସରକାରୀ ଉଚ୍ଚବିଦ୍ୟାଳୟରେ ଅଭିନବ ଉପାୟରେ ବିଦ୍ୟାଳୟରେ ଛାୟା ବିଧାନସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ସମସ୍ୟା ସମ୍ପର୍କିତ ବିରୋଧୀ ଓ ସରକାରଙ୍କ ରଣନୀତି ଉପସ୍ଥାପନା କରାଯାଇଥିଲା। ବିଧାନସଭା କେଉଁଭଳି ଭାବରେ ପରିଚାଳନା କରାଯାଏ ତାହାକୁ ପିଲାମାନଙ୍କ ମଧ୍ୟରେ ଶିକ୍ଷା ଦେବା ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଛାତ୍ର ବିଧାନସଭା ଶୀତକାଳୀନ ଅଧିବେଶନ ନିମନ୍ତେ ବିଧାନସଭା ସଦସ୍ୟ ଗଠନ କରାଯାଇଥିଲା। ଛାତ୍ର ବିଧାନସଭା ଶୀତକାଳୀନ ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ବିଧାନସଭା କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ଗୃହରେ ଦିବଂଗତଙ୍କ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ପରିସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଶ୍ରମ ଓ ରାଜ୍ୟ ବୀମା ବିଭାଗର ପ୍ରଶ୍ନକାଳ ରହିଥିଲା। ଆଲୋଚନା ସମୟରେ କିଛି ସମୟ ପାଇଁ ଗୃହକୁ ମୁଲତବୀ ରଖାଯାଇଥିଲା। ଅର୍ଥମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ ଆଗତ କରିଥିଲେ। ଅନ୍ୟ ପଟେ ଶୀତକାଳୀନ ଅଧିବେଶନରେ ବିରୋଧୀ ଦଳ ସରକାରଙ୍କୁ ଘେରିବା ସହ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଶାସକ ଦଳ ବିରୋଧୀଙ୍କୁ ମୁକାବିଲା କରି କାଉଣ୍ଟର ରଣନୀତି କରିଥିଲେ। ଅଭିନୟ ମାଧ୍ୟମରେ ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ଶେଷରେ ସବୁ ଦଳର ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟାପକ ଅମିୟ ରଞ୍ଜନ ପରିଡା, ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ସୁ ସାହିତ୍ୟିକ ପ୍ରତାପ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ବିଧାନସଭା ସମ୍ପର୍କିତ ଜ୍ଞାନ ନିଜ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ। ସଭା ପରିଶେଷରେ ଅଭିନୟ କରୁଥିବା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ସହ ୪ଜଣ କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସତ୍ୟ ନାରାୟଣ ସେଠୀ, ଶିକ୍ଷୟିତ୍ରୀ ସରୋଜିନୀ ହାସଦା, କାବେରୀ ସେଠୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ପଞ୍ଚମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୋଣାର୍କ,୧।୧୧(ଜ୍ୟୋତିରାଜ ମହାନ୍ତି)

ଗୋପ ବ୍ଲକ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଆମ୍ବିଳିଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପଞ୍ଚମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ସିଆରସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରପ୍ରାପ୍ତ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ଅତିଥି ରୂପେ ଯୋଗଦେଇ ମଧ୍ୟାହ୍ନ ଭୋଜନ, ସ୍ୱଚ୍ଛତା ଓ ଛାତ୍ରୀଛାତ୍ରୀଙ୍କ ୟୁଡାଇସ ଅପଡେଟ୍ ସମ୍ପର୍କରେ ଆଲୋଚନା କରିଥିଲେ। ୨ଟି ଅଧିବେଶନରେ ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷଣ ସମ୍ପର୍କିତ ବହୁଶ୍ରେଣୀ ପରିଚାଳନା, ଶିକ୍ଷଣ ସୋପାନ ରେଜିଷ୍ଟର ଆଧାରିତ ଜିଲାଭିତ୍ତିକ ଶୈକ୍ଷିକ ଆଲୋଚନା, ନିପୁଣ ବିଦ୍ୟାଳୟ ଏବଂ ଛାତ୍ର ଓ ଶିକ୍ଷକ ଉପସ୍ଥାନ ମାର୍ଗଦର୍ଶିକା ପ୍ରସଙ୍ଗ ଉପରେ ସିଆର୍ସିସି ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ପ୍ରଧାନଶିକ୍ଷକ ଓ ଏଫ୍ଏଲ୍ଏନ୍ ଶିକ୍ଷକ ୪ଟି ଦଳରେ ବିଭାଜିତ ହୋଇ ଶିକ୍ଷଣରେ ବହୁଶ୍ରେଣୀ ପରିଚାଳନା ସମ୍ପର୍କିତ ଶିକ୍ଷଣ ଯୋଜନା ପ୍ରସ୍ତୁତି ଓ ଉପସ୍ଥାପନା କରିଥିଲେ। ଆମ୍ବିଳିଗାଁ ୟୁଜିୟୁପିଏସ୍ର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, ସହକାରୀ ଶିକ୍ଷକ ଗୋବିନ୍ଦ ଛାଟୋଇ, ଶିକ୍ଷୟିତ୍ରୀ ମୋନାଲିସା ପ୍ରଧାନ ଓ ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ କୁମାର ପଣ୍ଡା ବୈଠକ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। କ୍ଲଷ୍ଟରରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ମାଟିଆପଡ଼ା ନୋଡାଲ୍ ୟୁପିଏସ୍ର ସ୍ନାତକ ଶିକ୍ଷକ ନିରଞ୍ଜନ ଦାସ ଓ ଶିରିପୁର ପିୟୁପିଏସ୍ର ସହକାରୀ ଶିକ୍ଷୟିତ୍ରୀ ପିଙ୍କି ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL RURAL WORKS CIRCLE, BHUBANESWAR
Phone - 0674-2540742, Email - se_ccrw@yahoo.co.in
No.O-1234
No.4945/Date.28.10.2025
"e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road works under Periodical Renewal work of 5 years Completed PMGSY (POST DLP) roads for the year 2025-26 |
| 2. | Total No. of Packages | : | 1 No. of Package |
| 3. | Estimated Cost of the Package | : | Rs.58.83 lakhs |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Seeking clarification of tender | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.34 of 2025 | 01.11.2025 at 11.00 A.M. | 17.11.2025 up to 5.00 P.M. | 14.11.2025 Up to 5.00 P.M. | 18.11.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0017/2526

## କାଟିବା ପୂର୍ବରୁ ଶୋଇଲା ପାଚିଲା ଧାନ

ପିପିଲି,୧।୧୧(ଦୁର୍ଗା ମାଧବ ମିଶ୍ର)

ବାତ୍ୟା ମୋନ୍ଥାର ଭୟ ଟଳିଯାଇଛି ସତ, ହେଲେ ପ୍ରବଳ ବର୍ଷା ଯୋଗୁ ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ଅଧିକାଂଶ ଜମିରେ ପାଚିଲା ଧାନ ଗଛଗୁଡ଼ିକ ଶୋଇଯାଇଛି। ପାଚିଲା ଧାନ ଗଛ ପାଣିରେ ବୁଡ଼ିଗଲେ ପାଚିଲା ଧାନ ସବୁ ଗଜା ହୋଇ ପଚି ନଷ୍ଟ ହୋଇଯିବାର ସମ୍ଭାବନା ଅଧିକରୁ ଅଧିକ ଦେଖାଯାଉଥିବାରୁ ଚାଷୀଙ୍କ ମନରେ ଛନକା ପଶିଛି। ଅନେକ ଚାଷୀ ଧାନ ଅମଳ ଉପରୁ ଭରସା ତୁଟେଇ ଦେଲେଣି। ବାତ୍ୟା ମୋନ୍ଥାର ପ୍ରଭାବ ଯୋଗୁ ୨ଦିନ ଲଗାଣ ବର୍ଷା ଏକପ୍ରକାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ପ୍ରତିବର୍ଷ ଏହି ସମସ୍ୟା ଦେଖାଦେଉଥିଲା ବେଳେ ଚାଷୀ ସବୁବେଳେ କ୍ଷତି ସହୁଛି। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ଜାରି ହେଉନି କି କୃଷି ଅଧିକାରୀଙ୍କର କୃଷକଙ୍କ ପ୍ରତି ଆନ୍ତରିକତା ରହୁନି। ବର୍ଷା ଏବେ ଛାଡ଼ିଗଲାଣି କିନ୍ତୁ ନା ପଞ୍ଚାୟତ କ୍ଷେତ୍ରାଧିକାରୀ, ନା ବ୍ଲକ କ୍ଷେତ୍ରାଧିକାରୀ, ନା ଜିଲା କ୍ଷେତ୍ରାଧିକାରୀ କେହି ଏପର୍ଯ୍ୟନ୍ତ ଚାଷୀଙ୍କ କ୍ଷେତ ଅନୁଧ୍ୟାନ କରିବାକୁ ଆସି ନ ଥିବାରୁ ଚାଷୀ ଏବେ ବିଲର ହିଡ଼ମୁଣ୍ଡରେ ମନ ଦୁଃଖରେ ବସି ରହିଛି। ଏଣୁ ଜିଲା ପ୍ରଶାସନ ପକ୍ଷରୁ ଚାଷୀଙ୍କର କ୍ଷୟକ୍ଷତି ଆକଳନ କରି ଯଥାଶୀଘ୍ର ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ସାଇବର ଅପରାଧ ସୁରକ୍ଷା ସଚେତନତା ଶିବିର

ଡେଲାଙ୍ଗ, ୧।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ପୋଲିସ ପକ୍ଷରୁ ଷ୍ଟେସନ ବଜାର ସନ୍ନିକଟ ରାଧାକାନ୍ତ ଉଚ୍ଚ ବିଦ୍ୟାପୀଠ ପରିସରରେ ସାଇବର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ନିରୀକ୍ଷକ ଶ୍ୟାମଘନ ବାରିକ ଶିବିରକୁ ଉଦ୍ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ରାଧାକାନ୍ତ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଜୟ କୁମାର ଭୋଇ, ମହତାବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ମଲ୍ଲିକ, ଅଭୟମୁଖୀ ସର୍ବପଲ୍ଲୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧ୍ରୁବଚରଣ ବରାଳ, ଆଙ୍କୋଇ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ କଳିଙ୍ଗ କେଶରୀ ମହାପାତ୍ର, ଡେଲାଙ୍ଗ ଥାନା ଉପନିରୀକ୍ଷକ ଶୁଭଶ୍ରୀ ନନ୍ଦ, ସାଇବର ସୁରକ୍ଷା ତାଲିମ୍ଦାତା ପୋଲିସ କର୍ମଚାରୀ ଶାନ୍ତନୁ କୁମାର ପଣ୍ଡା ପ୍ରମୁଖ ସାଇବର ଅପରାଧୀଙ୍କ ବିଭିନ୍ନ କୌଶଳ ସମ୍ପର୍କରେ ବୁଝାଇଥିଲେ। ବିଭିନ୍ନ ପ୍ରଲୋଭନ ଦେଖାଇବା ଆଳରେ ସାଇବର ଲୁଟେରା ଲୋକଙ୍କୁ ଲୁଟୁଥିବା ବେଳେ ସେଥିରୁ କିପରି ରକ୍ଷା ପାଇବା ସେ ନେଇ ସଚେତନ କରାଯାଇଥିଲା।

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
E_Mail ID: serwcbaripada@gmail.com, Ph. No.-06792-261343/261344, Gangraj, Baripada
Office Order No.4950/Dt.29.10.2025//
1st Corrigendum to National Competitive Bidding e_procurement Notice
No.4738/Road work Dt.15.10.2025 (NCB No.-394)
No.O-1268 : Due to unavoidable circumstances the important dates of tendering process for road works are being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 30.10.2025 at 11.00 A.M. to 18.11.2025 up to 05.00 P.M. | 15.11.2025 at 11.00 A.M. to 04.12.2025 up to 05.00 P.M. |
| 2 | Date & Time of Seeking Tender Clarification if any | 17.11.2025 up to 05.00 P.M. | 03.12.2025 up to 05.00 P.M. |
| 3 | Date & Time of Opening of Technical Bid | 19.11.2025 at 11.00 A.M. | 05.12.2025 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.
Sd./- Er. A.K. Naik
Chief Construction Engineer
R.W. CIRCLE, BARIPADA
OIPR-25130/11/0061/2526

GOVT. OF ODISHA
DEPARTMENT OF WATER RESOURCES
O/o THE SUPERINTENDING ENGINEER,
PRACHI DIVISION, BHUBANESWAR - 12
E-mail : prachi.division@yahoo.co.in, eeprachidivision@gmail.com
No. 7661 Dt. 27.10.2025
e-PROCUREMENT NOTICE NO. - SEPRD - 14/2025-26
No.A-799 : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal/V.R Bridge/River embankment) |
| 02. | No. of Works | 33 (Thirty Three) Nos. |
| 03. | Bid Identification No. | SEPRD - 14/2025-26 |
| 04. | Estimated Cost (in Rupees) | Rs.8.00 Lakhs to Rs.50.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 01.11.2025 (10.00 A.M.) to 11.11.2025 (5.30 P.M.) |
| 09. | Date and time of Opening of Tender Documents & online bids | 12.11.2025 at 10.30 P.M. |
| 10. | Date of Lottery (In case of situation arises) | 20.11.2025 at 3.30 P.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.
Sd./-Superintending Engineer
Prachi Division, Bhubaneswar
OIPR-32096/11/0012/2526

ZILLA SWASTHY SAMITI, GAJAPATI
(Department of Health & FW, Govt. of Odisha)
Advt. No. 8321/DPMU/NHM/2025 Dt. 18.10.25
NOTICE
No. E-: Applications are invited from in-house contractual employee of NHM working in the same post under OSH&FW Society in other districts desiring to be posted in Gajapati district.
**Fresh Candidates need not to apply.**
The interested candidates may log on the website **www.gajapati.odisha.gov.in** for details (Vacancies, terms & conditions and application form etc. Eligible candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to Chief District Medical & Public Health Officer, At/P.O.: Paralakhemundi, Gajapati - 761200 by Regd./Speed Post on or before 31.10.2025 by 05.00 P.M. The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.
OIPR: Sd./- CDM & PHO-cum-DMD, Gajapati

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVSION, JEYPORE
E-mail ID : mijeypore@yahoo.co.in
NOTICE INVITING TENDER
E-Procurement Notice
Bid Identification No. MIDJEY - 07/2025-26
Letter No.1808 Dt.25.10.2025
No.A-789 : The Superintending Engineer, Minor Irrigation Division, Jeypore on behalf of Governor of Odisha invites **Percentage rate** bids in Single/Double Cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in.
1. Name of the work : Construction of Check Dam Under MATY, CAPEX Lining, ERM, MIPSP
2. Total Number of work : 07 (Seven) Nos.
3. Estimated cost : Approximately Rs.8.36 to 75.59 lakhs.
4. Period of completion : 02 (Two), 04 (Four) and 05 (Five) Calendar Months
5. Class of Contractor : "D", "B" and "C" Class Contractor
6. Date and time of availability of bid documents in the portal : From 10.00 A.M. of 06.11.2025 to 5.30 P.M. of 18.11.2025
7. Last date/time for receipt of bids in the portal : 5.30 P.M. on 18.11.2025
8. Date of opening of bid : At 11.00 A.M. on 19.11.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website : www.tendersorissa.gov.in
Sd./- Superintending Engineer
M.I. Division, Jeypore
OIPR-32374/11/0017/2526

GOVERNMENT OF ODISHA No.O-1137
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
Phone : 06842-253708, E-mail : rw_phulbani@yahoo.co.in
No. 4380 RWDP, Dated the 23.10.2025
Government of Odisha e-Procurement Notice
Bid Identification No. Online Tender/07/SERWD PHULBANI/2025-26
1. Name of the work : Road Work (03 Nos.)
2. Estimated cost : Rs.79.83 Lakhs & 52.10 Lakhs
3. Period of completion : Three Calendar Months
4. Date & Time of availability of Bid documents in the Portal : From 01.11.2025, 10.00 A.M. to 11.11.2025 upto 05.00 P.M.
5. Last Date / Time for receipt of Bids in the Portal : 11.11.2025 upto 5.00 P.M.
6. Name and address of the Officer Inviting Bid : Superintending Engineer, Rural Works Division, Phulbani
Further details can be seen from the e-procurement portal website www.tendersodisha.gov.in
Sd./- Superintending Engineer
Rural Works Division
Phulbani
OIPR-25077/11/0028/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel. No. (06792) 260788, e-Mail ID: mi.mayurbhanj@yahoo.co.in
"e" Procurement Notice
No. 3760 Dated: 27.10.2025
Identification No. S.E.M.I.D. MBJ. No. 13/MID, MBJ/2025-26
No. A-850: The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of works : Civil construction works as mentioned in the website
2. Total No. of Works : 5 Nos.
3. Tender Amount : 56.67 Lakh to 99.65 Lakh (Detail list of works Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 30.10.2025 at 10.00 A.M. to 13.11.2025 upto 5.00 P.M.
7. Last date/time for receipt of Bids in the portal : 13.11.2025 upto 5.00 P.M.
8. Date/Time of Opening of Technical Bid : 14.11.2025 at 11.00 A.M.
9. Name and address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement portal **"https://tendersorissa.gov.in"**.
Sd./- Superintending Engineer
Minor Irrigation Division, Mayurbhanj
OIPR-32041/11/0019/2526

**ଏସ୍‌ସିବିରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ଏସ୍‌ସିବି ମେଡ଼ିକାଲରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ଜଣକ ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳର ରଶ୍ମି ରଞ୍ଜନ ସାମଲ (୧୮)। ରଶ୍ମି ଥାଲାସେମିଆ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ହେବାରୁ ତାଙ୍କୁ ଏସ୍‌ସିବିର ହେମାଟୋଲୋଜି ବିଭାଗରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ରଶ୍ମିଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କ ବାପା ଡାକ୍ତରଙ୍କୁ ଡାକିଥିଲେ। ହେଲେ ଜଣେ ସେବିକା ଆସି ଅକ୍ସିଜେନ ଲଗାଇ ଦେଇ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ରଶ୍ମିଙ୍କ ମୃତ୍ୟୁ ଘଟିଥିଲା। ଠିକ୍ ସମୟରେ ଡାକ୍ତର ନ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିବା ରଶ୍ମିଙ୍କ ବାପା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସାମୁଦ୍ରିକ ଐତିହ୍ୟର ବାର୍ତ୍ତା ଦେବ ପ୍ରଜ୍ଞାପନ ମେଢ଼

କଟକ,୧।୧୧(ଶିକ୍ଷା ପ୍ରିୟଦର୍ଶିନୀ)

ଐତିହାସିକ ବାଲିଯାତ୍ରା କଟକ ୨୦୨୫ର ପ୍ରଚାର ପ୍ରସାର ପାଇଁ ବାଲିଯାତ୍ରା ଗାଥା ସମ୍ବଳିତ ଏକ ପ୍ରଜ୍ଞାପନ ମେଢ଼ର ଶୁଭାରମ୍ଭ ଶନିବାର ହୋଇଛି। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ଶିନ୍ଦେ କହିଛନ୍ତି, ଏହି ପ୍ରଜ୍ଞାପନ ମେଢ଼ ଡିଜିଟାଲ ନିମନ୍ତ୍ରଣ ବାଣ୍ଟିବ। କଟକ ସମେତ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଆଦି ୧୦ଟି ଜିଲ୍ଲା ପରିକ୍ରମା କରିବ। ଏହି ପ୍ରଜ୍ଞାପନ ମେଢ଼ କଟକ ଜିଲ୍ଲା ଓ ବିଶେଷ କରି ରାଜ୍ୟର ସାମୁଦ୍ରିକ ଐତିହ୍ୟର ବାର୍ତ୍ତା ପ୍ରଚାର କରିବ। ବାଲିଯାତ୍ରା ତଳପଡିଆରେ ବର୍ଷା ଯୋଗୁ କାଦୁଅ ଠିକ୍ ଭାବେ ଶୁଖି ନ ଥିବାବେଳେ ଶୁକ୍ରବାର ପାଗ କାଙ୍କିଆ ରହିବାରୁ ବର୍ଷା ନେଇ ମନରେ ଭୟ ସୃଷ୍ଟି ହୋଇଥିଲା। ପଡ଼ିଆର ସମଗ୍ର ସ୍ଥାନକୁ ସମତୁଲ କରାଯାଉଛି। ଏହାସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ପଡ଼ିଆରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଜାରି ରହିଛି। ଅନେକ ପଡ଼ିଆରେ ଦୋକାନ ବ୍ୟବସାୟୀମାନେ ଆସି ଦୋକାନ ଖଞ୍ଜିବା ଆରମ୍ଭ କରିଛନ୍ତି। ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଉପଲକ୍ଷେ ରବିବାର ବାରବାଟୀ ଦୁର୍ଗ ନିକଟରେ ପଥଉତ୍ସବ ଆୟୋଜନ ହେବ।



ବାଲିଯାତ୍ରା ଉପଲକ୍ଷେ ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ ଶୁଭାରମ୍ଭ ଅବସରରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟ ଅତିଥି।

## ଆମ ଐତିହାସିକ ବାଲିଯାତ୍ରା ଅଡିଓ ରିଲିଜ୍

ଐତିହାସିକ ବାଲିଯାତ୍ରା କଟକ ୨୦୨୫ ନିମନ୍ତେ ଆମ ଐତିହାସିକ ବାଲିଯାତ୍ରା ଅଡିଓ ରିଲିଜ୍ ଶନିବାର ହୋଇଛି। ଓଡ଼ିଶାର ପୁରାତନ ବାଣିଜ୍ୟ, ଐତିହ୍ୟ ଓ ସାମୁଦ୍ରିକ ଗୌରବ ଏହି ଅଡ଼ିଓରେ ସ୍ଥାନିତ ହୋଇଛି। ବିକାଶ ଶୁକ୍ଳା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ପୋଲିସ ଏସପି କୃଷ୍ଣଚନ୍ଦ୍ର ସେଠୀ ଗୀତ ରଚନା କରିଛନ୍ତି। ଏଥିରେ ଏସପି ସତ୍ୟଜିତ ଦାସ, କୃଷ୍ଣଚନ୍ଦ୍ର ସେଠୀ, ବିଷ୍ଣୁ ମୋହନ କବି ଓ ସୌଜନ୍ୟା ରଥ କଣ୍ଠଦାନ କରିଛନ୍ତି।

■ କଟକ ସମେତ ୧୦ ଜିଲ୍ଲା ପରିକ୍ରମା କରିବ
■ ଡିଜିଟାଲ ନିମନ୍ତ୍ରଣ ବାଣ୍ଟିବ ପ୍ରଜ୍ଞାପନ ମେଢ଼

## ରାତି ୧୧ଟା ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ

ନଭେମ୍ବର ୫ (ବୁଧବାର)ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆୟୋଜନ ହେବ। ଉପର ଓ ତଳ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ହେଉଥିବା ଏହି ବାଣିଜ୍ୟିକ ଏବଂ ସାଂସ୍କୃତିକ ମହୋତ୍ସବରେ ପ୍ରତିବର୍ଷ ଲକ୍ଷାଧିକ ଦର୍ଶକଙ୍କ ସମାଗମ ହୋଇଥାଏ। ଏହି ଅବସରରେ ଚଳିତବର୍ଷ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚ ଏବଂ କଟକ ଇନ୍ କଟକ ପରିସରରେ ଥିବା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ବିଭିନ୍ନ ଦେଶ, ରାଜ୍ୟ ଓ ରାଜ୍ୟ ବାହାରୁ ଏବଂ ବିଭିନ୍ନ ସାଂସ୍କୃତିକ ଦଳ ଓ ପ୍ରତିଷ୍ଠିତ କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିବେ। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଶବ୍ଦ ପ୍ରଦୂଷଣ (ନିୟନ୍ତ୍ରଣ) ନିୟମ, ୨୦୦୦ର ଧାରା ୫(୩) ଅନୁଯାୟୀ ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନଭେମ୍ବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ରାତି ୧୧ଟା ପର୍ଯ୍ୟନ୍ତ ଲାଉଡସ୍ପିକର/ସାଉଣ୍ଡ ସିଷ୍ଟମ ବ୍ୟବହାର କରିବାକୁ ଆବଶ୍ୟକ ଅନୁମତି ପ୍ରଦାନ କରିଥିବା ସୂଚନା ମିଳିଛି।

## ଗେରୁଆ ରଙ୍ଗରେ ବୋଇତ ଗେଟ୍

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ପାଇଁ ବାଲିଯାତ୍ରାର ମୁଖ୍ୟ ଫାଟକ ବା ବୋଇତ ଗେଟ୍‌ରେ କାମ କରାଯାଉଛି। ବୋଇତ ଗେଟ୍‌କୁ ମରାମତି କରାଯିବ ସହ ରଙ୍ଗରେ ରଙ୍ଗିନ କରାଯାଉଛି। ମୁଖ୍ୟତଃ ଗେଟ୍‌କୁ ଗାଢ଼ ହଳଦିଆ ଓ ବିଶେଷ କରି ଗେରୁଆ ରଙ୍ଗରେ ରଙ୍ଗିନ କରାଯାଉଛି। ପ୍ରତ୍ୟେକ ବର୍ଷ ଗେଟ୍ ଗୋଟିଏ ରଙ୍ଗର ହେଉଥିବାବେଳେ ଚଳିତବର୍ଷ ରଙ୍ଗରେ ପରିବର୍ତ୍ତନ କରାଯାଉଛି।

## ଗୋଟିଏ ଦିନ ବଢ଼ିପାରେ ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବା କୁହାଯାଉଛି। ବିଧିବଦ୍ଧ ଭାବେ ଏହା ୧୨ ତାରିଖ ଯାଏଁ ଜାରି ରହିବ। ହେଲେ ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ୍ୟ ବାଲିଯାତ୍ରାକୁ ଆଉ ଗୋଟିଏ ଦିନ ବଢ଼ାଯିବ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଏହାର ବିଧିବଦ୍ଧ ଭାବେ ଘୋଷଣା କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

# ନିଜକୁ ସମର୍ପିତ କଲେ ଅଖଣ୍ଡ ଭାରତ ସୁଦୃଢ଼ ହେବ

ଫୁଲନଖରା,୧।୧୧(ସତ୍ୟ ରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଜୟର ଶାସନସ୍ଥିତ ହାଇସ୍କୁଲଠାରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଟକ ଭୁବନେଶ୍ୱର କମିଶନରେଟ ପୋଲିସ ପାହାଳ ଥାନା ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଛାତ୍ରୀଛାତ୍ରମାନେ ବ୍ୟାନର ଓ ପୋଷ୍ଟର ଧରି ବିଦ୍ୟାଳୟରୁ ବାହାରି ପଞ୍ଚବଟୀ ବଜାର ପର୍ଯ୍ୟନ୍ତ ରାଲି କରି ଦେଶର ଏକତା ପାଇଁ ସ୍ଲୋଗାନ ଦେଇଥିଲେ। ଏହାପରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନା ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ନିଜକୁ ସମର୍ପିତ କଲେ ଅଖଣ୍ଡ ଭାରତ ସୁଦୃଢ଼ ହେବ। ଅନ୍ୟମାନଙ୍କ ମଧ୍ୟରେ ପାହାଳ ଥାନା ଇନ୍ସପେକ୍ଟର ବିଭୂତି ଭୂଷଣ ମୁଦୁଲି, ସନାତନ ପରିଜା, ଅମିତ କୁମାର ପରିଜା, ଚିନ୍ମୟ ମହାରଣା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତଶୀ ମିଶ୍ର, ପୀତବାସ ଦାଶ, ଗୁରୁ ପ୍ରସାଦ ମହାପାତ୍ର ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଯୋଗଦେଇଥିଲେ। ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ସାଇ ସମୀକ୍ଷା ସାହୁ, ଅଭିଲିପ୍ସା ପଣ୍ଡା ଓ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଭବାନୀ ଶଙ୍କର ପାତ୍ର ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପାହାଳ ଥାନା କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

# 'ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆତ୍ମପ୍ରତ୍ୟୟ ଜରୁରୀ'

କଟକ,୧।୧୧(କାର୍ତ୍ତିକ ସାହୁ)

**ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ**

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ଅବସରରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମାପନୀ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ଦୈନନ୍ଦିନ ଜୀବନରେ ଦୁର୍ନୀତିକୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆତ୍ମପ୍ରତ୍ୟୟ ଜରୁରୀ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ସିଏସ୍ଆଇଆର୍ ଆଇଏମ୍ଏମ୍‌ର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଚଳିତ ବର୍ଷର ବିଷୟବସ୍ତୁ ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ ଉପରେ ଆଲୋକପାତ କରି ସତ୍ୟକୁ ଜୀବନର ଆଧାର କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଅଧ୍ୟକ୍ଷତା କରି ଦୈନନ୍ଦିନ ଜୀବନରେ ତଥା କାର୍ଯ୍ୟକ୍ଷେତ୍ରରେ ସାଧୁତାକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ। ଦୁର୍ନୀତି ନିବାରଣ ବିଭାଗ କଟକ ଖଣ୍ଡର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରପ୍ରିୟା ନାୟକ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ଯୋବ୍ରାଠାରେ ଏକ ସଚେତନତା ରାଲିକୁ ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। କଟକ ଭିଜିଲାନ୍ସ ଏସ୍‌ପି କେ. ବି ଆଚାର୍ଯ୍ୟ, ଭିଜିଲାନ୍ସ ସେଲ୍ ଡିଭିଜନ ଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ, ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ସରୋଜ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ।




ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଯୋବ୍ରା ଆନିକଟ ଛକଠାରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଐତିହାସିକ ବାଲିଯାତ୍ରାର ଗୌରବକୁ ନେଇ କମ୍ପ୍ରୋମାଇଜ କରାଯିବ ନାହିଁ: ମେୟର ସୁବାସ

କଟକ,୧।୧୧(ଶିକ୍ଷା ପ୍ରିୟଦର୍ଶିନୀ)

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ। ଏଥିପାଇଁ ବାଲିଯାତ୍ରା ତଳ ପଡ଼ିଆରେ ଜୋରସୋର ଭାବେ କାର୍ଯ୍ୟ ଚାଲିଥିବା ବେଳେ ଉପର ପଡିଆରେ କାଁଭାଁ ଗୋଟିଏ ଦୁଇଟି ଷ୍ଟଲ୍ ପାଇଁ କେବଳ ବାଉଁଶ ବନ୍ଧାଯାଇଛି। ଯାହାକି ଉପର ପଡିଆକୁ ସିଧାସଳଖ ଭାବେ ପାର୍କିଂ କରାଯିବା ନେଇ ଅନୁମାନ କରାଯାଉଛି। ଏହାକୁ ନେଇ କଟକବାସୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣା ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, ଐତିହାସିକ ବାଲିଯାତ୍ରାର ଗୌରବକୁ ନେଇ କୌଣସି ପ୍ରକାରର କମ୍ପ୍ରୋମାଇଜ କରାଯିବ ନାହିଁ। ଉପରପଡିଆରେ ଆଦୌ ପାର୍କିଂ ହୋଇପାରିବ ନାହିଁ। ଉପର ପଡ଼ିଆରେ କ'ଣ କାମ କରାଯିବ ତାହାର ସମୀକ୍ଷା କରାଯିବ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏଭଳି କୌଣସି ତ୍ରୁଟି ନ କରିବାକୁ ଅନୁରୋଧ। ଉପର ପଡ଼ିଆ ସହ ବାଲିଯାତ୍ରା ଜଡିତ ରହିଛି, ଏହାର ଗୌରବକୁ ବଜାୟ ରଖାଯାଉ ବୋଲି ସିଂ କହିଛନ୍ତି। ଅନ୍ୟପଟେ ଉପର ବାଲିଯାତ୍ରା ପଡ଼ିଆରେ ୨୦୦ଟି ଷ୍ଟଲ୍ ପାଇଁ ଯୋଜନା ଥିବାବେଳେ ଏଯାଏ ମାତ୍ର ୧୮ଟି ଷ୍ଟଲ୍‌ର ବୁକିଂ କରାଯାଇଛି। ଯେଉଁ ବ୍ୟବସାୟୀ ସେଠାରେ ଷ୍ଟଲ ନେବାକୁ ଚାହୁଁଛନ୍ତି, ସେମାନେ ନେଇପାରିବେ ଏବଂ ଆବଶ୍ୟକଠାରୁ କମ୍ ଟଙ୍କାରେ ପ୍ଲଟ ଦିଆଯିବ। ଏହାସହ ଉପର ପଡ଼ିଆରେ ଦୋକି ବ୍ୟବସାୟୀଙ୍କ ପାଇଁ ବନ୍ଦୋବସ୍ତ କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି।

# ଯୁବକ ନିଖୋଜ: ତାଳଦଣ୍ଡାରୁ ମିଳିଲା ବାଇକ୍

କଟକ ସଦର,୧।୧୧(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ଥୋରିଆପଡ଼ା ଗ୍ରାମର ଜଣେ ଯୁବକ ନିଖୋଜ ଥିବା ଜଣାପଡ଼ିଛି। ସେ ହେଲେ ଦିଲୀପ କୁମାର ଭୋଇ (୨୬)। ଶୁକ୍ରବାର ରାତିରୁ ଘରୁ ବାହାରି ଫେରି ନ ଥିବା ବେଳେ ଶନିବାର ସକାଳେ ତାଙ୍କ ବାଇକ୍ ସୋମପୁର ନିକଟ ତାଳଦଣ୍ଡା କେନାଲରେ ପଡ଼ିଥିବା ଲୋକେ ଦେଖିଥିଲେ। ପରେ ଥାନା ଓ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। କିଶନ ନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ (ନଂ.ଓଡି୨୧ଏଲ-୫୦୨୧)କୁ ପାଣିରୁ ବାହାର କରି କୂଳକୁ ଅଣାଯାଇଛି। ବାଇକ୍ ଉଦ୍ଧାର ସ୍ଥାନରୁ କିଛି ଦୂରରେ ମଦ ବୋତଲ ଓ ରକ୍ତଛିଟା ପଡିଥିବା ଦେଖିବାକୁ ମିଳିଛି। କଟକରୁ ସାଇଣ୍ଟିଫିକ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। କାଳେ ପାଣିରେ ବୁଡିଯାଇଥିବ ତେଣୁ ରଘୁନାଥପୁରରୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଡକାଯାଇଥିଲା। ଖୋଜାଖୋଜି କରିବା ପରେ ମଧ ଦିଲୀପଙ୍କ ପତ୍ତା ମିଳିନାହିଁ। ଦିଲୀପଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ପ୍ରଧାନ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଶୁକ୍ରବାର ରାତି ୮ଟାରେ ଜଣେ ପଡୋଶୀଙ୍କ ସହ ଦିଲୀପ ବୁଲି ଆସିଥିଲେ। ଏହା ପରେ ସେ ଆଉ ଘରକୁ ଫେରିନାହାନ୍ତି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
Phone - 0674-2540742, Email - se_ccrw@yahoo.co.in
No.O-1234
No.4945/Date.28.10.2025
"e" Procurement Notice for Road Works

| | | |
|---|---|---|
| 1. | Name of the Work | : Road works under Periodical Renewal work of 5 years Completed PMGSY (POST DLP) roads for the year 2025-26 |
| 2. | Total No. of Packages | : 1 No. of Package |
| 3. | Estimated Cost of the Package | : Rs.58.83 lakhs |
| 4. | Class of Contractor | : |
| | a) Estimated cost more than Rs.20.00 lakhs up to Rs.3.00 Crores | : B Class (of Odisha PWD) or relevant class of other licensing authorities |
| 5. | Period of completion | : As mentioned in Column-8 of Annexure |
| 6. | Offered rates by bidder | : The offered rate by the contractor shall be excluding GST |
| 7. | Other details | : |

| Procurement Officer | Bid Identification No. | Availability of Tender on-line for bidding | | Seeking clarification of tender | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.34 of 2025 | 01.11.2025 at 11.00 A.M. | 17.11.2025 up to 5.00 P.M. | 14.11.2025 Up to 5.00 P.M. | 18.11.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
OIPR-25082/11/0017/2526
Sd./- Chief Construction Engineer
Central Rural Works Circle, Bhubaneswar


# ଧବଳେଶ୍ୱରଙ୍କ ଦର୍ଶନ କଲେ ୩୦ ହଜାର ଶ୍ରଦ୍ଧାଳୁ




ଖୁଣ୍ଟୁଣୀ,୧।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଶ୍ରୀମନ୍ଦିର ଗଣନା ଅନୁସାରେ ରବିବାର ପଞ୍ଚକ ପଡୁଥିଲେ ମଧ ପ୍ରସିଦ୍ଧ ଧବଳେଶ୍ୱରଙ୍କ ପଞ୍ଚକ ଶନିବାରଠାରୁ ଆରମ୍ଭ ହୋଇଛି। ରାତି ୩ଟାରେ ନୀତିପାଳିଆ ସେବକ ଜୟଦେବ ପତ୍ରି ଓ ସହଯୋଗୀ ସେବକମାନେ ମନ୍ଦିର ଦ୍ୱାର ପହଡ଼ ଖୋଲି ମଙ୍ଗଳ ଆଳତି ସହ ୧୦୮ ଗରା ସୁବାସିତ ଜଳରେ ସ୍ନାନାଦି କରାଇବା ପରେ ବାବାଙ୍କୁ ନାନାଦି ପୁଷ୍ପ ମଣ୍ଡନ କରିଥିଲେ। ପରେ ଘର୍ଷଣ ସାଙ୍ଗକୁ ଖେଚୁଡ଼ି ଭୋଗ ଲାଗିବା ପରେ ଭୋର ସାଢ଼େ ୪ଟାରେ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ପଞ୍ଚକର ପ୍ରଥମ ଦିନରେ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁ ଧବଳେଶ୍ୱରଙ୍କ ଦର୍ଶନ କରିଥିଲେ। ଶନିବାର ଦିନତମାମ କଟକ ଗ୍ରାମାଞ୍ଚଳ ଏସ୍‌ପି ଅଗ୍ରୱାଲ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଆଇଆଇସି ତପନ କୁମାର ପତି, ଖୁଣ୍ଟୁଣୀ ଆଇଆଇସି ରଞ୍ଜନ କୁମାର ପ୍ରଧାନଙ୍କ ସମେତ ଟାଙ୍ଗୀ, ସାଲେପୁର, କିଶନନଗର, ବାଙ୍କୀ, ମାହାଙ୍ଗା, କେନ୍ଦ୍ରାପଡା, ଆଠଗଡ଼, ଟିଗିରିଆ, ନରସିଂହପୁର ଆଇଆଇସି ପରିସ୍ଥିତି ପ୍ରତି ଦୃଷ୍ଟି ରଖିଥିଲେ। ନୂଆପାଟଣା ଛକଠାରୁ ପୀଠଯାଏ ଖରାରେ ପିଲାଛୁଆଙ୍କୁ ଧରି ୪ କି.ମି. ରାସ୍ତା ଚାଲିଚାଲି ବାବାଙ୍କୁ ଦର୍ଶନ କରିଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ସାଗର ଦାସ ପ୍ରମୁଖ ଭକ୍ତଙ୍କୁ ସାହାଯ୍ୟ କରୁଥିଲେ। ରବିବାର ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଦେବୋତ୍ତର ବିଭାଗ ପୂର୍ବାନୁମାନ କରିଛି।


OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
E_Mail ID: serwcbaripada@gmail.com, Ph. No.-06792-261343/261344, Gangraj, Baripada
Office Order No.4950/Dt.29.10.2025//
1st Corrigendum to National Competitive Bidding e_procurement Notice
No.4738/Road work Dt.15.10.2025 (NCB No.-394)
No.O-1268 : Due to unavoidable circumstances the important dates of tendering process for road works are being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 30.10.2025 at 11.00 A.M. to 18.11.2025 up to 05.00 P.M. | 15.11.2025 at 11.00 A.M. to 04.12.2025 up to 05.00 P.M. |
| 2 | Date & Time of Seeking Tender Clarification if any | 17.11.2025 up to 05.00 P.M. | 03.12.2025 up to 05.00 P.M. |
| 3 | Date & Time of Opening of Technical Bid | 19.11.2025 at 11.00 A.M. | 05.12.2025 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.
Sd./- Er. A.K. Naik
Chief Construction Engineer
R.W. CIRCLE, BARIPADA
OIPR-25130/11/0061/2526



ZILLA SWASTHY SAMITI, GAJAPATI
(Department of Health & FW, Govt. of Odisha)
Advt. No. 8321/DPMU/NHM/2025 Dt. 18.10.25
NOTICE
No. E-: Applications are invited from in-house contractual employee of NHM working in the same post under OSH&FW Society in other districts desiring to be posted in Gajapati district.
**Fresh Candidates need not to apply**.
The interested candidates may log on the website **www.gajapati.odisha.gov.in** for details (Vacancies, terms & conditions and application form etc. Eligible candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to Chief District Medical & Public Health Officer, At/P.O.: Paralakhemundi, Gajapati - 761200 by Regd./Speed Post on or before 31.10.2025 by 05.00 P.M. The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.
OIPR: Sd./- CDM & PHO-cum-DMD, Gajapati



GOVERNMENT OF ODISHA No.O-1137
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
Phone : 06842-253708, E-mail : rw_phulbani@yahoo.co.in
No. 4380 RWDP, Dated the 23.10.2025
Government of Odisha e-Procurement Notice
Bid Identification No. Online Tender/07/SERWD PHULBANI/2025-26
1. Name of the work : Road Work (03 Nos.)
2. Estimated cost : Rs.79.83 Lakhs & 52.10 Lakhs
3. Period of completion : Three Calendar Months
4. Date & Time of availability of Bid documents in the Portal : From 01.11.2025, 10.00 A.M. to 11.11.2025 upto 05.00 P.M.
5. Last Date / Time for receipt of Bids in the Portal : 11.11.2025 upto 5.00 P.M.
6. Name and address of the Officer Inviting Bid : Superintending Engineer, Rural Works Division, Phulbani
Further details can be seen from the e-procurement portal website www.tendersodisha.gov.in
Sd./- Superintending Engineer
Rural Works Division
Phulbani
OIPR-25077/11/0028/2526



GOVT. OF ODISHA
DEPARTMENT OF WATER RESOURCES
O/o THE SUPERINTENDING ENGINEER,
PRACHI DIVISION, BHUBANESWAR - 12
E-mail : prachi.division@yahoo.co.in, eeprachidivision@gmail.com
No. 7661 Dt. 27.10.2025
e-PROCUREMENT NOTICE NO. - SEPRD - 14/2025-26
No.A-799 : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal/V.R Bridge/River embankment) |
| 02. | No. of Works | 33 (Thirty Three) Nos. |
| 03. | Bid Identification No. | SEPRD - 14/2025-26 |
| 04. | Estimated Cost (in Rupees) | Rs.8.00 Lakhs to Rs.50.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 01.11.2025 (10.00 A.M.) to 11.11.2025 (5.30 P.M.) |
| 09. | Date and time of Opening of Tender Documents & online bids | 12.11.2025 at 10.30 P.M. |
| 10. | Date of Lottery (In case of situation arises) | 20.11.2025 at 3.30 P.M. |
୧. ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେଭଲପର୍ସ୍, ଏହାର ପରିଚାଳନା ନିର୍ଦ୍ଦେଶକ ଅଭିଜିତ ମହାନ୍ତି, ପିତା ଗଙ୍ଗାଧର ମହାନ୍ତି, ସା–ପ୍ଲଟ୍ ନଂ.– ୬୦୫, ରସୁଲଗଡ଼, ଥାନା– ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ୪. ବିଶ୍ୱନାଥ ପରିଡ଼ା, ପିତା– ସ୍ୱର୍ଗତ ବାୟା@ବୟାଧର ପରିଡ଼ା, ସା/ପୋଷ୍ଟ– ତିରିମଲ, ଥାନା– ଜଟଣୀ, ଜିଲ୍ଲା– ଖୋର୍ଦ୍ଧା, ୫. ରଘୁନାଥ ସ୍ୱାଇଁ, ପିତା– ସ୍ୱର୍ଗତ ବାସୁ ସାଇଁ, ସା/ପୋଷ୍ଟ– ଜଜାରସିଂହ, ଥାନା/ଜିଲ୍ଲା– ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର– ୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର– ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୪।୧୧।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ମୌଜା– ପାଣ୍ଡିଆବିଲ, ତହସିଲ– ଜଟଣୀ, ଥାନା– ଜଟଣୀ, ଜିଲା– ଖୋର୍ଦ୍ଧା
ସାବକ: ଖାତା ନଂ.– ୧୧୯, ପ୍ଲଟ୍ ନଂ– ୧୦୩, କିସମ– ବାଜେ– ଫସଲ–୨, ରକବା– ଏ୦.୭୧୫ଡି. ସ୍ୱଧରୁ ଏ୦.୦୫୫.୦୯ଡି., ସ୍ୱତ୍ୱ– ସ୍ଥିତିବାନ୍। ହାଲ: ଖାତା ନଂ.– ୪୦୧, ପ୍ଲଟ୍ ନଂ– ୧୩୯, କିସମ– ତଇଳା, ରକବା– ଏ୦.୧୭୯ଡି. ସ୍ୱଧରୁ ଏ୦.୦୫୫.୦୯ଡି., ସ୍ୱତ୍ୱ– ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/– କୋର୍ଟ ଅଫିସର
ଧ–୨୪୫୪

ମାନ୍ୟବର ଅତିରିକ୍ତ କମିଶନର ନଂ.– ୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.– ୧୦୪୧/୨୦୨୩

ଅଭିମନ୍ୟୁ ପାତ୍ର .......ବାଦୀ
ବନାମ
ସପନି ଦାଶ ଏବଂ ଅନ୍ୟମାନେ .......ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର– ୫ ରୁଲ– ୨୦ ମୁତାବକ

୧. ସପନି ଦାସ, ପିତା– ସ୍ୱର୍ଗତ ଭାଲୁ ଦାସ, ୩. ରଥିନ କୁମାର ଦାସ, ପିତା– ସ୍ୱର୍ଗତ ଅପରତି ଦାସ, ୫. ଧୂଳି ଦାସ, ପିତା– ଭଗବାନ ଦାସ, ୭. ଚତୁର୍ଭୁଜ ଦାସ, ୯. ନେତ୍ରାନନ୍ଦ ଦାସ, ଉଭୟଙ୍କର ପିତା– ସ୍ୱର୍ଗତ ବାଙ୍କ ବିହାରୀ ଦାସ, ସମସ୍ତ ପ୍ରତିବାଦୀ ମାନଙ୍କର ବାସସ୍ଥାନ ଗ୍ରାମ– ଚକେଇସିହାଣି, ପୋଷ୍ଟ– ରସୁଲଗଡ଼, ଥାନା– ମଞ୍ଚେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି । ଯେହେତୁ ପ୍ରତିବାଦୀ ନଂ. ୧, ୩, ୫ ଏବଂ ୭ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୯ ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟ ଠାରେ ଆସନ୍ତା ତା୧୮।୧୨।୨୦୨୫ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା– ଗାଡ଼କଣ ୟୁନିଟ–୩୯, ତହସିଲ– ଭୁବନେଶ୍ୱର, ଥାନା– ମଞ୍ଚେଶ୍ୱର, ଜିଲ୍ଲା–ଖୋର୍ଦ୍ଧା
ସାବକ ଖାତା ନଂ.– ୪୨୯, ସାବକ ପ୍ଲଟ୍ ନଂ.– ୩୩୦୪, ସବ୍ ପ୍ଲଟ୍ ନଂ.– ୯, ଏରିଆ– ଏ୦.୦୫ଡି., ହାଲ୍ ଖାତା ନଂ.– ୧୫୪୧, ହାଲ୍ ପ୍ଲଟ୍ ନଂ.–୫୯୪୪/୧୦୩୧୭, ଏରିଆ– ଏ୦.୦୫୦ଡି.।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଧିକାରୀ
ଧ–୨୪୫୩

# ପ୍ରତିଶୋଧ ନିଆଁରେ ଜଳୁଥିବା ୨ ସାଙ୍ଗ କରିଥିଲେ ହତ୍ୟା

## ଚନ୍ଦକାରୁ ଜବତ କଙ୍କାଳ ଗୁଣିଆ ବଳରାମଙ୍କର

■ ହତ୍ୟା ପରେ ମୃତଦେହକୁ ପୋଡ଼ିଦେଇଥିଲେ, ସିନ୍‌ରିକ୍ରିଏଟ୍ କଲା ପୋଲିସ

■ ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତଦ୍ୱୟ ପିଇଦେଇଥିଲେ ହାଣ୍ଡିଆ

ଭୁବନେଶ୍ୱର/ବାରଙ୍ଗ,୧।୧୧ (ସତ୍ୟଜିତ ରାଉତ/ଲିଙ୍ଗରାଜ ରାଉତ)

ଚନ୍ଦକା ଅଭୟାରଣ୍ୟ ଭିତରୁ ନରକଙ୍କାଳ ଜବତ ଘଟଣାରେ କମିଶନରେଟ୍ ପୋଲିସ ଶନିବାର ରହସ୍ୟ ଉନ୍ମୋଚନ କରିଛି। ଜବତ ନରକଙ୍କାଳ ମାସେ ତଳେ ନିଖୋଜ ଥିବା ଚନ୍ଦକାଥାନା ଅଧୀନ ପିତାଗାଡ଼ିଆ ଗ୍ରାମର ଗୁଣିଆ ବଳରାମ ଦେଓଗାମ (୭୨)ଙ୍କ ବୋଲି ସ୍ପଷ୍ଟ ହୋଇଛି। ଏହି ଘଟଣାରେ ପୋଲିସ ଉକ୍ତ ଗାଁର ଦୁଇ ସାଙ୍ଗଙ୍କୁ ଗିରଫ କରିଛି। ସେମାନେ ହେଲେ କହ୍ନେଇ ହେମ୍ବ୍ରମ(୨୭) ଓ ରାମ ସାମଦା(୨୫)। ବଳରାମଙ୍କ ଗୁଣିଗାରେଡି ପାଇଁ ଉଭୟଙ୍କ ବାପାଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ଅଭିଯୁକ୍ତଦ୍ୱୟ ଭାବି ନେଇଥିଲେ। ଏହାକୁ ନେଇ ଜାତ ହୋଇଥିବା ସନ୍ଦେହରୁ ପ୍ରତିଶୋଧ ନିଆଁରେ ଜଳୁଥିବା ଦୁଇ ସାଙ୍ଗ ବଳରାମଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।

କହ୍ନେଇ ଗତ ୮ବର୍ଷ ଧରି ଫରେଷ୍ଟ ୱାଚମ୍ୟାନ ଭାବେ କାମ କରୁଛନ୍ତି। ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ୍ କରିଥିଲା। ସେମାନଙ୍କ କହିବା ମୁତାବକ, ପୋଲିସ ଟିମ୍ ଗୋଟିଏ ଜରି ବ୍ୟାଗ, ଟର୍ଚ୍ଚ, ହାଣ୍ଡିଆ ଭର୍ତ୍ତି ପାଣି ବୋତଲ ଓ ଲାଠିକୁ ଏକ ଗାଡିଆରୁ ଜବତ କରିଛି। ଚନ୍ଦକା ୱାଇଲ୍ଡ ଲାଇଫ୍ ରେଞ୍ଜ ଅଧିକାରୀଙ୍କ ରିପୋର୍ଟ ଆଧାରରେ ପ୍ରଥମେ ଚନ୍ଦକା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୧/୨୦୨୫) ରୁଜୁ କରିଥିଲା। ହେଲେ ପରେ ବଳରାମଙ୍କ ପୁଅ ରାମ ଚରଣ ଦାଓଗାମଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୪୮୭/୨୦୨୫) ରୁଜୁକରି କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଗୁଣିଗାରେଡ଼ି ସନ୍ଦେହରୁ ଜୀବନ ନେଇଗଲେ

ହତ୍ୟାକାଣ୍ଡର ଦେଢ଼ମାସ ପୂର୍ବରୁ ବଳରାମଙ୍କ ନାତିର ଏକୋଇଶିଆକୁ କହ୍ନେଇଙ୍କ ବାପା ପର୍ଶୁରାମ ଭୋଜି ଖାଇବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ପର୍ଶୁରାମ ହଠାତ୍ ପଡ଼ିଯାଇ ମୃତ୍ୟୁବରଣ କରିଥିଲେ। ତେବେ ବଳରାମ ଗୁଣିଗାରେଡି କରିଥିବାରୁ ପର୍ଶୁରାମଙ୍କ ଏଭଳି ମୃତ୍ୟୁ ହେଲା ବୋଲି ପୁଅ କହ୍ନେଇ ଭାବି ନେଇଥିଲେ। ସେହିପରି ରାମଙ୍କ ବାପାଙ୍କର ଦୁଇବର୍ଷ ତଳେ ମୃତ୍ୟୁ ହୋଇଥିବାବେଳେ ବଳରାମଙ୍କ ତନ୍ତ୍ରମନ୍ତ୍ର ଏହାର କାରଣ ବୋଲି ସେ ମଧ୍ୟ ସନ୍ଦେହ କରୁଥିଲେ। ଏବେ କହ୍ନେଇଙ୍କ ଦୁଇ ଯାଆଁଳା ପିଲା ଥିବାବେଳେ ରାମଙ୍କ ସ୍ତ୍ରୀ ମଧ୍ୟ ଗର୍ଭବତୀ ଅଛନ୍ତି। ଯଦି ବଳରାମଙ୍କୁ ସେମାନେ ନ ମାରନ୍ତି ତାଙ୍କ ଗୁଣିଗାରେଡି ପାଇଁ କହ୍ନେଇଙ୍କ ଦୁଇ ପିଲାଙ୍କ ମୃତ୍ୟୁ ହୋଇଯିବ ଏବଂ ରାମଙ୍କ ସ୍ତ୍ରୀଙ୍କ ମଧ୍ୟ ମଲାଛୁଆ ଜନ୍ମ ହେବ ବୋଲି ଅଭିଯୁକ୍ତଦ୍ୱୟ ଭାବି ନେଇଥିଲେ। ଏଥିପାଇଁ ବଳରାମଙ୍କୁ ସେମାନେ ହତ୍ୟାକରି ବାପାଙ୍କ ପ୍ରତିଶୋଧ ନେବା ସହ ପରିବାରକୁ ସୁରକ୍ଷିତ ରଖିବେ ବୋଲି ଚିନ୍ତା କରିଥିଲେ।

### ସନ୍ଦେହ ଘେରକୁ ଆସିଲେ ଅଭିଯୁକ୍ତ ଫରେଷ୍ଟ ୱାଚମ୍ୟାନ

ହତ୍ୟାକାଣ୍ଡ ଭିଆଇଥିବା ମୁଖ୍ୟ ଅଭିଯୁକ୍ତ ଫରେଷ୍ଟ ୱାଚମ୍ୟାନ କହ୍ନେଇ କେମିତି ପୋଲିସର ସନ୍ଦେହ ଘେରକୁ ଆସିଥିଲେ ତାହା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କହ୍ନେଇଙ୍କ ବାପା ପର୍ଶୁରାମ ନିକଟରେ ମୃତ୍ୟୁବରଣ କରିଥିବା ବେଳେ ଏଥିପାଇଁ ସେ ପ୍ରତିଶୋଧ ନେବେ ବୋଲି ଗାଁରେ କହିବୁଲୁଥିଲେ। ତେବେ ହତ୍ୟାକାଣ୍ଡ ପର ଦିନ ରେଞ୍ଜରଙ୍କୁ କହ୍ନେଇ କହି ରାତ୍ରିକାଳୀନ ଡ୍ୟୁଟିରୁ ଦିନ ଡ୍ୟୁଟିକୁ ବଦଳାଇ ଦେଇଥିଲେ। ପିଲାଙ୍କ ଦେହଖରାପ ହେଉଥିବାବେଳେ ସ୍ତ୍ରୀ ଘରେ ଏକୁଟିଆ ରହୁଥିବା କହି ଦିନବେଳା କାମ କରିବେ ବୋଲି କହିଥିଲେ। ତେବେ ତଦନ୍ତ ବେଳେ ଗାଁଲୋକେ ତାଙ୍କୁ ସନ୍ଦେହ କରିଥିଲେ। ପୋଲିସ ତାଙ୍କୁ ଆଣି ପଚରାଉଚରା କରିବା ପରେ ସେ ସତ ମାନିଯାଇଥିଲେ। ଶୁକ୍ରବାର ସକାଳେ କଙ୍କାଳ ଠାବ ହେବାପରେ ସେଠାରୁ ମିଳିଥିବା ଏକ ମାଳି ଓ ଲୁଙ୍ଗିକୁ ଚିହ୍ନି ତାହା ବଳରାମଙ୍କ ବୋଲି ପୁଅ ରାମ ଚରଣ କହିଥିଲେ।

### ସେପ୍ଟେମ୍ବର ୩୦ ସନ୍ଧ୍ୟା

ସେପ୍ଟେମ୍ବର ୩୦ ସନ୍ଧ୍ୟାରେ ବଳରାମ ବାର୍‌ହା କବଳରୁ ଧାନକ୍ଷେତ ରକ୍ଷା କରିବାକୁ ଜଗିବାକୁ କହି ଘରୁ ବାହାରିଯାଇଥିଲେ। ସାଙ୍ଗରେ ଏକ ଟର୍ଚ୍ଚ, ବୋତଲରେ ହାଣ୍ଡିଆ ଓ ଏକ ଲାଠି ନେଇଥିଲେ। ସେପଟେ ଯୋଜନା ଅନୁଯାୟୀ ବଳରାମଙ୍କ ଚାଷଜମିକୁ ଲାଗି ଥିବା ଗାଡ଼ିଆ ନିକଟରେ ଅଭିଯୁକ୍ତଦ୍ୱୟ ଛକି ରହିଥିଲେ। ବଳରାମ ସେହି ବାଟ ଦେଇ ଯିବାବେଳେ କହ୍ନେଇ ତାଙ୍କୁ ଧକ୍କା ଦେଇଥିଲେ। ବଳରାମ ତଳେ ପଡିଯିବାରୁ ରାମ ତାଙ୍କ ଗୋଡ଼କୁ ଜାବୁଡ଼ି ଧରିଥିଲେ ଏବଂ କହ୍ନେଇ ତାଙ୍କ ବେକ ଚିପି ହତ୍ୟା କରିଥିଲେ। ଏହାପରେ ସେମାନେ ମୃତଦେହକୁ ପୋଡ଼ିଦେଇ ପୋତିଦେବା ସହ ଟର୍ଚ୍ଚ, ବୋତଲ ଓ ଲାଠିକୁ ଗାଡିଆରେ ଫିଙ୍ଗି ଦେଇଥିଲେ।

# ଜଙ୍ଗଲ ଭିତରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ଗ୍ରାମବାସୀ

ପାଟଣାଗଡ଼,୧।୧୧ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ତେଣ୍ଡାପଦର ପଞ୍ଚାୟତ ରତାଖଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ପୋଲିସ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଶନିବାର ଜବତ କରିଛି। ମୃତା ଯୁବତୀ ଜଣକ ହେଲେ ରତାଖଣ୍ଡି ଗ୍ରାମର ସୁନିତା ଷାଣ୍ଡ (୨୦)। ତାଙ୍କୁ କେହି ହତ୍ୟାକରି ଜଙ୍ଗଲରେ ଫିଙ୍ଗି ଦେଇଥିବା ଯୁବତୀଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ରତାଖଣ୍ଡି ଗ୍ରାମର କେତେଜଣ ବ୍ୟକ୍ତି ସକାଳେ ଜଙ୍ଗଲ ଭିତରକୁ କୌଣସି କାମରେ ଯାଇଥିବା ବେଳେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ। ସେମାନେ ଏ ସମ୍ପର୍କରେ ଆସି ଗ୍ରାମରେ କହିଥିଲେ। ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ପୋଲିସ ନଂ. ୩୩/୨୦୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଜଗଦାନନ୍ଦ ଷାଣ୍ଡ ଓରଫ ଜୟଙ୍କ ଝିଅ ସୁନିତା ଗତ ୮ ତାରିଖ ରାତି ପ୍ରାୟ ୯ ଟାରେ ଘରୁ ବାହାରକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ପରଦିନ ପାଟଣାଗଡ଼ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିଲା। ତେବେ ନିଖୋଜର ୨୩ ଦିନ ପରେ ଜଙ୍ଗଲରୁ ଗଳିତ ଅବସ୍ଥାରେ ସୁନିତାଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏ ସମ୍ପର୍କରେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀଙ୍କୁ ପଚାରିବାରେ ତଦନ୍ତ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି।



ମୃତଦେହ ଜବତ ସ୍ଥାନରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

# ଘର ଭିତରୁ ବୃଦ୍ଧ ଦମ୍ପତିଙ୍କ ମୃତଦେହ ଜବତ

ବରଗଡ,୧।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ଖୁଣ୍ଟପାଲି ପଞ୍ଚାୟତର ଗଞ୍ଜିଆଟିକ୍ରାରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବୃଦ୍ଧ ଦମ୍ପତିଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି । ସେମାନେ ହେଲେ, କିରଟୀ ପ୍ରଧାନ (୭୫) ଏବଂ ସ୍ତ୍ରୀ ଶାନ୍ତି (୭୦)। ଘର ଭିତରେ ରଶି ଲଗାଇ ଦମ୍ପତି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଦମ୍ପତିଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏ ନେଇ ସ୍ଥାନୀୟ ସଦର ଥାନା ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ମୃତ ଦମ୍ପତିଙ୍କ ୨ପୁଅ। ଉଭୟେ ବିବାହିତ ହୋଇଥିବା ବେଳେ ସେମାନଙ୍କ ପିଲାଛୁଆ ଅଛନ୍ତି। ଗତ ପ୍ରାୟ ବର୍ଷକ ତଳେ ତାଙ୍କ ସାନପୁଅଙ୍କ ଦେହାନ୍ତ ହୋଇଥିଲା। ସେହିଦିନଠାରୁ ବୃଦ୍ଧ ଦମ୍ପତି ସାନପୁଅକୁ ହରାଇ ଚିନ୍ତିତ ରହୁଥିଲେ। ଅନ୍ୟପଟେ ଶୁକ୍ରବାର ରାତିରେ ଘର ଭିତରେ ଦମ୍ପତିଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଦ୍ୱିବେନ୍ଦୁଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ସିବିଆଇର ଜେରା

## କଲ୍ ସେଣ୍ଟର ଜରିଆରେ ଜାପାନ ଲୋକଙ୍କୁ ଠକେଇ

### ଜେଲରେ ଅଛନ୍ତି ୬ ସହଯୋଗୀ

ଭୁବନେଶ୍ୱର,୧।୧୧ (ସତ୍ୟଜିତ ରାଉତ)

ଏକ ବଡ଼ଧରଣର ଅନ୍ତର୍ଜାତୀୟ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ କଟକର ଦ୍ୱିବେନ୍ଦୁ ମହାରଣାଙ୍କୁ ସିବିଆଇ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି। ଏନେଇ ଶନିବାର ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ଶୁକ୍ରବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିବା ପରେ ତାଙ୍କୁ ୨ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିଲା। ପରେ ଦିଲ୍ଲୀସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଦ୍ୱିବେନ୍ଦୁଙ୍କୁ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ସିବିଆଇ ଜେରା କରୁଛି। ପୂର୍ବରୁ ଦ୍ୱିବେନ୍ଦୁଙ୍କ ୬ଜଣ ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି ବୋଲି ସିବିଆଇ କହିଛି।

ସିବିଆଇର ସୂଚନା ଅନୁଯାୟୀ, ଦ୍ୱିବେନ୍ଦୁ ଦିଲ୍ଲୀ ନୋଇଡାରେ 'ଭିଓଆଇପି କନେକ୍ଟ ପ୍ରାଇଭେଟ୍ ଲିଃ' ନାମରେ ଏକ କଲ୍ ସେଣ୍ଟର ଖୋଲି ଜାପାନର ଲୋକମାନଙ୍କୁ ବହୁ କୋଟି ଟଙ୍କା ଠକେଇ କରିଥିଲେ। ଜାପାନୀ ଲୋକଙ୍କୁ କଲ୍ କରି ଅଭିଯୁକ୍ତମାନେ ବହୁଦେଶୀୟ କମ୍ପାନୀର ଟେକ୍ନିକାଲ ସପୋର୍ଟର ବୋଲି ପରିଚୟ ଦେଉଥିଲେ। କମ୍ପ୍ୟୁଟର ହ୍ୟାକ୍ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିଦେବାକୁ କହି ଟଙ୍କା ଆଣି ଠକେଇ କରୁଥିଲେ। ଏନେଇ ଅଭିଯୋଗକ୍ରମେ ସିବିଆଇ ମାମଲା ରୁଜୁ କରିବା ସହ ଜାପାନର ନ୍ୟାଶନାଲ୍ ପୋଲିସ ଏଜେନ୍ସି ଓ ମାଇକ୍ରୋସଫ୍ଟ କୋର୍ପୋରେଶନ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଗତ ମେ' ୨୮ରେ ଦିଲ୍ଲୀ, ହରିୟାଣା ଓ ଉତ୍ତରପ୍ରଦେଶ ସମେତ ୧୯ ସ୍ଥାନରେ ଚଢ଼ାଉ କରି ଦ୍ୱିବେନ୍ଦୁଙ୍କ ୬ଜଣ ସହଯୋଗୀଙ୍କୁ ସିବିଆଇ ଗିରଫ କରିଥିଲା। ଦ୍ୱିବେନ୍ଦୁଙ୍କ କଲ୍ ସେଣ୍ଟରରେ ସିବିଆଇ ଚଢ଼ାଉ ସୂଚନା ପାଇ ସେ ମେ' ୨୯ରେ ଭୁବନେଶ୍ୱରରୁ ୟୁଏଇକୁ ଚାଲିଯାଇଥିଲେ। ତେବେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ଗୁରୁବାର ସକାଳେ ସେ ୟୁଏଇରୁ ଫେରୁଥିବାବେଳେ ଭୁବନେଶ୍ୱର ବିମାନବନ୍ଦରରେ ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ଏମ୍‌କେସିଜିରେ ରାଗିଂ ଅଭିଯୋଗ

## ସତ୍ୟାସତ୍ୟ ଯାଞ୍ଚ ଦାବି କଲେ ଡାକ୍ତରୀ ଛାତ୍ରୀଛାତ୍ର

ବ୍ରହ୍ମପୁର,୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ପୁଣି ଜଣଙ୍କୁ ରାଗିଂ କରାଯାଇଥିବା ନେଇ ଅଭିଯୋଗ ଆସିଛି। ଅଭିଯୋଗକାରୀ ତାଙ୍କ ନାମ ଦର୍ଶାଇ ନ ଥିବା ବେଳେ ଶନିବାର ଆଣ୍ଟି ରାଗିଂ ସେଲରେ ୫ଜଣ ବିଦ୍ୟାର୍ଥୀଙ୍କ ନାମରେ ରାଗିଂ ଅଭିଯୋଗ ଆଣିଛନ୍ତି। ହଷ୍ଟେଲ ନଂ.୨ରୁ ୩ ଜଣ ଓ ହଷ୍ଟେଲ ନଂ.୩ରୁ ୨ ଜଣ ରାଗିଂ କରିଥିବା ଚିଠି ଆସିଥିଲା। ଏହାକୁ ନେଇ ଶନିବାର ସନ୍ଧ୍ୟାରେ ଏମ୍‌କେସିଜି ପ୍ରିନ୍ସିପାଲଙ୍କ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଏହାପୂର୍ବରୁ ଗତ ଅଗଷ୍ଟ ମାସରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଥିଲା। ସେପ୍ଟେମ୍ବର ୨ ତାରିଖରେ ଡିନ୍ ଉକ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି ଦର୍ଶାଇଥିଲେ।

ତେବେ ବାରମ୍ବାର ଏପରି ଆସୁଥିବା ବେନାମୀ ରାଗିଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ମେଡିକାଲ କଲେଜ ନାଁରେ ଆସୁଥିବା ଭିତ୍ତିହୀନ ଅଭିଯୋଗ କାରଣରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଏପରକି ପାଠପଢ଼ାରେ ବ୍ୟାଘାତ ହେବା ସହ ମାନସିକ ଚାପରେ ରହୁଥିବା ଅନେକ ଛାତ୍ରୀଛାତ୍ର କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏପରି ଅନେକ ଅଭିଯୋଗ ଆସିଛି। ତଦନ୍ତ ପରେ ତାହା ଭିତ୍ତିହୀନ ବୋଲି କର୍ତ୍ତୃପକ୍ଷ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। କର୍ତ୍ତୃପକ୍ଷଙ୍କ ଆଚରଣ ଭେଷଜ ମହାବିଦ୍ୟାଳୟର ଛବିକୁ ମଳିନ କରୁଥିବା ଅନେକ ପୂର୍ବତନ ଛାତ୍ର ମତବ୍ୟକ୍ତ କରିଛନ୍ତି।


### ସଂସ୍କୃତରେ ଡକ୍ଟରେଟ୍ ଉପାଧିପ୍ରାପ୍ତ



ଶ୍ରୀ ଜନାର୍ଦ୍ଦନ ଭୋଇ ବିହାର ସ୍ଥିତ Mahatma Gandhi Central University (MGCU) ର ସଂସ୍କୃତ ବିଭାଗରୁ ପିଏଚଡି ଉପାଧି ଲାଭ କରିଛନ୍ତି । ଗବେଷଣାତ୍ମକ ନିବନ୍ଧର ଶୀର୍ଷକ- "प्रबोधचन्द्रोदयस्योपरि गणेशदीक्षितकृत-चिच्चन्द्रिकाटीकायाः पाठसमीक्षात्मकं सम्पादनमध्ययनञ्च" । ସେ ମାନବିକୀ ଏବଂ ଭାଷା ସଂକାୟର ନିର୍ଦ୍ଦେଶକ ପ୍ରଫେସର ପ୍ରସୂନ ଦତ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ । ନିବନ୍ଧଟି ବାବାସାହେବ ଭିମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ କୁମାରଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ସୁବର୍ଣ୍ଣପୁର ଜିଲାର ଅମୃର୍ତା ନିବାସୀ ଏବଂ ସ୍ୱର୍ଗତ ପିତା ଚଣ୍ଡାଳ ଭୋଇ ଓ ମାତା ଉଦିଆଙ୍କ କନିଷ୍ଠ ପୁତ୍ର ଅଟନ୍ତି । ସେ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ଆରାଧ୍ୟା ଦେବୀ ମାଁ ରାମଚଣ୍ଡୀ, ସମଲେଶ୍ୱରୀ ଓ ଜଗନ୍ନାଥଙ୍କୁ ଅର୍ପଣ କରିଛନ୍ତି । ଏଥିସହ ସେ ପିତାମାତା, ବଡ଼ଭାଇ ହୃଷିକେଶ, ଭଉଣୀ ସତ୍ୟବତୀ, ସମସ୍ତ ପରିବାରବର୍ଗ, ଶିକ୍ଷକଶିକ୍ଷୟିତ୍ରୀ, ସହକର୍ମୀ ଏବଂ ବନ୍ଧୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ବର୍ତ୍ତମାନ ଡ. ଜନାର୍ଦ୍ଦନ ଭୋଇ ସମ୍ବଲପୁର ସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ Assistant Professor ଭାବରେ କାର୍ଯ୍ୟରତ ।

ଧ-2465


# ଓଏଚ୍‌ପିସିରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ





ଭୁବନେଶ୍ୱର,୧।୧୧ (ଅନୁରାଧା ମହାରଣା)

ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି) ଏହାର କର୍ପୋରେଟ କାର୍ଯ୍ୟାଳୟ ଏବଂ ରାଜ୍ୟର ସମସ୍ତ ୟୁନିଟ୍‌ରେ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ କରୁଛି। କର୍ପୋରେଟ କାର୍ଯ୍ୟାଳୟରେ ନିର୍ଦ୍ଦେଶକ (ଅର୍ଥ) ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ଅପରେଶନ) ଆଇ/ସି, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଶପଥ ପାଠ କରିଥିଲେ। କାର୍ଯ୍ୟାଳୟ ପରିସରରେ ପ୍ରମୁଖ ସ୍ଥାନରେ ସତର୍କତା ବିଷୟବସ୍ତୁ ଉପରେ ବ୍ୟାନର ଏବଂ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ଓଏଚ୍‌ପିସି ତାଲିମ କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଏମ୍. ଅକ୍ଷୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ, କର୍ପୋରେଟ ଅଫିସ ଏବଂ ତାଲିମ କେନ୍ଦ୍ରରେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତା ସହ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ଏକ ନୁକ୍କଡ ନାଟକ ପରିବେଷଣ କରାଯାଇଥିଲା। ସ୍ଲୋଗାନ ପ୍ରତିଯୋଗିତାର ବିଜେତା ଡିଜିଏମ୍ (ବିଦ୍ୟୁତ୍) ସମୀର ମହାପାତ୍ର, ପରିଚାଳକ (ବିଦ୍ୟୁତ୍) ସୁଶ୍ରୀ ଚନ୍ଦନ ପଣ୍ଡା ଏବଂ ଡିଏମ୍ (ବିଦ୍ୟୁତ୍) ମାଧବ ଚନ୍ଦ୍ର ବାରିକଙ୍କୁ ପୁରସ୍କୃତ କରାଯାଇଥିଲା।

BUSINESS

# ନୃପେନ୍ଦ୍ର ନାଥ ସିଏମ୍‌ପିଡିଆଇର ଟେକ୍ନିକାଲ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର,୧।୧୧

ସିଏମ୍‌ପିଡିଆଇର ନିର୍ଦ୍ଦେଶକ (ଟେକ୍ନିକାଲ) ଭାବେ ନୃପେନ୍ଦ୍ର ନାଥ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୧୯୮୮ରେ ନୃପେନ୍ଦ୍ର ଆଇଆଇଟି (ଆଇଏସ୍‌ଏମ୍) ଧାନବାଦରୁ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ସିସିଏଲ୍‌ର ଏନ.କେ. ଏରିଆରୁ ସେବା ଆରମ୍ଭ କରି ଦୁଇ ଦଶନ୍ଧି ଧରି ବିଶ୍ୱ ବ୍ୟାଙ୍କ ଦ୍ୱାରା ସହାୟତା ପ୍ରାପ୍ତ କେଡିଏଚ୍ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। ଇଏସ୍‌ଏଲ୍‌ର ବିଭିନ୍ନ ଖଣିରେ ପ୍ରକଳ୍ପ ଅଧିକାରୀ ସମେତ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସିସିଏଲ୍‌ର ମଗଧ-ସଂଘମିତ୍ରା ଅଞ୍ଚଳର ଆଞ୍ଚଳିକ ମହାପ୍ରବନ୍ଧକ ଭାବେ ଉକ୍ତ ଅଞ୍ଚଳକୁ ପ୍ରତିଷ୍ଠିତ ୨୦ ମିଲିୟନ ଟନ୍ ଉତ୍ପାଦନ କ୍ଲବରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଅଷ୍ଟ୍ରେଲିଆରେ ପ୍ରଶିକ୍ଷିତ ସିମଟାର୍ସ-ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ନୃପେନ୍ଦ୍ର ସିଆଇଏଲ୍‌ର ସହାୟକ କମ୍ପାନୀରେ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି।



ନୃପେନ୍ଦ୍ର ନାଥ

# ଜିନ୍ଦଲ ଫାଉଣ୍ଡେଶନକୁ ଏକ୍ସିଡ ସିଏସ୍‌ଆର୍ ପୁରସ୍କାର

ଭୁବନେଶ୍ୱର,୧।୧୧

ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନକୁ ସିଏସ୍‌ଆର୍ ପ୍ରକଳ୍ପ ପାଇଁ ଏକ୍ସିଡ ସିଏସ୍‌ଆର୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ପୂର୍ବତନ ସଚିବ ଏବଂ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ କର୍ପୋରେଟ ଆଫେୟାର୍ସର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡକ୍ଟର ଭାସ୍କର ଚାଟାର୍ଜୀ ଶୁକ୍ରବାର ଭୁବନେଶ୍ୱରରେ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଫାଉଣ୍ଡେଶନର ଜଳଛାୟା ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ରୂପରେଖ ଦିଆଯାଉଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ପ୍ରଗତି ସାମଗ୍ରିକ ବିକାଶରେ ନିହିତ - ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିବେଶ ଏବଂ ସଂସ୍କୃତି ଏକତ୍ର ହୋଇ ସନ୍ତୁଳିତ ଏବଂ ସ୍ଥାୟୀ ଉପାୟରେ ଜୀବନକୁ ଉନ୍ନତ କରିଥାଏ। ସ୍ଥାୟିତ୍ୱ ଏବଂ ମାନବିକ ମର୍ଯ୍ୟାଦାର ନୀତି ସହିତ ଜିନ୍ଦଲ ଫାଉଣ୍ଡେଶନର ପଦକ୍ଷେପଗୁଡ଼ିକୁ ସମନ୍ୱିତ କରି ସାମାଜିକ, ଆର୍ଥିକ ଏବଂ ପରିବେଶଗତ ଭାବରେ ଉନ୍ନତି କରିପାରୁଥିବା ସ୍ଥିର ସମ୍ପ୍ରଦାୟ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସୂଚନାଥାଉ କି, ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର ସଭାପତି ଏବଂ ଗୋଷ୍ଠୀ ମୁଖ୍ୟ (ସିଏସ୍‌ଆର୍ ଏବଂ ଶିକ୍ଷା) ପ୍ରଶାନ୍ତ ହୋତା ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଅଧିବେଶନରେ ସେ ସିଏସ୍‌ଆର୍ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ବିଭିନ୍ନ ରଣନୀତି ଏବଂ ଉପାୟ ଉପରେ ଆଲୋକପାତ କରିଥିଲେ।



ଶାଲୁ ଜିନ୍ଦଲ


# ମନେ ପଡ଼ନ୍ତି

### ୩୫ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଟବର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
ଚାହୁଁ ଚାହୁଁ ୩୫ବର୍ଷ ବିତିଗଲା । ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମ୍ଭମାନଙ୍କର ମାନସପଟରୁ ଲିଭିନି, ଅଦ୍ୟାବଧି ତାହା ଆମ୍ଭର ମାର୍ଗ ଦର୍ଶନ କରୁଅଛି । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।
ଆପଣଙ୍କର ପରିବାରବର୍ଗ: ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ, ଓମ୍ ଟେକ୍ସଟାଇଲ, ମାଳତୀ ନିବାସ ।
ଧ-2463

### ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀ



ସ୍ୱ/ଡାକ୍ତର ପ୍ୟାରୀ ମୋହନ ସିଂହ
ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧
ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ଚଉଦ ବର୍ଷ ହୋଇଗଲା । ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ । ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ । ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା ।
ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା ।
ଧ-2462

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ/ମହେନ୍ଦ୍ର କୁମାର ଦାସ
ଆବିର୍ଭାବ: ୨୭.୧୧.୧୯୪୪ ତିରୋଧାନ: ୧୨.୧୧.୨୦୨୪
(ବିଡ଼ାନାସୀ, କଟକ)
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ।
ନ ହନ୍ୟତେ ହନ୍ୟମାନେ ଶରୀରେ । ।
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆର୍ଶୀବାଦ, କର୍ତ୍ତବ୍ୟପରାୟଣତା ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ । ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇରହିବ । ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ ।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୬୮୬

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ/ସୁନୀତା ସ୍ୱାଇଁ
ଆବିର୍ଭାବ- ତା.୨୦.୦୬.୧୯୬୫
ତିରୋଧାନ- ତା.୨୪.୧୧.୨୦୨୩
(ଶୁକ୍ରବାର, କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ)
ସମୟ ଚକ୍ରରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ତୁମର ମଧୁର ସ୍ମୃତି, ସ୍ନେହ, ଶ୍ରଦ୍ଧା ତଥା ପ୍ରତିଟି କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ ନିସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ସଚ୍ଚୋଟ ସାଥିର ଅନୁପସ୍ଥିତି ସଦେବ ଅନୁଭୂତ ଏବଂ ଅପୂରଣୀୟ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ସ୍ୱାମୀ-ଦେବରାଜ ସ୍ୱାଇଁ, ଜ୍ୟେଷ୍ଠ ପୁତ୍ର-ଶୁଭାଂଶୁ, ପୁତ୍ରୀ-ପୁନମ୍, କନିଷ୍ଠ ପୁତ୍ର-ସମିତ୍, ଜାମାତା-ଶୀତାଂଶୁ, ଜ୍ୟେଷ୍ଠ ପୁତ୍ରବଧୂ-ଆକସ୍ମିକା, କନିଷ୍ଠ ପୁତ୍ରବଧୂ-ସୌମ୍ୟା, ନାତୁଣୀ ତ୍ରୟ-ସ୍ୱୟଂସିଦ୍ଧି, ସୁଦୀକ୍ଷା, ସମୀକ୍ଷା ତଥା ସମ୍ପୂର୍ଣ୍ଣ ସ୍ୱାଇଁ ପରିବାର।
ରାମଚନ୍ଦ୍ରପୁର, ପିତଳ, ଗଞ୍ଜାମ


# ୟୁକୋ ବ୍ୟାଙ୍କ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର,୧।୧୧





ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା ସହଯୋଗରେ ଜାତୀୟ ସତର୍କତା ସପ୍ତାହ ପାଳନ କରାଯାଇଛି। ଏ ଅବସରରେ ନେତାଜୀ ସ୍କୁଲ ଏବଂ କଲେଜ ଅଫ ନର୍ସିଂଠାରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଶାଖା ପରିଚାଳକ ସନ୍ତୋଷ କୁମାର ସାହାନି ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ଦୈନନ୍ଦିନ ଜୀବନ ଓ ଜନସେବାରେ ସତର୍କତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ଅନୁଷ୍ଠାନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ସତର୍କତାର ଭୂମିକାକୁ ଆଲୋକପାତ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁଥିରେ ବିଜୟଲକ୍ଷ୍ମୀ ପ୍ରଧାନ, ଶୁଭଲକ୍ଷ୍ମୀ ପାଣି ଏବଂ ଶାଶ୍ୱତୀ ସ୍ୱରୂପା ଶୁକ୍ଲା ଶ୍ରେଷ୍ଠ ୩ ଜଣ ବିଜେତା ଭାବରେ ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡ.ବିଜନ କୁମାର ଜେନା, ସିଇଓ ରଶ୍ମିତା ଜେନା ଏବଂ ବ୍ୟାଙ୍କ ଅଧିକାରୀ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ମାନବ ଶୃଙ୍ଖଳ ଗଠନ

ଭୁବନେଶ୍ୱର,୧।୧୧





ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ଏକ ମାନବ ଶୃଙ୍ଖଳ ଗଠନ ଓ ୱାକାଥନ କରାଯାଇଥିଲା। ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ବିକାଶ କ୍ରୀଷ୍ଣା, ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ରଜନୀକାନ୍ତ ଭୂୟାଁ, ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ଏସ୍‌ଏମ୍‌ଇସିସିର ସହାୟକ ମହାପ୍ରବନ୍ଧକ ଏସ୍.କେ ମହାନ୍ତି, ଜୟଦେବ ବିହାର ଶାଖାର ସହାୟକ ମହାପ୍ରବନ୍ଧକ ସୌମ୍ୟରଞ୍ଜନ ବେହେରା ଥିଲେ।

ଧରିତ୍ରୀ 51 Years
ଧରିତ୍ରୀ DHARITRI



# ପେସାଦାର ଟେନିସ୍‌ରୁ ବୋପାନ୍ନାଙ୍କ ଅବସର



ରୋହନ ବୋପାନ୍ନା।

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ଭାରତୀୟ ଟେନିସ୍ ଭେଟେରାନ ରୋହନ ବୋପାନ୍ନା ଶନିବାର ପେସାଦାର ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିଯୋଗୁ ତାଙ୍କର ଦୁଇ ଦଶନ୍ଧି ଲମ୍ବା ଏଟିପି ଟୁର କ୍ୟାରିୟର ଶେଷ ହୋଇଛି। ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ୪ ଭାରତୀୟଙ୍କ ମଧ୍ୟରୁ ସେ ଅନ୍ୟତମ ଥିଲେ। ୪୫ ବର୍ଷୀୟ ବୋପାନ୍ନା ଚଳିତ ପ୍ୟାରିସ ମାଷ୍ଟର୍ସରେ ତାଙ୍କର ଅନ୍ତିମ ମ୍ୟାଚ୍ ଖେଳିଥିଲେ। କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବଲିକଙ୍କ ସହ ଯୋଡ଼ି କରି ଖେଳିଥିବା ବୋପାନ୍ନା ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ବୋପାନ୍ନା ତାଙ୍କ ନିଷ୍ପତ୍ତି ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି।

‘‘ମୁଁ ଆନୁଷ୍ଠାନିକ ଭାବେ ଟେନିସ୍‌ରୁ ଅବସର ନେଉଛି। ଏହା ବିଦାୟ କିନ୍ତୁ ଅନ୍ତ ନୁହେଁ। ଜୀବନକୁ ତା’ର ଅର୍ଥ ଦେଇଥିବା ଖେଳରୁ ତୁମେ କେଉଁ ଭଳି ବିଦାୟ ନେବ। ୨୦ ଅବିସ୍ମରଣୀୟ ବର୍ଷ ପରେ ବିଦାୟର ସମୟ ହୋଇଯାଇଛି। ଭାରତର ଏକ ଛୋଟ ସହର କୁର୍ଗଠାରୁ ଆରମ୍ଭ କରିବାଠାରୁ ସର୍ଭକୁ ମଜଭୁତ କରିବା ପାଇଁ କାଠ କାଟିବା, ଷ୍ଟାମିନା ବଢ଼ାଇବା ପାଇଁ ଦୀର୍ଘ ସମୟ ଜଗିଂ କରିବା ଓ ବିଶ୍ୱର ସର୍ବବୃହତ୍ ଏରିନାରେ ସ୍ୱପ୍ନ ପୂରା କରିବା ପର୍ଯ୍ୟନ୍ତ ସବୁକିଛି ଅବାସ୍ତବ ଲାଗୁଛି। ମୁଁ ଯେତେ ଥର କୋର୍ଟକୁ ଓହ୍ଲାଇଛି, ତାହା ପ୍ରତ୍ୟେକ ଥର ମୋତେ ଧୈର୍ଯ୍ୟ, ସ୍ଥିରତା, ପୁଣି ଥରେ ଲଢ଼େଇ କରିବା ଶିକ୍ଷା ଦେଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ମୋତେ ମନେପକାଇ ଦିଏ ଯେ, ମୁଁ କାହିଁକି ଆରମ୍ଭ କରିଥିଲି ଏବଂ ମୁଁ କିଏ’’ ବୋଲି ବୋପାନ୍ନା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ତାଙ୍କ ବାପା-ମା’ଙ୍କର ବଳିଦାନ, ଭଉଣୀ ରଶ୍ମିର ପ୍ରୋତ୍ସାହନ ଓ ସ୍ତ୍ରୀ ସୁପ୍ରିୟାଙ୍କୁ କୋର୍ଟ ବାହାରେ ସବୁଠୁ ଭଲ ପାର୍ଟନର ହେବା ପାଇଁ ଧନ୍ୟବାଦ୍ କହିଛନ୍ତି। ଗତ ବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ ଭାରତୀୟ ଦଳ କ୍ୟାରିୟର ଶେଷ କରିଥିଲେ। ସେ ୨୦୨୩ରେ ଡେଭିସ କପ୍ କ୍ୟାରିୟର ଶେଷ କରିଥିଲେ। ଅନ୍ତିମ ଥର ଲକ୍ଷ୍ନୌଠାରେ ମରୋକୋ ବିପକ୍ଷରେ ଡେଭିସ କପ୍ ମ୍ୟାଚ୍ ଖେଳିଥିଲେ।

୨୦୦୦ ମସିହାରେ ପେସାଦାର ପାଲଟିଥିବା ବୋପାନ୍ନା ଦେଶର ସବୁଠୁ ସଫଳ ଡବଲ୍ସ ଖେଳାଳି ଥିଲେ। ଏହି ଡବଲ୍ସ ସ୍ପେଶାଲିଷ୍ଟ ଅନେକ ଡେଭିସ କପ୍ ମ୍ୟାଚ, ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସେ ୨୦୧୭ ଫ୍ରେଞ୍ଚ ଓପନ ମିକ୍ସଡ ଡବଲ୍ସରେ କାନାଡାର ଗାବ୍ରିଏଲା ଡାବ୍ରୋସ୍କିଙ୍କ ସହ ମିଶି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହାପରେ ୨୦୨୪ରେ ମାଥ୍ୟୁ ଏବଡେନଙ୍କ ସହ ଅଷ୍ଟ୍ରେଲିଆ ଓପନ ପୁରୁଷ ଡବଲ୍ସ ଟାଇଟଲ ହାତେଇଥିଲେ। ୨୦୨୩ରେ ସେ ଏବଡେନଙ୍କ ସହ ଇଣ୍ଡିଆନ ୱେଲ୍ସ ଟ୍ରଫି ଜିତିବା ସହ ୪୩ ବର୍ଷରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏଟିପି ମାଷ୍ଟର୍ସ ଚାମ୍ପିୟନ ହୋଇଥିଲେ। ସେ ୨୦୨୪ରେ ଅଷ୍ଟ୍ରେଲିଆ ଓପନ ଜିତିବା ପରେ ୪୩ ବର୍ଷ ବୟସରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଡବଲ୍ସରେ ୱାର୍ଲ୍ଡ ନଂ-୧ ହୋଇଥିଲେ।

## କ୍ୟାରିୟର ରେକର୍ଡ

| | |
|---|---|
| **ଡବଲ୍ସ** | |
| ବିଜୟ-ପରାଜୟ | ୫୩୯-୪୧୦ |
| ମୋଟ ଟାଇଟଲ | ୨୬ |
| ସର୍ବାଧିକ ର୍‍ୟାଙ୍କିଙ୍ଗ୍ | ୱାର୍ଲ୍ଡ ନଂ-୧ (ଜାନୁଆରୀ, ୨୦୨୪) |
| **ଗ୍ରାଣ୍ଡସ୍ଲାମ ଡବଲ୍ସ** | |
| ଅଷ୍ଟ୍ରେଲିଆନ ଓପନ | ଚାମ୍ପିୟନ (୨୦୨୪) |
| ଫ୍ରେଞ୍ଚ ଓପନ | ସେମିଫାଇନାଲ (୨୦୨୨ ଓ ୨୦୨୪) |
| ୱିମ୍ବଲଡନ | ସେମିଫାଇନାଲ (୨୦୧୩, ୨୦୧୫, ୨୦୨୩) |
| ୟୁଏସ୍ ଓପନ | ରନରଅପ୍(୨୦୧୦ ଓ ୨୦୨୩) |
| **ମିକ୍ସଡ୍ ଡବଲ୍ସ** | |
| ଅଷ୍ଟ୍ରେଲିଆନ ଓପନ | ରନରଅପ୍ (୨୦୧୮ ଓ ୨୦୨୩) |
| ଫ୍ରେଞ୍ଚ ଓପନ | ଚାମ୍ପିୟନ (୨୦୧୭) |
| ୱିମ୍ବଲଡନ | କ୍ୱାର୍ଟର ଫାଇନାଲ (୨୦୧୧, ୨୦୧୨, ୨୦୧୩, ୨୦୧୭) |
| ୟୁଏସ୍ ଓପନ | ସେମିଫାଇନାଲ (୨୦୧୫ ଓ ୨୦୨୪) |

# ଐତିହାସିକ ବିଶ୍ୱକପ୍ ବିଜୟ ଲକ୍ଷ୍ୟରେ ଭାରତ






ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

**ନଭି ମୁମ୍ବାଇ,୧।୧୧(ପି.ଟି.)**

ଭାରତୀୟ ମହିଳା କ୍ରିକେଟ ବର୍ତ୍ତମାନ ଏକ ଐତିହାସିକ କ୍ଷଣରେ ଛିଡ଼ା ହୋଇଛି। ପ୍ରଥମ ଆଇସିସି ଟ୍ରଫି ଲକ୍ଷ୍ୟରେ ଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ରବିବାର ଏଠାରେ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଛି। ଉଭୟ ଦଳ କଦାପି ବିଶ୍ୱକପ୍ ଜିତି ନ ଥିବାରୁ ୧୩ତମ ସଂସ୍କରଣର ଫାଇନାଲରେ ବିଶ୍ୱକୁ ନୂଆ ମହିଳା ଚାମ୍ପିୟନ ଦଳ ମିଳିବା ନିଶ୍ଚିତ। ଏହି ମ୍ୟାଚ୍‌ର ଫଳାଫଳ ମହିଳା କ୍ରିକେଟକୁ ଅପ୍ରତ୍ୟାଶିତ ସ୍ତରକୁ ପହଞ୍ଚାଇପାରେ। ଭାରତ ତୃତୀୟଥର ପାଇଁ ଫାଇନାଲ ଖେଳୁଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୩୪ଟି ଦିନିକିଆ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୨୦ ଥର ଓ ଦକ୍ଷିଣ ଆଫ୍ରିକା ୧୩ ଥର ବିଜୟୀ ହୋଇଛି। ଅନ୍ୟ ଏକ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି।

୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ୩୩୯ ରନର ବିଶାଳ ଟାର୍ଗେଟ୍ ପିଛା କରି ମିଳିଥିବା ବିଜୟ ଘରୋଇ ଦଳର ମନୋବଳକୁ ବୃଦ୍ଧି କରିଛି। ଏହି ଅବିଶ୍ୱସନୀୟ ବିଜୟ ପାଇଁ ଫାଇନାଲ ପୂର୍ବରୁ ଭାରତୀୟ ଦଳକୁ ଫେଭରାଇଟ୍ ଟ୍ୟାଗ ମିଳିଛି। କିନ୍ତୁ ଆଇସିସି ଓମେନ୍ସ ଟୁର୍ନାମେଣ୍ଟ ନକ୍‌ଆଉଟ୍ ମ୍ୟାଚ୍‌ରେ ଭାରତୀୟ ଦଳର ରେକର୍ଡ ଭଲ ନାହିଁ। ଭାରତ ୨୦୧୭ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡଠାରୁ ୯ ରନରେ ପରାଜିତ ହୋଇଥିବା ବେଳେ ୨୦୨୩ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ୫ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୨୨ କମନୱେଲଥ ଗେମ୍ସ ଫାଇନାଲରେ ମଧ୍ୟ ଅଷ୍ଟ୍ରେଲିଆଠାରୁ ଅଳ୍ପକେ ଭାରତୀୟ ଦଳ ପରାଜିତ ହୋଇଥିଲା।

ଫାଇନାଲରେ ଭାରତୀୟ ଦଳର ଶ୍ରେଷ୍ଠ ବ୍ୟାଟର ସ୍ମୃତି ମନ୍ଧାନାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ସେ ଟୁର୍ନାମେଣ୍ଟରେ ଏକ ଶତକ ସହ ୩୮୫ ରନ କରିଛନ୍ତି। ନଂ-୩ରେ ଖେଳୁଥିବା ଜେମିମାଙ୍କୁ ଦଳ ପାଇଁ ଆଙ୍କର ଭୂମିକା ତୁଲାଇବା ଦରକାର। ଡିୱାଇ ପାଟିଲ ଷ୍ଟାଡିୟମରେ ବ୍ୟାଟିଂ ଫ୍ରେଣ୍ଡଲି ପିଚ୍ ଓ ସନ୍ଧ୍ୟାରେ କାକରର ପ୍ରଭାବ ଦେଖାଯାଏ। ଏଣୁ ସେମିଫାଇନାଲ ଭଳି ଫାଇନାଲ ମଧ୍ୟ ହାଇ ସ୍କୋରିଂ ହୋଇପାରେ। ଏହା ଭାରତର ଫିଲ୍ଡିଂ ଓ ବୋଲିଂ ବିଭାଗର ପରୀକ୍ଷା ନେବ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପେସର କ୍ରାନ୍ତି ଗୌଡ଼ ଓ ରେଣୁକା ସିଂ ଠାକୁର ଲାଇନ୍ ଓ ଲେନ୍ଥକୁ ନେଇ ସଂଘର୍ଷ କରିଥିବା ବେଳେ ଅଧିନାୟିକା କୌର ଏକ ସହଜ କ୍ୟାଚ୍ ହାତଛଡ଼ା କରିଥିଲେ। ଦୀପ୍ତି ଶର୍ମା ଭାରତୀୟ ଦଳର ସଫଳତା ପଛର କାରଣ ସାଜି ପାରନ୍ତି। ସେ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସର୍ବାଧିକ ୧୭ ଉଇକେଟ ନେଇଛନ୍ତି।

ଲଗାତର ଦୁଇ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ଦଳ ପରବର୍ତ୍ତୀ ୩ ମ୍ୟାଚ୍‌ରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ଦ୍ୱାରରେ ପହଞ୍ଚିଥିଲା। ହେଲେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଜବରଦସ୍ତ ବିଜୟ ସହ ଟିମ୍ ଇଣ୍ଡିଆ ଏବେ ଟ୍ରଫିଠାରୁ ଅଳ୍ପ ଦୂରରେ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଖୁବ୍ ସଂଘର୍ଷ କରି ଫାଇନାଲରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟରେ ଇଂଲଣ୍ଡ ବିପକ୍ଷରେ ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନରେ ଅଲ୍‌ଆଉଟ ହୋଇଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଇଂଲଣ୍ଡକୁ ୧୨୫ ରନର ବଡ଼ ବ୍ୟବଧାନରେ ପରାସ୍ତ କରି ଟାଇଟଲ ମୁକାବିଲାରେ ସ୍ଥାନ ପକ୍କା କରିଛି। ଦଳ ପାଇଁ ଭେଟେରାନ ମାରିଜେନ କାପ (୨୦୪ ରନ ଓ ୧୨ ଉଇକେଟ), ନାଦିନେ ଡି କ୍ଲର୍କ (୧୯୦ ରନ ଓ ୮ ଉଇକେଟ), ତଜମିନ ବ୍ରିଟ୍ସ(୨୧୨ ରନ), କ୍ଲୋ ଟ୍ରାଇଅନ (୧୬୭ ରନ ଓ ୫ ଉଇକେଟ) ଓ ଅଧିନାୟିକା ଲୌରା ୱାଲଭାର୍ଡଟ (୪୭୦ ରନ) ଭଲ ପ୍ରଦର୍ଶନ କରିଛନ୍ତି। ଅଧିନାୟିକା ୱାଲଭାର୍ଡଟ ଓ ବ୍ରିଟ୍ସଙ୍କ ସ୍ଥିର ପ୍ରଦର୍ଶନ ଭାରତୀୟ ବୋଲରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ବାମହାତୀ ସ୍ପିନର ନନକୁଲୁଲେକୋ ଏମ୍‌ଲାବା (୧୨ ଉଇକେଟ) ଭାରତୀୟ ଦଳରେ ଭରି ରହିଥିବା ଡାହାଣହାତୀ ବ୍ୟାଟରଙ୍କ ଲାଗି ଚ୍ୟାଲେଞ୍ଜ ଛିଡ଼ା କରିବେ।

**ସମ୍ଭାବ୍ୟ ଭାରତୀୟ ଦଳ:** ସ୍ମୃତି ମନ୍ଧାନା(ଉପଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ହରମନପ୍ରୀତ କୌର(ଅଧିନାୟିକା), ଅମନଜୋତ କୌର, ରିଚା ଘୋଷ(ଉଇକେଟକିପର), ଦୀପ୍ତି ଶର୍ମା, କ୍ରାନ୍ତି ଗୌଡ଼, ରେଣୁକା ସିଂ ଠାକୁର, ଶ୍ରୀ ଚରନୀ, ରାଧା ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱାଲଭାର୍ଡଟ (ଅଧିନାୟିକା), ତଜମିନ ବ୍ରିଟ୍ସ, ମାରିଜେନ କାପ, ଆନେକେ ବୋଶ୍ଚ, ସୁନେ ଲୁସ,ସିନାଲୋ ଜାଫ୍ତା(ଉଇକେଟକିପର), ନାଦିନେ ଡି କ୍ଲର୍କ, କ୍ଲୋ ଟ୍ରାଇଅନ, ଆନେରି ଡର୍କସେନ, ନନକୁଲୁଲେକୋ ଏମ୍‌ଲାବା, ଆୟାବୋଙ୍ଗା ଖାକା।

**ସମୟ: ଅପରାହ୍ଣ ୩ଟା**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**

# ଓଡ଼ିଶା ବିପକ୍ଷରେ ଆନ୍ଧ୍ର ପ୍ରଦେଶ ୨୨୨/୩

**ଭୁବନେଶ୍ୱର,୧।୧୧(ଅନାଦି କର)**

କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଶନିବାର ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ରଣଜୀ ଟ୍ରଫି ତୃତୀୟ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ପ୍ରଦେଶ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ

## ରଣଜୀ ଟ୍ରଫି

କରି ୬୮ ଓଭରରେ ୩ ଉଇକେଟ ହରାଇ ୨୨୨ ରନ କରିଛି। ଦଳ ପାଇଁ ଅଭିଷେକ ରେଡ୍ଡୀ ୭୬ ଓ ଶ୍ରୀକର ଭରତ ୯୩ ରନର ପାଳି ଖେଳିଥିବା ବେଳେ ଅଧିନାୟକ ରିକି ଭୁଇ ଖାତା ଖୋଲିପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ଏସ୍ ବରାଳ ୨ ଓ ବାଦଲ ବିଶ୍ୱାଳ ଗୋଟିଏ ଉଇକେଟ ନେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଶେକ ରଶିଦ ୨୫ ଓ କିର୍ଦାନ୍ତ କରନ ଶିନ୍ଦେ ୧୬ ରନ କରି ଅପରାଜିତ ରହିଛନ୍ତି।



**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୬୮ ଓଭରରେ ୨୨୨/୩ (ଶ୍ରୀକର ଭରତ-୯୩, ଅଭିଷେକ ରେଡ୍ଡୀ-୭୬, ଶେକ ରଶିଦ-୨୫*, ସମ୍ବିତ ଏସ୍ ବରାଳ-୨/୩୨, ବାଦଲ ବିଶ୍ୱାଳ-୧/୫୨)।

# ଇଷ୍ଟର କାଶିକୁ ମିଳିଲା ଆଇ-ଲିଗ୍ ଟ୍ରଫି

**ବମ୍ବୋଲିମ,୧।୧୧(ପି.ଟି.)**

ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଶନିବାର ଆନୁଷ୍ଠାନିକ ଭାବେ ଇଣ୍ଟର କାଶି କ୍ଲବ୍‌କୁ ଆଇ-ଲିଗ୍ ଟ୍ରଫି ପ୍ରଦାନ କରିଛି। କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ (କାସ) ପଦାର୍ପଣକାରୀ ଇଣ୍ଟର କାଶିକୁ ଯୋଗ୍ୟ ଚାମ୍ପିୟନ ଘୋଷଣା କରିବା ପରେ ବାଧ୍ୟ ହୋଇ ଏଆଇଏଫ୍‌ଏଫ୍‌କୁ ଏଭଳି କରିବାକୁ ପଡ଼ିଛି। ସ୍ଥାନୀୟ ଜିଏମ୍‌ସି ଆଥ୍‌ଲେଟିକ ଷ୍ଟାଡିୟମରେ ଜାମଶେଦପୁର ଏଫ୍‌ସି ବିପକ୍ଷ ଇଣ୍ଟର କାଶିର ଅନ୍ତିମ ସୁପର କପ୍ ଗ୍ରୁପ୍ ମ୍ୟାଚ୍ ଶେଷ ହେବାପରେ ଏଆଇଏଫ୍‌ଏଫ୍ ପକ୍ଷରୁ ଟ୍ରଫି ପ୍ରଦାନ ଉତ୍ସବ ଆୟୋଜନ କରାଯାଇଥିଲା। ଚର୍ଚ୍ଚିଲ ବ୍ରଦର୍ସକୁ ଟ୍ରଫି ପ୍ରଦାନ କରିବା ନେଇ ଏଆଇଏଫ୍‌ଏଫ୍‌ର ଅପିଲ୍ସ କମିଟି ନେଇଥିବା ନିଷ୍ପତ୍ତିକୁ କାସ ଗତ ଜୁଲାଇରେ ଖାରଜ କରିବା ସହ ଇଣ୍ଟର କାଶି ଏଫ୍‌ସିକୁ ଆଇ-ଲିଗ୍ ୨୦୨୪-୨୫ ସିଜନ ଲାଗି ଚାମ୍ପିୟନ ଘୋଷଣା କରିବାକୁ ଫେଡେରେଶନକୁ ନିର୍ଦ୍ଦେଶ ଦେଇଥିଲା।

# ଜିତିଲେ ମହିଳାଙ୍କୁ ପୁରୁଷଙ୍କ ଭଳି ପୁରସ୍କାର

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳ ଐତିହାସିକ କ୍ଷଣରେ ଛିଡ଼ା ହୋଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଯଦି ଆଇସିସି ଟ୍ରଫି ଉଠାଇବାରେ ସଫଳ ହୁଏ, ତେବେ ବିସିସିଆଇ ପକ୍ଷରୁ ସେମାନଙ୍କୁ ଗତବର୍ଷ ଟି୨୦ ବିଶ୍ୱକପ୍ ଜିତିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଭଳି ୧୨୫ କୋଟି ଟଙ୍କାର ପୁରସ୍କାର ରାଶି ଦିଆଯିବ। ‘‘ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ବେତନକୁ ବିସିସିଆଇ ସମର୍ଥନ କରେ। ଏଣୁ ଯଦି ମହିଳାମାନେ ବିଶ୍ୱକପ୍ ଜିତନ୍ତି, ତେବେ ସେମାନଙ୍କୁ ବିଶ୍ୱକପ୍ ବିଜୟୀ ପୁରୁଷ ଦଳଠାରୁ କମ୍ ଦିଆଯାଇ ପାରିବ ନାହିଁ। କିନ୍ତୁ ଏ ସମ୍ପର୍କରେ ଘୋଷଣା କରିବା ଉଚିତ ହେବ ନାହିଁ’’ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

# ହାଜେଲଉଡ୍ ବିନା ଖେଳିବ ଅଷ୍ଟ୍ରେଲିଆ

**ହୋବାର୍ଟ, ୧।୧୧ (ପି.ଟି.)**

ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ଗତ ମ୍ୟାଚରେ ଶୋଚନୀୟ ପରାଜୟ ପରେ ଭାରତ ଏହି ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଘରୋଇ ଦଳ ଜୋଶ ହାଜେଲଉଡ୍‌ଙ୍କ ବିନା ପଡ଼ିଆକୁ ଓହ୍ଲାଇବ ବୋଲି ଜଣାପଡ଼ିବା ପରେ ଭ୍ରମଣକାରୀ

## ଆଜି ତୃତୀୟ ଟି୨୦

ଦଳର ବ୍ୟାଟରମାନଙ୍କ ମନରେ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି। ଗତ ମ୍ୟାଚରେ ହାଜେଲଉଡ୍‌ଙ୍କ ବୋଲିଂ ଭାରତୀୟ ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥିଲା। ଚଳିତମାସ ଶେଷ ଭାଗରେ ଆସେସ ଟେଷ୍ଟ ଆରମ୍ଭ ହେବ। ୫ ମ୍ୟାଚ ବିଶିଷ୍ଟ ଏହି କଠିନ ସିରିଜ ପୂର୍ବରୁ ଅଷ୍ଟ୍ରେଲିଆ ଏହାର ପ୍ରମୁଖ ବୋଲର ହାଜେଲଉଡ୍‌ଙ୍କୁ ବିଶ୍ରାମ ଦେଇଛି। ମେଲବୋର୍ନ ମ୍ୟାଚ ପରେ ଷ୍ଟାର ଓପନର ଅଭିଷେକ ଶର୍ମା କହିଛନ୍ତି, ଅଷ୍ଟ୍ରେଲିଆର ଏହି ସ୍ୱିଙ୍ଗଷ୍ଟର ଯେପରି ମାରାତ୍ମକ ସିମ୍ ବୋଲିଂ କରୁଥିଲେ ତାହା ସେ ପୂର୍ବରୁ କେବେ ସାମ୍ନା କରି ନ ଥିଲେ। ସେ ରବିବାର ମ୍ୟାଚ ନ ଖେଳିବା ଆମ ପାଇଁ ସ୍ୱାଭାବିକ ଆଶ୍ୱସ୍ତିର ବିଷୟ। କାରଣ ବାଉନ୍ସ ଓ ସିମ୍ ମୁଭ୍‌ମେଣ୍ଟକୁ ସାମ୍ନା କରିବାରେ ଭାରତୀୟ ବ୍ୟାଟରଙ୍କ ବୈଷୟିକ ତ୍ରୁଟି ରହିଛି। ସେ ତୁଳନାରେ ଜାଭିଏର ବାର୍ଟଲେଟ, ନାଥାନ ଏଲିସ ଓ ସିନ ଆବଟଙ୍କୁ ସାମନା କରିବା ତୁଳନାତ୍ମକ ଭାବେ ସହଜ ହେବ। ଉଭୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପ-ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ଷେତ୍ରରେ ଏକ୍ସଟ୍ରା ବାଉନ୍ସ ଓ ସିମ୍ ମୁଭ୍‌ମେଣ୍ଟ ବୋଲିଂକୁ ସାମ୍ନା କରିବା କଷ୍ଟସାଧ୍ୟ ମନେହେଉଛି। ହୋବାର୍ଟର ବେଲିରିଭ ଓଭାଲ ଏଭଳି ଏକ ଗ୍ରାଉଣ୍ଡ, ଯାହାର ସାଇଡ୍ ବାଉଣ୍ଡରିର ଆକାର ଛୋଟ। ଏହି ଗ୍ରାଉଣ୍ଡରେ ଚାମ୍ପିୟନ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ବିରାଟ କୋହଲି ୨୦୧୨ରେ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। ଶ୍ରୀଲଙ୍କା ବିପକ୍ଷ ଏକ ମ୍ୟାଚରେ ୩୨୧ ରନ ଚେଜ୍ କରୁଥିବା ବେଳେ ସେ ୧୩୩ ରନର ଏକ ଅପରାଜିତ ଇନିଂସ ଖେଳିଥିଲେ। ବେଲିରିଭ ଓଭାଲର ଟ୍ରାକ୍ ସାଧାରଣତଃ ହ୍ୱାଇଟ୍ ବଲ୍ ଗେମ୍ ପାଇଁ ଖୁବ୍ ଭଲ। ପିଚ୍‌ରେ ଏକ୍ସଟ୍ରା ବାଉନ୍ସ ଲକ୍ଷଣ ଥିବାରୁ ଭାରତ ଯଦି ୩ ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଏ ତେବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ହାସଲ କରିଥିବା ଏକମାତ୍ର ଭାରତୀୟ ବୋଲର ଅର୍ଶଦୀପଙ୍କୁ ହୁଏତ ଦଳରେ ପୁଣି ସ୍ଥାନ ନ ମିଳିପାରେ।

**ସମୟ: ଅପରାହ୍ଣ ୧.୪୫ ମିନିଟ୍**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ

# ଓଡ଼ିଶା ପୋଲିସ ଚାମ୍ପିୟନ

**ଭୁବନେଶ୍ୱର, ୧।୧୧ (ବିଜୟ ରଣା)**

ଓଡ଼ିଶା ପୋଲିସ, କଟକ ଏଠାରେ ଚାଲିଥିବା ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ଦଳ ଶନିବାର ଅନୁଷ୍ଠିତ ଫାଇନାଲରେ ନୀତା ଫୁଟ୍‌ବଲ ଏକାଡେମୀକୁ ୪-୧ ଗୋଲ୍‌ରେ ହରାଇ ଦେଇଛି। ସ୍ଥାନୀୟ ସିଟି କ୍ଲବ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଭୁବନେଶ୍ୱର ଫୁଟ୍‌ବଲ ଏକାମେଡୀ ପଡ଼ିଆରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲରେ ବିଜୟୀ ଦଳର ପ୍ୟାରୀ ଖାଖା ୩ଟି ଗୋଲ୍ ଏବଂ ଯଶୋଦା ମୁଣ୍ଡା ଗୋଟିଏ ଗୋଲ୍ ଦେଇଥିଲେ। ନୀତା ଫୁଟ୍‌ବଲ ଏକାଡେମୀ ତରଫରୁ ପ୍ରିୟାରୁବି ଦାସ ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ପ୍ୟାରୀ ଖାଖା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ଅତିଥି ଭାବେ ଯୋଗଦେଇଥିଲେ ଭାରତର ଅର୍ଥ ପରାମର୍ଶଦାତା ରାଜୀବ ଶେଖର ସାହୁ, ସୁରେଶ ରାଉତରାୟ, ଡ. ପ୍ରକାଶ ଶ୍ରୀଚନ୍ଦନ, ଭାଗ୍ୟଧର ଜଗଦ୍ଦେବ, ଆଦିତ୍ୟ ପ୍ରସାଦ ପାଢ଼ୀ, ନିରଞ୍ଜନ ମିଶ୍ର, ରଶ୍ମି ମହାପାତ୍ର, ସତ୍ୟବ୍ରତ ରଥ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ବୃନ୍ଦାବନ ଦଳବେହେରା, ଅଭିନେତା ସବ୍ୟସାଚୀ, ସିଟି କ୍ଲବ ସଭାପତି ସୌର୍ଯ୍ୟ ରଞ୍ଜନ ପରିଜା ଏବଂ ନନ୍ଦକିଶୋର ପଟ୍ଟନାୟକଙ୍କ ସହଧର୍ମିଣୀ ସଞ୍ଜୁ ପଟ୍ଟନାୟକ। ଏହି ଅବସରରେ ବିଜେତା ଦଳ ଓଡ଼ିଶା ପୋଲିସକୁ ଟ୍ରଫି ସହ ୩୧ ହଜାର ଟଙ୍କା ଏବଂ ଉପବିଜେତା ନୀତା ଫୁଟ୍‌ବଲ ଏକାଡେମୀକୁ ଟ୍ରଫି ସହ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୃଙ୍ଖଳିତ ଦଳ ଭାବେ ସୁନ୍ଦରଗଡ଼ର କୁଆଁରମୁଣ୍ଡା ଦଳକୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଖେଳାଳି ଓ ଷ୍ଟ୍ରାଇକର ଭାବେ ପ୍ୟାରୀ ଖାଖା, ଶ୍ରେଷ୍ଠ ଗୋଲ୍‌କିପର ଭାବେ ସସ୍ମିତା ପରିଡ଼ା, ଶ୍ରେଷ୍ଠ ଡିଫେଣ୍ଡର ଭାବେ ଅମ୍ବାଳିକା, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ଯଶୋଦା ମୁଣ୍ଡା ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ରିତୁ ବଦରିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଆଶୀର୍ବାଦ ବେହେରାଙ୍କୁ ଏବଂ କୋଚ୍ ଗଙ୍ଗରଥୀ ବେହେରା ଓ ବିଜୟ ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ପୋଲିସ ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ